

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୮ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 08 February 2026
Vol.No. 36 ■ No.37 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ପିଓକେକୁ ଭାରତର ଏକ ଅଂଶ ଭାବେ ମାନ୍ୟତା ଦେଲା ଆମେରିକା




## ମାନଚିତ୍ର ପୋଷ୍ଟ ମାଧ୍ୟମରେ ପାକିସ୍ତାନକୁ ବଡ଼ ଝଟକା

ନୂଆଦିଲ୍ଲୀ,୭/୨ : ଭାରତ ସହିତ ବାଣିଜ୍ୟ ଚୁକ୍ତି ପରେ, ଆମେରିକା ଏପରି ଏକ ପଦକ୍ଷେପ ନେଇଛି ଯାହା ପାକିସ୍ତାନକୁ ବଡ଼ ଝଟକା ଦେଇଛି । ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ଭାରତର ଏକ ମାନଚିତ୍ର ପ୍ରକାଶ କରିଛି। ଯେଉଁଥିରେ ସମଗ୍ର ଜମ୍ମୁ-କାଶ୍ମୀରକୁ ଭାରତର ଅଂଶ ଭାବରେ ଦର୍ଶାଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଢାଞ୍ଚା ପ୍ରକାଶ ପରେ ଏହି ମାନଚିତ୍ର ପୋଷ୍ଟ କରାଯାଇଛି । କାଶ୍ମୀର ପ୍ରସଙ୍ଗରେ ୱାଶିଂଟନର ସ୍ଥିତି ରହିଛି ଯେ, ଏହା ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବା ଉଚିତ। ସେପ୍ଟେମ୍ବର ୨୦୨୩ରେ, ଭାରତରେ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରଦୂତ ଏରିକ୍ ଗାର୍ସେଟି ଆମେରିକାର ସ୍ଥିତିକୁ ଦୋହରାଇ କହିଥିଲେ ଯେ, କାଶ୍ମୀର ସମସ୍ୟା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ଯାହା ଭାରତ ଓ ପାକିସ୍ତାନ ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ ହେବା ଉଚିତ। ଗତ ବର୍ଷ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାଶ୍ମୀର ସମ୍ପର୍କରେ ଅନେକ ମନ୍ତବ୍ୟ ଦେଇଥିଲେ ଯାହା ୱାସିଂଟନର ପୂର୍ବ ମତର ବିରୁଦ୍ଧାଚରଣ କରିଥିଲା। ଟ୍ରମ୍ପ ସିଧାସଳଖ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ କହିଥିଲେ, ହଜାର ବର୍ଷ ମଧ୍ୟରେ କାଶ୍ମୀର ସମସ୍ୟାର ସମାଧାନ ମିଳିପାରିବ କି ନାହିଁ ତାହା ମୁଁ ଦେଖିବାକୁ ଚାହେଁ। ଏବେ ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟରୁ ପୋଷ୍ଟରେ ଦେଖାଯାଇଥିବା ମାନଚିତ୍ରରେ ଜମ୍ମୁ-କାଶ୍ମୀରକୁ ଭାରତର ଅଂଶ ଭାବରେ ଦର୍ଶାଯାଇଛି। ଏହାକୁ ପାକିସ୍ତାନ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି। ଗତ କିଛି ମାସ ଧରି, ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସରକାର ଓ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିର ଟ୍ରମ୍ପଙ୍କ ଚାଟୁକାର ସାଜିବାରେ ବ୍ୟସ୍ତ ଅଛନ୍ତି। ଶାହବାଜଙ୍କ ସରକାର ଟ୍ରମ୍ପଙ୍କ ଗାଜା ଶାନ୍ତି ବୋର୍ଡରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ।

◆◆ପୃଷ୍ଠା ୭

# ଶୁଣାଣିରେ ସୀମିତ ମହାନଦୀ ଜଳ ବିବାଦ: ସମାଧାନର ବାଟ ଖୋଲିବ କେବେ ?



ଭୁବନେଶ୍ୱର, ୭/୨ (ନି.ପ୍ର): ଏପଟେ ମହାନଦୀ ଶୁଖି ଶୁଖି ଯାଉଛି । ସେପଟେ ନ୍ୟାୟ ପାଇଁ ତାରିଖ ଘୁଞ୍ଚି ଘୁଞ୍ଚି ଯାଉଛି । ହେଲେ ଉଭୟ ଶାସକ-ବିରୋଧୀ ମହାନଦୀକୁ ନ୍ୟାୟ ଦେବାକୁ କେବଳ କାଦୁଅ ଫିଙ୍ଗା ରାଜନୀତିରେ ବ୍ୟସ୍ତ । ସମାଧାନ ପାଇଁ ଯେପରି କାହାର ଆନ୍ତରିକତା ନାହିଁ । ବିଜେପି ସରକାର ଆପୋଷ ଆଲୋଚନାରେ ସମାଧାନର ଆଶା ବାନ୍ଧି ବସିଥିବା ବେଳେ ପ୍ରଶ୍ନ ଉଠାଇଛି ବିରୋଧୀ ବିଜେଡି । ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ୫୦ତମ ଶୁଣାଣି ସରିଛି । ହେଲେ ସମାଧାନ ପରିବର୍ତ୍ତେ ଓଡ଼ିଶାକୁ ପୁଣି ମିଳିଛି ନୂଆ ତାରିଖ । ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ପୁଣି ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି । ତେବେ ଶୁଣାଣି ପୂର୍ବରୁ ଟ୍ରିବ୍ୟୁନାଲର ଟିମ୍ କ୍ଷେତ୍ର ପରିଦର୍ଶନ କରିବ । ମହାନଦୀର ସ୍ଥିତି କଣ ଓ ଉଭୟ ରାଜ୍ୟ କଣ ଚାହୁଁଛନ୍ତି ସେନେଇ ମତ ରଖିବ ଟ୍ରିବ୍ୟୁନାଲ ଟିମ୍ । ଅନ୍ୟପଟେ ନ୍ୟାୟିକ ଲଢେଇ ସହ ଆପୋଷ ଆଲୋଚନାରେ ସମାଧାନର ବାଟ ଖୋଜୁଛନ୍ତି ସରକାର । ପୂର୍ବ ସରକାର ମୁଣ୍ଡରେ ମହାନଦୀ ବିବାଦର ଅଠା ବୋଲି ରାଜସ୍ୱ ମନ୍ତ୍ରୀ ।

◆◆ପୃଷ୍ଠା ୭

# ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି: ଗର୍ଗ



ଭୁବନେଶ୍ୱର, ୭/୨ (ନି.ପ୍ର):ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆସନ୍ତା ଫେବ୍ରୁଆରି ୧୮ ତାରିଖରୁ ଏବଂ ବାର୍ଷିକ ମାଧ୍ୟମିକ ପରୀକ୍ଷା ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଏବଂ ମଧ୍ୟମା ପରୀକ୍ଷା ଫେବ୍ରୁଆରି୧୯ରୁ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟ ଶାସନ ସଚିବ ସତର୍କ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହେଉଥିବା ସଂପୃକ୍ତ ସମସ୍ତଙ୍କୁ ଯଥେଷ୍ଟ ସତର୍କତା ଅବଲମ୍ବନପୂର୍ବକ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସଂପାଦନ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକମାନେ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍ ତିରୁମାଳା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା, ଉପ ଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର

◆◆ପୃଷ୍ଠା ୭

# ବଜେଟରେ ବଡ଼ ନିଷ୍ପତ୍ତି ନେବେ ସରକାର: ୩ ଲକ୍ଷ କୋଟି ଟପିବ ବଜେଟ୍



ଭୁବନେଶ୍ୱର, ୭/୨ (ନି.ପ୍ର): ଚଳିତ ରାଜ୍ୟ ବଜେଟ୍ ପାଇଁ ପ୍ରସ୍ତୁତି ଜାରି ରହିଥିବା ବେଳେ ପୂର୍ବ ବଜେଟରେ ମିଳିଥିବା ଟଙ୍କାକୁ କିଛି ବିଭାଗ ଏଯାଏଁ ଖର୍ଚ୍ଚ କରିପାରି ନାହାନ୍ତି । ଖର୍ଚ୍ଚ ବଢ଼ାଇବାକୁ ମୁଖ୍ୟ ଶାସନ ସଚିବ ତାଗିଦ କରିସାରିଛନ୍ତି । ଅନ୍ୟପଟେ ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ଗ୍ରାମାଞ୍ଚଳ ପାଇଁ ବଜେଟରେ କିଛି ବିଶେଷ ଘୋଷଣା କରାଯାଇପାରେ । ଆସନ୍ତା ୨୦ ତାରିଖରେ ତୃତୀୟ ଥର ପାଇଁ ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏଥିରେ କେଉଁ ବିଭାଗକୁ କେତେ ଗୁରୁତ୍ୱ ମିଳିବ, କେଉଁ ନୂଆ ଯୋଜନା ଆସିବ, ଯାହାକୁ ନେଇ ଯୁଦ୍ଧକାଳୀନ ଭିତରେ ଚାଲିଛି ପ୍ରସ୍ତୁତି । ଅର୍ଥ ବିଭାଗ ପକ୍ଷରୁ ଚାଲିଛି ମାରାଥନ୍ ପ୍ରସ୍ତୁତି । କିଛି ଦିନ ପୂର୍ବରୁ ପୂର୍ବତନ ଅର୍ଥମନ୍ତ୍ରୀ, ପୂର୍ବତନ ଅର୍ଥ ସଚିବ, ବିଶେଷଜ୍ଞ, ବ୍ୟବସାୟୀଙ୍କୁ ଡାକି ମତାମତ ଲୋଡ଼ିଥିଲେ । ହେଲେ ସବୁଠୁ ବଡ଼ କଥା ହେଉଛି, ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ । ତେଣୁ ଗାଁ ଭୋଟ୍ ଜିତିବା ପାଇଁ ମୋହନ ସରକାର କିଛି ମାଷ୍ଟର ଷ୍ଟ୍ରୋକ୍ ମାରିପାରନ୍ତି । ୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତ ହେଉଛି । ହେଲେ ଗୁରୁତ୍ୱପୂର୍ଣ୍ଣ ହେଲା, ପୂର୍ବ ବର୍ଷର ବଜେଟ୍ ଅନୁଦାନ ଆଶାନୁରୂପ ଭାବେ ଖର୍ଚ୍ଚ ହୋଇ ପାରି ନାହିଁ ।

◆◆ପୃଷ୍ଠା ୭

# ଲୋକଙ୍କ ଅଭିଯୋଗ ଶୁଣିଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୭/୨ (ନି.ପ୍ର): ଆଜି ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଠାରେ ଜନ ଅଭିଯୋଗ ଶୁଣାଣି କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ସମସ୍ୟା ନେଇ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେଗୁଡ଼ିକ କିପରି ତୁରନ୍ତ ସମାଧାନ କରାଯାଇପାରିବ ସେ ନେଇ ଆଲୋଚନା କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ନାଗରିକମାନଙ୍କ ସମସ୍ୟା ଓ ତାହାର ସମାଧାନ ମୋ ପାଇଁ ସର୍ବୋପରି। ପ୍ରତ୍ୟେକ ଅଭିଯୋଗକୁ ଗଭୀରତାର ସହିତ ନେଇ ତାହାର ଯଥାଶୀଘ୍ର ସମାଧାନ ନିମନ୍ତେ ସମ୍ବନ୍ଧିତ ବିଭାଗକୁ ଯଥାଯଥ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟରେ ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ : ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର, ୭/୨ (ନି.ପ୍ର): ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ଆଇନ ଲାଗୁ ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ଏହି ନୂଆ ଅବକାରୀ ଆଇନକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ଆହୁରି ଜୋରଦାର କରାଯିବ। ରାଜ୍ୟରେ ଅବୈଧ ନିଶା କାରବାର ରୋକିବା ପାଇଁ କଢ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ନୂଆ ବ୍ୟବସ୍ଥା ଅନୁଯାୟୀ, ରେଡ୍ ଓ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ ସମୟରେ ଅବକାରୀ ଏନଫୋର୍ସମେଣ୍ଟ ଟିମ୍‌ର ସଦସ୍ୟମାନେ ବଡି କ୍ୟାମେରା ପିନ୍ଧିବେ। ଏହା ଫଳରେ ତଦନ୍ତକାରୀ ଅଫିସରମାନେ କୋର୍ଟରେ ଭିଡିଓ ପ୍ରମାଣ ପ୍ରଦାନ କରିପାରିବେ। ପ୍ରମାଣ ଅଭାବରୁ ଅଭିଯୁକ୍ତମାନେ ଆଉ ଖସି ପାରିବେନି ବୋଲି ମନ୍ତ୍ରୀ କହିଛନ୍ତି।

# ୨୧ ମାଓବାଦୀଙ୍କ ଆତ୍ମସମର୍ପଣ: ମୁଣ୍ଡରେ ଥିଲା ୭୬ ଲକ୍ଷ ପୁରସ୍କାର



ମାଲକାନଗିରି, ୭/୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ସକ୍ରିୟ ଥିବା ୨୧ ଜଣ ନକ୍ସଲ ପଡୋଶୀ ଛତିଶଗଡ଼ର ସୁକମା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବସ୍ତର ଆଇଜି ସୁନ୍ଦରରାଜ ପି ଏବଂ ଏସପି କିରଣ ଚୌହାନଙ୍କ ସମ୍ମୁଖରେ ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିଥିବା ୨୧ ଜଣ ନକ୍ସଲଙ୍କ ମୁଣ୍ଡରେ ୭୬ ଲକ୍ଷ ଟଂକାର ପୁରସ୍କାର ରହିଛି। ଏମାନେ ହେଲେ ୮ ଲକ୍ଷ ଘୋଷିତ ଡିଭିସିଏମ ସଦସ୍ୟ ସୋଡି ମହେଶ(୩୫), ପଡିଆମ ରାଜୁ(୩୦) ଏବଂ କାରମ ମମତା, ୫ ଲକ୍ଷ ଘୋଷିତ ଏସିଏମ କୁଞ୍ଜାମ ଦେବେ, ମାଡବୀ ମଞ୍ଜୁ, କୁମାରୀ ରାମବତୀ, ପୋଡିଆମ କୋସି ଏବଂ ଲେକାମ ଲିଙ୍ଗେ, ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ମାଡକମ ବିରା, ରବା ଭୀମା, ପୋଟେମ ମୋଟ୍ଟୁ, କୁଞ୍ଜାମ ଲଖମା, ନୁପୋ ହୁଙ୍ଗା, ସୋଡି ମାଙ୍ଗଡି, ମାଡବୀ ବିମଳା, ମୁଚାକି ବଣ୍ଡି, ମାଡକମ ରୀତା, ସୀମଲା ଓରଫ ରତନା, ମାଡବୀ କବିତା, କାରମ

◆◆ପୃଷ୍ଠା ୭

# ବିକଶିତ ଓଡ଼ିଶାକୁ ମିଳିବ ବଳ: ଭୁବନେଶ୍ୱର, କଟକ, ପୁରୀ ଓ ପାରାଦ୍ୱୀପ ହେବ ଅର୍ଥନୈତିକ କରିଡର




ଭୁବନେଶ୍ୱର, ୭/୨ (ନି.ପ୍ର): ଦେଶର ଶ୍ରେଷ୍ଠ ସହର ସହ ପ୍ରତିଯୋଗିତା କରିବ ଓଡ଼ିଶାର ସହର । ଅର୍ଥନୈତିକ କ୍ଷେତ୍ରରେ ସୃଷ୍ଟି ହେବ ନୂଆ ସମ୍ଭାବନା । ଏଥିପାଇଁ ନୀତି ଆୟୋଗର ପରିକଳ୍ପନାରେ ମୋହର ମାରିଛନ୍ତି ମୋହନ ସରକାର । ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ କରିଡରର ଶୁଭାରମ୍ଭ ସହ ଓଡ଼ିଶା ବିକାଶର ନୂଆ ଫର୍ଦ୍ଦ ଓଲଟାଇଛନ୍ତି ମୁଖ୍ୟମନ୍ତ୍ରୀ । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡରର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିସିପିପିଇଆର ହେବ ଓଡିଶା ଭିଜନ ୨୦୪୭ର ମୁଖ୍ୟ ଗ୍ରୋଥ ଇଞ୍ଜିନ । ଏହି ଅଂଚଳରେ ୪ଟି ଜିଲ୍ଲା ପୁରୀ-ଖୋର୍ଦ୍ଧା-କଟକ-ଜଗତସିଂହପୁର ସାମିଲ୍ । ୧୧ ହଜାର ୮୯୨ ବର୍ଗ କିଲୋମିଟରରେ ଅଞ୍ଚଳରେ ଲେଖାଯିବ ଓଡ଼ିଶା ବିକାଶର ନୂଆ ଅଧ୍ୟାୟ । ପୁରୀର ସାଂସ୍କୃତିକ ଗରିମା, ପାରାଦୀପ ବନ୍ଦର ନଗର, ଆଇଟି ଏଜୁକେସନ ହବ୍ ଭୁବନେଶ୍ୱର, ଐତିହ୍ୟସମ୍ପନ୍ନ କଟକ ସହର ଏ ଅଞ୍ଚଳକୁ ଭିନ୍ନ ପରିଚୟ ଦେବ । କେନ୍ଦ୍ର ବଜେଟରେ ଏନେଇ ପ୍ରାବଧାନ ଥିବା ବେଳେ ନୀତି ଆୟୋଗ ମଧ୍ୟ ଓଡ଼ିଶାକୁ ସହଯୋଗ କରିଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ପାଲଟିବ BCPPER ପ୍ରକଳ୍ପ । ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ ପ୍ରଥମ ୫ଟି ମଧ୍ୟରେ BCPPER ରହିଛି । ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ପଞ୍ଚମ ଯୋଜନା । ଏହି ସିଟି ଇକୋନୋମିକ ରିଜିଅନର ବିକାଶ ପାଇଁ କେନ୍ଦ୍ର ଦେବ ୫ ହଜାର କୋଟି । ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହା ସହାୟକ ହେବା ସହ ଅନ୍ୟ ଜିଲ୍ଲାର ବଡ ସହର ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେବ ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ । ଏହି ରିଜିଅନ ଜରିଆରେ ବିକଶିତ ଭାରତକୁ ବଳ ଦେବ ଓଡ଼ିଶା ।

# ୨୫ ବର୍ଷ ପରେ ଶିବସେନା ହାତରୁ ଯିବ ମୁମ୍ବାଇ ମେୟର ପଦ: ବିଜେପିର ରିତୁ ତାୱ୍ଡେଙ୍କୁ ମିଳିବ ଦାୟିତ୍ୱ



ନୂଆଦିଲ୍ଲୀ,୭/୨ : ବିଜେପିର ରିତୁ ତାୱ୍ଡେ ହେବେ ମୁମ୍ବାଇର ମେୟର। ଦୀର୍ଘ ୨୫ ବର୍ଷ ମଧ୍ୟରେ ପ୍ରଥମଥର ମୁମ୍ବାଇ ମେୟର ଭାବେ ଦାୟିତ୍ୱ ନେବେ ଜଣେ ଅଣ ଶିବସେନା ନେତା। କାରଣ ଦୀର୍ଘ ୨୫ ବର୍ଷ ହେଲା ଶିବସେନା ମୁମ୍ବାଇ ମେୟର ପଦ ନିଜ ପାଖରେ ରଖି ଆସିଥିଲା। ବିଜେପି ନେତ୍ରୀ ରିତୁ ତାୱ୍ଡେ ହେଉଛନ୍ତି ଘାଟକୋପାର କର୍ପୋରେଟର। ବ୍ରିହାନମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ(ବିଏମସି)ରେ ସେ ଶିକ୍ଷା କମିଟିର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।

◆◆ପୃଷ୍ଠା ୭

# ଦନ୍ତା ଆକ୍ରମଣରେ ପୁଣି ଜଣେ ଯୁବକଙ୍କ ମୃତ୍ୟୁ

ଖୋର୍ଦ୍ଧା, ୭/୨ (ନି.ପ୍ର): ଦନ୍ତା ହାତୀ ନେଲା ପୁଣି ଜଣେ ଯୁବକଙ୍କ ଜୀବନ। ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ଯୁବକ ହେଲେ ଖଡିପଦର ଗ୍ରାମର ଶଙ୍କର ରାଉତରାୟ ବୋଲି ଜଣାପଡିଥିବା। ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗି ରେଞ୍ଜ ଜଙ୍କିଆ ଥାନା ଅନ୍ତର୍ଗତ ଖଡିପଦର ଗ୍ରାମ ନିକଟରେ ଦନ୍ତାହାତୀ ଆକ୍ରମଣ କରିଛି । ଏହି ଘଟଣା ପରେ ଉତ୍ୟକ୍ତ ଲୋକେ ନୂଆ ଜଗନ୍ନାଥ ସଡକ ଉପରେ ଟାୟାର ଜାଳି ଅବରୋଧ କରିଛନ୍ତି । ସୂଚନା ଅନୁଯାୟୀ ଯେ, ଆଜି ଭୋର ସମୟରେ ଶଙ୍କର ଏକ ସାଇକେଲ ଯୋଗେ ଖଡିପଦର ରାସ୍ତାରେ ଯାଉଥିବା ସମୟରେ ଦନ୍ତା ହାବୁଡରେ ପଡିଥିଲେ। ଦନ୍ତା ଶଙ୍କରକୁ ହଠାତ ଆକ୍ରମଣ କରିଥିଲା। ଦନ୍ତା ଆକ୍ରମଣରେ ଶଙ୍କର ମୁଣ୍ଡଟି ଶରୀରୁ ଅଲଗା ହୋଇଯାଇଥିଲା । ପରିବାର ଲୋକେ ଓ ସ୍ଥାନୀୟ ଲୋକେ ହାତୀ ଉପଦ୍ରବରୁ ରକ୍ଷା ପାଇବା ନିମନ୍ତେ ମୃତକକୁ କ୍ଷତିପୂରଣ ଦେବା ଦାବିରେ ନୂଆ ଜଗନ୍ନାଥ ସଡକ ଅବରୋଧ କରି ପ୍ରତିବାଦ କରିଛନ୍ତି ।ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଛି । ବନବିଭାଗ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଂଚି ନଥିବାରୁ ଅସନ୍ତୋଷ ଦେଖାଦେଇଛି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୭/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ 'କାର୍ଯ୍ୟସ୍ଥଳରେ ମହିଳାଙ୍କର ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସାଳନ୍ଦୀ ଡିଗ୍ରୀ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ। ତାପସ କୁମାର ମହାନ୍ତି, ପୁରୁଣ। ବଜାର ଥାନା ଅଧିକାରୀ, ଭଦ୍ରକ, ଶ୍ରୀ ସୁଶାନ୍ତ କୁମାର ସାହୁ , ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ରାଜଶ୍ରୀ ନାୟକ, ଅନ୍ୟ ଅଧ୍ୟାପକ ଲିପିପୁଷ୍ପ। ନାୟକ, ଜ୍ୟୋତିଶ୍ରୀ ଖୁଣ୍ଟିଆ ତଥା କଲେଜର ଛାତ୍ର ଛାତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତ୍ୟବରେ କହିଥିଲେ ଯେ ଆଧୁନିକ ସମାଜରେ ମହିଳାମାନେ ଘରୁ ବାହାରି ସମାଜର ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ତେବେ କାର୍ଯ୍ୟସ୍ଥଳରେ ସେମାନଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରସଙ୍ଗ। କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନରୁ ରକ୍ଷା କରିବା ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ଯୋଗାଇ ଦେବା ଉଦ୍ଦେଶ୍ୟରେ ଭାରତ ସରକାର 'କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ' (ପୋଶ ଆକ୍ଟ ) ପ୍ରଣୟନ କରିଛନ୍ତି। ଏହି ଆଇନ ସରକାରୀ, ବେସରକାରୀ, ସଙ୍ଗଠିତ ଏବଂ ଅସଙ୍ଗଠିତ ସମସ୍ତ କ୍ଷେତ୍ରରେ ପ୍ରଯୁଜ୍ୟ। ଏଥିରେ ଶାରୀରିକ ସମ୍ପର୍କ, ଅଶ୍ଳୀଳ ଇଙ୍ଗିତ, ଅଶ୍ଳୀଳ ଟିପ୍ପଣୀ, ପର୍ଣ୍ଣୋଗ୍ରାଫି ଦେଖାଇବା, ଏବଂ ଯୌନ ସମ୍ବନ୍ଧୀୟ କୌଣସି ଅବାଞ୍ଛିତ ବ୍ୟବହାର ଅନ୍ତର୍ଭୁକ୍ତ। ୧୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ଥିବା ପ୍ରତ୍ୟେକ ପ୍ରତିଷ୍ଠାନରେ ଏକ ଓ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବା ବାଧ୍ୟତାମୂଳକ।

# ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜନାର୍ଦ୍ଦନପୁରର ବାର୍ଷିକ ଉତ୍ସବ ୨୦୨୫ -୨୬ ଅନୁଷ୍ଠିତ

କେନ୍ଦୁଝର, ୭/୨ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜନାର୍ଦ୍ଦନପୁରର ବାର୍ଷିକ ଉତ୍ସବ ୨୦୨୫ -୨୬ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଗୋପୀନାଥ ରାମ ଯୋଗଦେଇ ବିଦ୍ୟାର୍ଥୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ମାଧମରେ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଇସୁଆଁ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ସାହୁ ଯୋଗଦେଇ ଅଭିଭାଷଣ ମାଧ୍ୟମରେ କହିଥିଲେ ନିଜକୁ ସଠିକ ଭାବେ ଉପଯୋଗ କରିପାରିଲେ ସଫଳତା ସୁନିଶ୍ଚିତ। ସେହିପରି ସମ୍ମାନିତ ଅତିଥିଭାବେ ଶତ୍ରୁଘ୍ନ ମହାରଣା,ପଂଚସଖା ଶିକ୍ଷସେତୁ ର ସଭାପତି ଧିରେନ କୁମାର ପାତ୍ର,ସି.ଆର.ସି.ସି ବସନ୍ତ କୁମାର ପରିଡା, ଏସ. ଏମ. ସି ଅଧକ୍ଷ ସନ୍ତୋଷ କୁମାର ପାତ୍ର ପ୍ରମୁଖ ମଂଚାସିନ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ। ଉତ୍ସବ ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁ ଜଗନ୍ନାଥ ଏବଂ କେନ୍ଦୁଝର ର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବିଦ୍ୟାଳୟର ଉତରୋତର ଉନତି କାମନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନ୍ଦାକିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।ଶିକ୍ଷକ ଦମ୍ୟରୁଧର ମହାନ୍ତ ମଂଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ, ରଞ୍ଜନ କୁମାର ନାୟକ, ସୁବାସ ପାତ୍ର ରଞ୍ଜନ କୁମାର ପତି, ଶିକ୍ଷୟିତ୍ରୀ କୁମୁଦିନୀ ମହାପାତ୍ର, ସୁଚରିତା ରାଉତ, ରତ୍ନମଞ୍ଜରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବଲାଙ୍ଗୀର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ

ବଲାଙ୍ଗୀର, ୭/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌର ପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗର, କନ୍ଧପାଲିପଡ଼ା ଓ ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକରେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲ୍ଲାପାଳ ଗୌରଓ୍ୱ ଶିବାଜି ଇସଲୱାରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ କୁମାର ପଣ୍ଡା ମଂଚାସୀନ ଥିଲେ। ଏହାସହ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ କାର୍ଯ୍ୟାଳୟର ବୈଠକ ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର ନିଜର ବିବୃତିରେ ଫେବୃଆରୀ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗରରେ ବସବାସ କରୁଥିବା ମୋଟ ୫୮୨୫୨ ଓ କନ୍ଧପାଲିପଡ଼ାର ୫୬୬୮୯ଙ୍କୁ ଓ ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକର ମୋଟ ୧୦୪୯୭୭ଜଣଙ୍କୁ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦରେ ୨୧୮ ଓ ଆଗଲପୁର ୩୪୮ଜଣ ଆଶା, ଅଙ୍ଗନବାଡି ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରାଯାଇଛି, ଯେଉଁମାନେ ଘରକୁ ଘର ବୁଲି ନିଜ ସମ୍ମୁଖରେ ବୟସ ଅନୁଯାୟୀ ବଟିକା ଲୋକଙ୍କୁ ସେବନ କରେଇବେ। ୨ରୁ ୫ବର୍ଷ ଶିଶୁଙ୍କୁ କେବଳ ଉରଡ଼ ସହିତ ବଟିକା ଖୁଆଇବେ ଓ ୬ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଖୁଆଇବେ। ଏଥିପାଇଁ ବଲାଙ୍ଗୀର ପୌରପରିଷଦ ଅଂଚଳରେ ୧୦୯ଟି ଟିମ, ୨୦ଜଣ ସୁପରଭାଇଜର, ୫୬ଟି ଭ୍ରାମ୍ୟମାଣ ଔଷଧ ନିରୀକ୍ଷକ, ୧ଗୋଟି ରେପିଡ ରେସପୋନ୍ସ ଟିମ୍, ୪ଟି ସୋସିଆଲ ମୋବିଲିଜର ଗଠନ କରାଯାଇଛି। ସେହିପରି ଭାବେ ଆଗଲପୁର ବ୍ଲକରେ ୧୭୪ଟି ଟିମ୍, ୩୪ଜଣ ସୁପରଭାଇଜର, ୬ଟି ଭ୍ରାମ୍ୟମାଣ ଔଷଧ ନିରୀକ୍ଷକ, ୩ଟି ରେପୀଡ ରେସପୋନ୍ସ ଟିମ, ୬ଟି ସୋସିଆଲ ମୋବିଲିଜର ଗଠନ କରାଯାଇଛି। କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଓ ଅତିଶୟ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତିମାନଙ୍କୁ ଛାଡ଼ି ସମସ୍ତେ ଏହି ବଟିକା ଖାଇବେ। ଏହାଦ୍ୱାରା, ମାଇକ୍ରୋ ଫାଇଲେରିଆ ପରଜୀବୀକୁ ମାରି ଦିଆଯାଇପାରିବ ଏବଂ ଭବିଷ୍ୟତରେ ଗୋଦରଗୋଡ ବା ଅନ୍ୟାନ୍ୟ ଫାଇଲେରିଆସିସ ରୋଗକୁ ରୋକାଯାଇ ପାରିବ। ବଟିକା ସେବନ ପରେ ଯଦି କିଛି ଅସୁବିଧା ଦେଖାଦିଏ, ତୁରନ୍ତ ଆଶା କିମ୍ବା ଅଙ୍ଗନବାଡ଼ି ଦିଦିଙ୍କୁ ଜଣେଇବେ। ରେପିଡ ରେସପୋନ୍ସ ଟିମ୍ ପ୍ରତି ୟୁନିଟ୍ ପାଇଁ ବ୍ୟବସ୍ଥା କରାଯାଇଛି। ସେମାନେ ତୁରନ୍ତ ପହଂଚି ସ୍ୱାସ୍ଥ୍ୟ ସୁବିଧା ଯୋଗେଇପାରିବେ। ଆୟୁର୍ବେଦ ମହାବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିବେ।

# ଅବସରକାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଜୟପୁର, ୭/୨ (ନି.ପ୍ର): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସରକାଳିନ ସମ୍ବର୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି କ୍ଷ ରମେଶ ଚନ୍ଦ୍ର ପାଲାକା ଦିର୍ଘ ଦିନ ଧରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟକରି ତା ୩୧.୧୨.୨୦୨୫ ରିଖ ଦିନ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ତାଙ୍କୁ ଆଜି ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳିନ ସମ୍ବର୍ଧନା ଦିଆଯାଇଥିଲା । ଉକ୍ତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜେନ୍ଦ୍ର ନାରାୟଣ ପାଢି ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର, ପଦ୍ମେଶ୍ୱର ବିଷୋୟୀ ବିଭାଗୀୟ ଅଧିକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବୋରିଗୁମ୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେକ୍ଷ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ମହେଶ୍ୱର ମିଶ୍ର, ଜଗଦୀଶ ମିଶ୍ର, ପ୍ରଦୀପ ମିଶ୍ର, ଶ୍ରୀ ପୁରନ୍ଦର ନାୟକ, ଶ୍ରୀ ତ୍ରିନାଥ ପାଣିଗ୍ରାହୀ ଜୟପୁର ର ସମସ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଓ ସଂଯୋଜିକା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ ଗୋପାଳ, ସୋମନାଥ ଗାଦବା, ପୂର୍ବତନ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋପିନାଥ ମାହାନ୍ତି, କୃଷ୍ଣ ଚନ୍ଦ୍ର ନନ୍ଦ, ଏମ୍ ମୁରଲି, କନିଷ୍ଠ ସହାୟକ ରଜନି କାନ୍ତ ଘଡ଼େଇଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପାଲାକାଙ୍କୁ ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏପଶିଲନ ବିରୁଦ୍ଧରେ ଗ୍ରାମବାସୀଙ୍କ ଯୁଦ୍ଧଂଦେହୀ ଡାକରା : ମରିବୁ ପଛେ ଜଙ୍ଗଲ ଜମି ଛାଡ଼ିବୁ ନାହିଁ

ଝାରସୁଗୁଡା, ୭/୨ (ନି.ପ୍ର): ଝାରସୁଗୁଡା ସଦର ବ୍ଲକ ସ୍ଥିତ ଶ୍ରିପୁରା ଠାରେ ଏପଶିଲନ କମ୍ପାନୀର ବେଆଇନ ଜଙ୍ଗଲ ଜମି ଦଖଲକୁ ନେଇ ଶୁକ୍ରବାର ପୂର୍ବାହ୍ନ ୧୦ଟା ରେ କମ୍ପାନୀ ସମ୍ମୁଖରେ ଶ୍ରିପୁରା ଗ୍ରାମବାସୀ ଏକ ପ୍ରତିବାଦ ସଭା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ପ୍ରତିବାଦ ସଭାରେ ଓଡିଶାର ବରିଷ୍ଠ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାଙ୍କ ସହିତ ଶତାଧିକ ଗ୍ରାମବାସୀ ଏବଂ ବହୁ ସ୍ୱେଚ୍ଛସେବୀ କମ୍ପାନୀର ବେଆଇନ କାର୍ଯ୍ୟକୁ ଦୃଢ଼ ବିରୋଧ କରିଥିଲେ । ଏପଶିଲନ କମ୍ପାନୀ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ଶ୍ରିପୁରା ଗ୍ରାମରେ ଥିବା ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରି ଆସୁଥିଲା । ଶ୍ରିପୁରା ଗ୍ରାମବାସୀ ରାଷ୍ଟ୍ରପତି, କେନ୍ଦ୍ରୀୟ ମାନବ ଅଧିକାର କମିଶନ, ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଝାରସୁଗୁଡା ଜିଲ୍ଲାପାଳଙ୍କୁ ବାରମ୍ବାର ଦାବିପତ୍ର ଦେଇଥିବା ବେଳେ ଘଟଣାର ତଦନ୍ତ ପାଇଁ ଝାରସୁଗୁଡା ଜିଲ୍ଲାପାଳ ଏବଂ ରାଜ୍ୟ ବନ ବିଭାଗ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଅଧିକାରୀ ଦ୍ୱୟ କୌଣସି ତଦନ୍ତ ନକରି ନୀରବ ରହି ଯାଇଥିଲେ । ଏହା ପରେ ଶ୍ରିପୁରା ଗ୍ରାମବାସୀ ନିଜେ ଜାନୁୟାରୀ ୧୫ ତାରିଖ ଗ୍ରାମସଭା କରି ଗତ ଫେବୃଆରୀ ୨ ତାରିଖ ଦିନ ଉକ୍ତ ଜଙ୍ଗଲ ଜମିର ସୁରକ୍ଷା ସହିତ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ କରିଥିଲେ । ପୁଣି ଶୁକ୍ରବାର ସକାଳୁ ଶ୍ରିପୁରା ଗ୍ରାମର ଶତାଧିକ ପୁରୁଷ ମହିଳା, ଜନ ପ୍ରତିନିଧି ଏକଜୁଟ ହୋଇ ଏପଶିଲନ କମ୍ପାନୀ ସମ୍ମୁଖରେ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମି ଦଖଲ, ରୋପଣ କରାଯାଇଥିବା ବୃକ୍ଷକୁ କ୍ଷତି ପହଂଚାଇବା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଏବଂ ପ୍ରତିବାଦ ସଭା କରିଥିଲେ । ଓଡିଶାର ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ଏହି ପ୍ରତିବାଦ ସଭାରେ ଯୋଗଦେଇ ଝାରସୁଗୁଡା ଜିଲ୍ଲାରେ ବର୍ତ୍ତମାନ ଜଙ୍ଗଲ ଜମିକୁ କମ୍ପାନୀ ଗୁଡ଼ିକ ବେଆଇନ ଦଖଲ କରିବା ସହିତ ଲୋଲୁପ ଦୃଷ୍ଟି ପକାଇଛନ୍ତି ବୋଲି ମତ ପ୍ରକାଶ କରିଥିଲେ । ଏହା ସହିତ ଜିଲ୍ଲାରେ ଯେପରି ପରିବେଶ ପ୍ରଦୂଷଣ ବଢିବାକୁ ଯାଉଛି, ଏହି ଏପଶିଲନ କମ୍ପାନୀକୁ ଆରମ୍ଭରୁ ବିରୋଧ କରିବାର ଦରକାର ଥିଲା ଏବଂ ଆଗାମୀ ଦିନରେ ଶ୍ରିପୁରା ଗ୍ରାମବାସୀ ଏକଜୁଟ ହୋଇ ଏହି ଜଙ୍ଗଲ ଜମିକୁ ସୁରକ୍ଷା ଦେଲେ ଏପଶିଲନ କମ୍ପାନୀ ଜଙ୍ଗଲ ଜମିରେ ପ୍ରବେଶ କରିପାରିବେ ନାହିଁ ବୋଲି କହିଛନ୍ତି । ଏହା ସହିତ କମ୍ପାନୀ ସମ୍ପୂର୍ଣ୍ଣ ଭାବେ ବେଆଇନ ପ୍ରକ୍ରିୟାରେ ଜଙ୍ଗଲ ଜମି ହାତେଇବା ପାଇଁ ପ୍ରୟାସ କରୁଥିଲା ଏବଂ ଏଥିରେ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ମଧ ସାମିଲ ରହିଛନ୍ତି ବୋଲି ଉଲ୍ଲେଖ କରିବା ସହିତ ଶ୍ରିପୁରା ଗ୍ରାମବାସୀଙ୍କ ଏହି ଜଙ୍ଗଲ ଜମି ସୁରକ୍ଷା କାର୍ଯ୍ୟରେ ରାଜ୍ୟର ସମସ୍ତ ପ୍ରକୃତିପ୍ରେମୀ, ପରିବେଶବିତ ସାଥୀରେ ରହି ସହଯୋଗ ପ୍ରଦାନ କରିବୁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଝାରସୁଗୁଡା ଜିଲ୍ଲା ପ୍ରଶାସନ ଶ୍ରିପୁରା ଗ୍ରାମବାସୀଙ୍କୁ ଏହି ମହତ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ । ଶ୍ରିପୁରା ଗ୍ରାମପଂଚାୟତ ସରପଂଚ ଯଶୋବନ୍ତୀ ପାଣ୍ଡେ ଏପଶିଲନ କମ୍ପାନୀକୁ ଏକ ଇଂଚ ଜଙ୍ଗଲ ଜମି ଛଡ଼ାଯିବ ନାହିଁ ବୋଲି ମତ ପ୍ରକାଶ କରିଛନ୍ତି । ପରିବେଶବିତ୍ ଅନନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ପାତ୍ର ମରିବୁ ପଛେ ଜଙ୍ଗଲ ଜମିକୁ କମ୍ପାନୀ ହାତରେ ଟେକିବୁ ନାହିଁ ବୋଲି କହିଛନ୍ତି । ଏହି ପ୍ରତିବାଦ ସଭାରେ ଶ୍ରିପୁରା ଗ୍ରାମର ୫ ଶହରୁ ଅଧିକ ପୁରୁଷ ମହିଳା ଯୋଗଦେଇଥିଲେ ଏବଂ ଜଙ୍ଗଲ ଜମି ଓ ରୋପଣ କରାଯାଇଥିବା ବୃକ୍ଷ ଗୁଡିକର ସୁରକ୍ଷା ଆଜୀବନ କରିବା ପାଇଁ ଶପଥ ନେଇଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ

ଭୁବନ, ୭/୨ (ନି.ପ୍ର): ଭୁବନ ସହର ଉପକଣ୍ଠସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ , ପୁରୁଷୋତମପୁର ର ଚତୁର୍ଥ ବାର୍ଷିକ ଉତ୍ସବ ( ଡାଇନାଫେଷ୍ଟ୍) ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷ ରଶ୍ମିପ୍ରଭା ସାହୁଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ ରିତାଞ୍ଜଳି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ,ଆଦର୍ଶ ବିଦ୍ୟାଳୟରେ ଉନ୍ନତ ମାନର ଶିକ୍ଷା ସହିତ ଭବିଷ୍ୟତର ସୁସଂସ୍କୃତ, ସଚେତନ ଓ ସକ୍ଷମ ନାଗରିକ ଗଢି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ମୁଖ୍ୟବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠର ଆଦିତ୍ୟ ବାହିନୀ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ ଯେ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ବିଦ୍ୟାର୍ଥୀ ମାନେ ଭବିଷ୍ୟତରେ ଜଣେ ଜଣେ ଆଦର୍ଶ ବ୍ୟକ୍ତି ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ,ଏନ୍ ଏ ସି ଉପ ନଗରପାଳ ଶ୍ରୀମତୀ ମାନିନୀ ସାହୁ,ବ୍ଲକ ଉପାଧକ୍ଷ ଶ୍ରୀମତୀ ସରୋଜିନୀ, ଏକତାଳି ସରପଂଚ ଝିଲିପ୍ରଭା ବେହେରା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଢେଙ୍କାନାଳ ର ନୋଡାଲ ପ୍ରିନ୍ସପାଲ୍ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇଥିଲେ । ଅଧକ୍ଷ ରଶ୍ମିପ୍ରଭା ସାହୁ ବାର୍ଷିକ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶିବାନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

# ଦ୍ୱାଦଶ ପଂଚାୟତ ସମିତି ଅଧିବେଶନ : ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ରାସ୍ତାଘାଟ ମୁଖ୍ୟ ପ୍ରସଙ୍ଗ

ଚମ୍ପୁଆ, ୭/୨ (ନି.ପ୍ର): ଚମ୍ପୁଆ ପଂଚାୟତ ସମିତିର ଦ୍ୱାଦଶ ଅଧିବେଶନ ପଂଚାୟତ ସମିତି ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ପଂଚାୟତ ସମିତି ଅଧକ୍ଷ ସୁରେଶ ଚନ୍ଦ୍ର ନାୟକ ଏଥିରେ ଅଧକ୍ଷତା କରିଥିଲେ । ସ୍ଥାନୀୟ ବିଧାୟକ ପ୍ରତିନିଧି ସଞ୍ଜିବ କୁମାର ବେହେରା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଉପାଧକ୍ଷା ମଞ୍ଜୁଲତା ମହାକୁଡ, ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା, ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚି ନାୟକ, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ମୋନାଲିସା ନାୟକ, ୧୩ ନଂ ଜିଲା ପରିଷଦ ସଦସ୍ୟ ଉଦୟନାଥ ନାଏକ, ୧୫ନଂ ଜିଲା ପରିଷଦ ସଦସ୍ୟା ରମଣୀ ନାୟକ ପ୍ରମୁଖ ମଂଚାସୀନ ଥିଲେ । ଏଥିରେ ଚମ୍ପୁଆ ଉପଖଣ୍ଡର ଗ୍ରାମ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ, ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀଧନ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ବନବିଭାଗ ଆଦି ବହୁ ପଦାଧିକାରୀଗଣ ଉପସ୍ଥିତ ଥିଲେ । ଏଥିରେ ୨୨ ଗୋଟି ଗ୍ରାମ ପଂଚାୟତର ସମିତି ସଭ୍ୟ ସଭ୍ୟା, ସରପଂଚ, ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏକାଦଶ ଅଧିବେଶନର ବିବରଣୀ ପାଠ କଲାପରେ ଦ୍ୱାଦଶ ଅଧିବେଶନର ରୂପରେଖ ସମ୍ପର୍କରେ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ଗୃହକୁ ଅବଗତ କରିଥିଲେ । ପରେ ଉପସ୍ଥିତ ସମିତି ସଭ୍ୟ ସଭ୍ୟା ନିଜ ନିଜ ଗ୍ରାମପଂଚାୟତ ଅଂଚଳର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଉପୁଜୁଥିବା ସମସ୍ୟାଗୁଡିକ ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଓମ ପ୍ରକାଶ ବାରିକଙ୍କୁ ଅବଗତ କରିଥିଲେ । ଗ୍ରାମଗୁଡିକରେ ଥିବା ସ୍ୱାସ୍ଥ୍ୟକର୍ମୀ ନିଜ ଅଂଚଳରେ ନରହି ସୁଦୂର ସହରାଂଚଳରେ ରହି ସ୍ୱାସ୍ଥ୍ୟ ସେବାକୁ ଅଣଦେଖା କରୁଥିବା ଉପରେ ଅଙ୍କୁଶ ଲଗାଇବାକୁ ସୂଚନା ଦେଇଥିଲେ । ବିଭିନ୍ନ ଗ୍ରାମପଂଚାୟତର ପ୍ରାୟ ୧୦ ଗୋଟି ସଂଯୋଗୀକରଣ ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଥିବା କଥା ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହାଛଡା ବିଭିନ୍ନ ଗ୍ରାମାଂଚଳ ତଥା ପଂଚାୟତଗୁଡିକୁ ସଂଯୋଗ କରୁଥିବା ରାସ୍ତାର ପୋଲଗୁଡିକ ବର୍ଷବର୍ଷ ଧରି ପଡିରହୁଥିବାରୁ ଏହାର ତୁରନ୍ତ ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ଉନ୍ନୟନ ବିଭାଗକୁ ସମିତି ସଭ୍ୟମାନେ ଅବଗତ କରିଥିଲେ । ଲୋକମାନଙ୍କର ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ୨୦୧୯ ମସିହାରୁ କାର୍ଯ୍ୟ କରୁଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଯାହାକି ଚମ୍ପୁଆ, ଝୁମ୍ପୁରା, ସଦର, ପାଟଣା, ବାଉଁଶପାଳ ଆଦି ବ୍ଲକକୁ ୨୦୨୫ ମାର୍ଚ୍ଚ ସୁଦ୍ଧା ଯୋଗାଇଦେବା ଲକ୍ଷ୍ୟ ରହିଥିଲା। ମାତ୍ର ୨୦୨୬ ମାର୍ଚ୍ଚ ହେବାକୁ ବସିଲାଣି ଆଜିସୁଦ୍ଧା ସମସ୍ତ ଅଂଚଳକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ଏହା ଉପରେ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଆବଶ୍ୟକ ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ଆଦି ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସଦସ୍ୟମାନେ ଦାବୀ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଖୋର୍ଦ୍ଧା, ୭/୨ (ନି.ପ୍ର): ଉପା ସରକାର ଗରିବଙ୍କୁ କର୍ମ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିଥିଲେ । ଏହି ଯୋଜନାରେ ଶ୍ରମିକମାନେ ନିଜ ଅଂଚଳରେ ବର୍ଷକୁ ଅନ୍ୟୁନ ୧୦୦ ଦିନର କାମ ପାଇବାର ନିୟମ ରହିଥିଲା । ସରକାର ଯଦି ଶ୍ରମିକଙ୍କୁ କାମ ମାଗିବାର ୧୫ ଦିନ ଭିତରେ କାମ ଯୋଗାଇ ନଦେବେ ତେବେ ସେମାନଙ୍କୁ ଭତା ପ୍ରଦାନ କରିବାକୁ ନିୟମ ରହିଥିଲା। ଏଥିରେ ଭାରତ ବର୍ଷର କୋଟି କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହୋଇଆସୁଥିଲେ। ହେଲେ କେନ୍ଦ୍ରର ବିଜେପି ସରକାର ଏହି ଯୋଜନାର ନାମକୁ ପରିବର୍ତ୍ତନ କରି ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭିବିଗ୍ରାମଜୀ ବିଲ ମାଧମରେ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଂଚିତ କରିଛନ୍ତି । କଂଗ୍ରେସ ଦଳ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତିତ ଦାବିରେ ସରକାରଙ୍କ ନିକଟରେ ବିକ୍ଷୋଭ, ପ୍ରତିବାଦ ସଭା ଓ ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଆସିଛି । ଏହି କ୍ରମରେ ଆଜି ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ପୂର୍ବ ଯୋଜନାକୁ ପ୍ରଣୟନ କରିବାପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ । ପରେ ଏଡିଏମ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱିବଲ୍ଲଭ ପଟ୍ଟନାୟକ,ସନ୍ତୋଷ ଜେନା,ଶିଶିର ପରିଡ଼ା,ଜୟଶ୍ରୀ ପଟ୍ଟନାୟକ, ଅମିତ୍ ମହାନ୍ତି, ଜୟନ୍ତ ଭୋଇ, ଅଶୋକ ମଙ୍ଗରାଜ, ରଞ୍ଜିତ ମହାପାତ୍ର, ଶଇଳେନ୍ଦୁ ଦାସ,ପ୍ରଦୋଷ ହରିଚନ୍ଦନ, ରମେଶ ପଟ୍ଟନାୟକ, ତାପସ ମିଶ୍ର,ସୌମ୍ୟ ପଟ୍ଟନାୟକ, ସୌମ୍ୟ ବରାଳ, ଜିତେନ୍ଦ୍ର ଚମ୍ପତି,ଶିବୁ ନାୟକ, ଦେବିପ୍ରସାଦ ଦାସ, କାଳେନ୍ଦି ମହାପାତ୍ର, ସଞ୍ଜୟ ସୁବୁଦ୍ଧି, ବିଜୟ ମହାନ୍ତି, ଭାସ ମଙ୍ଗରାଜ, ମାନସ ବାହୁବଳେନ୍ଦ୍ର, ପ୍ରଦୀପ ପଟ୍ଟନାୟକ, ରିଚାର୍ଡସନ ଦାସ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଜିଏମୟୁ କ୍ୟାମ୍ପସ କମିଟି ଗଠିତ

ସମ୍ବଲପୁର, ୭/୨ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନରେ ଆଜି ପ୍ରୋଗ୍ରେସିଭ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜି.ଏମ.ୟୁ )ରେ +୩ ଓ +୨ କ୍ୟାମ୍ପସ କମିଟି ଘୋଷଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ନବନିଯୁକ୍ତ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରୋଗ୍ରେସିବ ଜିଏମୟୁ ସହ ଆବାହକ ଚୁମନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ପ୍ରୋଗ୍ରେସିବ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି ସମ୍ବଲପୁର ଓ ଜିଏମୟୁ ମଧ୍ୟରେ ଧର୍ମ ନିରପେକ୍ଷତା, ନାରୀ ସ୍ୱାଧିନତା, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମାଜ ଗଠନ, ଶିକ୍ଷା ବ୍ୟବସ୍ଥାର ଉନ୍ନତି, ବିଶ୍ୱ ବିଦ୍ୟାଳୟର ସମସ୍ୟା ସମାଧାନ ଓ ରାଜ୍ୟ ସ୍ତରୀୟ, ଜାତୀୟ ସ୍ତରୀୟ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଘୋଷଣା ଅନୁଯାୟୀ +୩ କମିଟିର ସଭାପତି ଭାବେ ଅଂଶୁମାନ ସାହୁ ଓ କାର୍ଯ୍ୟକାରୀ ସଭାପତି ଭାବେ ପ୍ରିୟାଂଶୁ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ସତ୍ୟମ ପୂଜାରୀ ଓ କିସମତ ପାଣ୍ଡେ ଉପ ସଭାପତି, ଶିବୁପ୍ରସାଦ ଦୀପ, ଅମିୟ ବାରିକ ଓ ମୋନାଲିସା ନାହାକଙ୍କୁ ସାଧାରଣ ସମ୍ପାଦକ ଘୋଷଣା ହୋଇଛି।

# କେନ୍ଦୁଝରରେ ଜନଗଣନା ପାଇଁ ପ୍ରସ୍ତୁତି: ଅନୁଷ୍ଠିତ ହେଲା ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶିବିର

କେନ୍ଦୁଝର, ୭/୨ (ନି.ପ୍ର): ଆସନ୍ତା ଜନଗଣନା-୨୦୨୭କୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀମାନଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଉମାଶଙ୍କର ସାହୁ, ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ କୁମାର ସେନାପତିଙ୍କ ଅଧକ୍ଷତାରେ ଗୃହ ତାଲିକାକରଣ ଓ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଜନଗଣନା ସମ୍ବନ୍ଧିତ ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ବୈଠକରେ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ରୁ ଆରମ୍ଭ ହୋଇ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା, ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେଲ୍ଫ ଏନ୍ୟୁମେରେସନ୍, ସାଧାରଣ ଜନତାଙ୍କ ସୁବିଧା ପାଇଁ ୦୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ।

# ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୨୬ ମୁଖ୍ୟ ଶିଷ୍ୟଦ୍ୱୟ (କ)

ରାଜଗୃହ ନିକଟରେ ଉପତିସ୍ସା ଏବଂ କୋଳିତା ନାମକ ଦୁଇଟି ଗ୍ରାମ ଥିଲା। ଏହି ଗ୍ରାମଦ୍ୱୟର ମୁଖିଆ ମଧ ଏହି ଦୁଇଟି ନାମରେ ପରିଚିତ ଥିଲେ। ଉଭୟ ପରିବାର ମଧ୍ୟରେ ଥିଲା ଘନିଷ୍ଠ ବନ୍ଧୁତା।

ଏକଦା ଉପତିସ୍ସାର ପତ୍ନୀ ସାରୀ ପୁତ୍ରସନ୍ତାନଟିଏ ଜାତ କଲେ। ଠିକ୍ ସେହିଦିନ କୋଳିତାର ପତ୍ନୀ ମୋଗଲି ମଧ ଏକ ପୁତ୍ରସନ୍ତାନ ଜନ୍ମ ଦେଲେ। ଉପତିସ୍ସାଙ୍କ ପୁତ୍ର ଉପତିସ୍ସା ବା ସାରୀପୁତ୍ତ (ସାରୀଙ୍କ ପୁତ୍ର ହୋଇଥିବାରୁ) ଏବଂ କୋଳିତାଙ୍କ ପୁତ୍ର କୋଳିତା ବା ମୋଗଲିପୁତ୍ତ ବା ମୋଗଲାନା (ମୋଗଲିଙ୍କ ପୁତ୍ର ହୋଇଥିବାରୁ) ଆଦି ନାମରେ ପରିଚିତ ହେଲେ। ଉଭୟ ପୁତ୍ର ବାଲ୍ୟକାଳରୁ ପରସ୍ପର ଭଲ ବନ୍ଧୁ ଥିଲେ।

ଯେତେବେଳେ ସେମାନେ ବଡ଼ ହେଲେ, ଦୁହେଁ ନିୟମିତ ନାଟକ ଦେଖୁଥିଲେ। ଦିନେ ଯୁବ କୋଳିତା ଓ ଉପତିସ୍ସା 'ଗିରାଗ୍ଗା ସମାଜ ପର୍ବତ ମହୋତ୍ସବ' ନାମକ ଯାତ୍ରା ଦେଖୁଥିବା ସମୟରେ ନାଟକ ଦେଖିବା ଅପେକ୍ଷା ବୃହତ୍ତର ସୁଖ ପ୍ରାପ୍ତି ଆଶାରେ ସେମାନେ ଗୃହତ୍ୟାଗ କରିବାକୁ ନିଷ୍ପତ୍ତି ନେଲେ।

ଏହି ସମୟରେ ରାଜଗୃହ ନିକଟରେ ସଂଜୟ ନାମକ ଜଣେ ପ୍ରସିଦ୍ଧ ଧାର୍ମିକ ଗୁରୁ ରହୁଥିଲେ। ଏହି ଦୁଇ ଘନିଷ୍ଠ ବନ୍ଧୁ ପରାମର୍ଶ ନେବାପାଇଁ ତାଙ୍କ ନିକଟକୁ ଯାଇଥିଲେ। କିଛି ଦିନ ପରେ ସେମାନେ ଏହି ଗୁରୁଙ୍କ ଶିକ୍ଷାରେ ସନ୍ତୁଷ୍ଟ ନହୋଇପାରି ତାଙ୍କ ପାଖକୁ ଯିବା ବନ୍ଦ କରିଦେଇଥିଲେ। ଗୁରୁ ଯାହା ଜାଣନ୍ତି ଓ ଯେଉଁ ଶିକ୍ଷା ଦେଉଛନ୍ତି, ସେମାନେ ତା'ଠୁ ଅଧିକ ଜାଣିବାକୁ ଋହୁଁଥିଲେ। ସେମାନେ ମୃତ୍ୟୁହୀନତାର ପଥ ଶିଖାଇବାକୁ ଅନୁରୋଧ କରିଥିଲେ। ସେମାନେ ପରସ୍ପର ପ୍ରତିଜ୍ଞାବଦ୍ଧ ହୋଇଥିଲେ ଯେ ଉଭୟେ ନିଜସ୍ୱ ଶକ୍ତି ବଳରେ ଜୀବନର ସତ୍ୟ ଅନ୍ୱେଷଣ ଦିଗରେ ଅଧ୍ୟୟନ ଓ ତପସ୍ୟା କରିବେ ଏବଂ ଯିଏ ପ୍ରଥମେ ଏହାକୁ ପାଇବ, ସେ ତାହାକୁ ଅନ୍ୟକୁ ଜଣାଇବ।

ଦିନେ ସକାଳେ ଉପତିସ୍ସା ରାଜଗୃହର ମୁଖ୍ୟରାସ୍ତାରେ ଥିବାବେଳେ ଅଳ୍ପ ଦୂରରେ ଜଣେ ତପସ୍ୱୀ ଦ୍ୱାରଦ୍ୱାର ବୁଲି ଖାଦ୍ୟଭିକ୍ଷା କରୁଥିବାର



ଦେଖିବାକୁ ପାଇଲେ। ସେ ତପସ୍ୱୀଙ୍କ ଉପରେ ଦୃଷ୍ଟିନିବଦ୍ଧ କଲେ। ତପସ୍ୱୀଙ୍କ ବିଷୟରେ ସବୁକିଛି ଜାଣି ସେ ପ୍ରୀତ ହେଲେ। ସେହି ଅଜଣା ତପସ୍ୱୀ ତାଙ୍କୁ ସବୁଠାରୁ ବିନମ୍ର ଓ ଶାନ୍ତ ମନେହେଲେ ଏବଂ ସେ ଋଲିବା ବା ଠିଆ ହୋଇଥିବା ସମୟରେ ଲୋକମାନେ ଘରୁ ଖାଦ୍ୟ ଆଣି ତାଙ୍କ ପାତ୍ରରେ ପକାଉଥିଲେ। କିନ୍ତୁ ତପସ୍ୱୀ ଯେତେବେଳେ ତାଙ୍କର ନିକଟତର ହେଲେ, ସେତେବେଳେ ତାଙ୍କ ପ୍ରଶଂସା ଆଶ୍ଚର୍ଯ୍ୟ ଓ ଶ୍ରଦ୍ଧାରେ ରୂପାନ୍ତରିତ ହୋଇଗଲା, କାରଣ ତାଙ୍କ ମୁଖରେ ଏପରି ଏକ ଋହାଣି ଥିଲା ଯାହା ସେ କୌଣସି ତପସ୍ୱୀଙ୍କ ମୁଖରେ କେବେ ଦେଖିନଥିଲେ; ଯେପରି ଏକ ଶାନ୍ତ, ସ୍ୱଚ୍ଛ ଆକାଶ ତଳେ ଏକ ମସୃଣ ଅବିଚଳିତ ହ୍ରଦ ପରି। "ଇଏ କିଏ?" - ଉପତିସ୍ସା ନିଜକୁ ନିଜେ କହିଲେ। "ଏହି ତପସ୍ୱପୀ ଜଣେ ଏପରି ବ୍ୟକ୍ତି ହୋଇପାରନ୍ତି, ଯିଏ ମୁଁ ଯାହା ଖୋଜୁଛି ତାହା ପାଇଛନ୍ତି କିମ୍ବା ଏହିପରି କୌଣସି ବ୍ୟକ୍ତିଙ୍କର ଶିଷ୍ୟ ହୋଇପାରନ୍ତି। ମୁଁ ଆଶ୍ଚର୍ଯ୍ୟ ତାଙ୍କର ଗୁରୁ କିଏ? ସେ କାହାର ଉପଦେଶ ଅନୁସରଣ କରୁଥାଇ ପାରନ୍ତି? ମୁଁ ତାଙ୍କ ପାଖକୁ ଯାଇ ଏହା ଅନୁସନ୍ଧାନ କରିବି?"

ଯେତେବେଳେ ତପସ୍ୱୀ ସମସ୍ତ ଘର ବୁଲିସାରି ନଗରର ଦ୍ୱାର ବାହାରକୁ ଆସିଲେ, ଉପତିସ୍ସା ତାଙ୍କ ନିକଟକୁ ଗଲେ ଏବଂ ବିନମ୍ରତ ପୂର୍ବକ କହିଲେ, "ତୁମର ଯିବା-ଆସିବା ଖୁବ୍ ସୁନ୍ଦର। ତୁମର ମୁହଁ ଖୁବ୍ ସ୍ୱଚ୍ଛ ଓ ଉଜ୍ଜ୍ୱଳ। ଆଜ୍ଞା, ଆପଣଙ୍କର ଗୁରୁ କିଏ? ସେ କି ଶିକ୍ଷା ଦେଉଛନ୍ତି ଆଜ୍ଞା?"

ତପସ୍ୱୀ ଆନନ୍ଦରେ କହିଲେ, "ମୁଁ ତୁମକୁ ଏହା ଖୁବ୍ ଶୀଘ୍ର କହିପାରିବି ଭାଇ। (କ୍ରମଶଃ)


♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮


# ମନଗହନର କଥା...



ସନ୍ଥମତରେ- ବ୍ରହ୍ମାଣ୍ଡର ସକଳ ନାମ ନିର୍ନାମ ହୋଇଯିବା ପରେ ମାନବ ବିଦ୍ୟାର ଯୁକ୍ତି ଅନ୍ୟକୌଣସି ସତ୍ତା ଓ ଗୁଣକୁ ବୁଝିବାରେ ଅସମର୍ଥ ହୋଇଯାଏ ଏବଂ ସେହିଠୁ ହିଁ ଶୂନ୍ୟସତ୍ତାକୁ ସେ ପରମସତ୍ତା ବା 'ବ୍ରହ୍ମ' ବୋଲି ଧରିନିଏ। ପିଣ୍ଡ-ବ୍ରହ୍ମାଣ୍ଡ ଧାରଣାଟି ମଧ ଏହି ପ୍ରକାର ବ୍ରହ୍ମଜ୍ଞାନର ଅଂଶବିଶେଷ । ବ୍ରହ୍ମସ୍ୱରୂପୀ ଶୂନ୍ୟସତ୍ତା ବ୍ରହ୍ମାଣ୍ଡକୁ ମେଳ କରି ସାଙ୍ଗରେ ଧରି ଶୁଦ୍ଧାତ୍ମା ରୂପେ ସକଳ ପ୍ରାଣୀର ପିଣ୍ଡ ଭିତରେ ସମରୂପରେ ବିଦ୍ୟମାନ । ପଞ୍ଚସଖାଙ୍କ ସନ୍ଥଦୃଷ୍ଟିରେ ପିଣ୍ଡଭିତରେ ବ୍ରହ୍ମାଣ୍ଡ ମଳେରେ ଥିବା ଜୀବାତ୍ମା ଓଲଟ ବୃକ୍ଷରେ ଲୋଟଣିପାରାବତ୍ ଖେଳୁଛି । ହଂସରୂପରେ ଅଣଚାଶ ପବନକୁ ସୂତ୍ର କରି ତ୍ରିପାଦୀ ଲୀଳା କରୁଛି । ପିଣ୍ଡ ହେଉଛି ଶୂନ୍ୟରୂପୀ ଜୀବାତ୍ମାର ଲୀଳାଭୂମି । ଲୀଳାସାଧନ କରି ବ୍ରହ୍ମାଣ୍ଡର ବାସନାକୁ ତ୍ୟାଗ କରି ଜୀବାତ୍ମା ରୂପୀ ଓଲଟି ହଂସ ମହାଶୂନ୍ୟଯୋଗ ଉଦ୍ଦେଶ୍ୟରେ ଥରେ ନିର୍ବିକାରରେ ଉଡ୍ଡାଣ ଆରମ୍ଭ କରିବା ମାତ୍ରେ ଶୁଦ୍ଧଚିତ୍ତଟି ମୋକ୍ଷାଭିମୁଖୀ ହୋଇଉଠେ । ପିଣ୍ଡସହିତ ସମ୍ପୃକ୍ତ ଏହି ମହାଶୂନ୍ୟତତ୍ତ୍ୱଟିକୁ ପଞ୍ଚସଖା ଯୁଗୀୟ ସନ୍ଥକବିମାନେ ବୌଦ୍ଧତାନ୍ତ୍ରିକ ଶୂନ୍ୟସାଧନା ତତ୍ତ୍ୱରପସରାରୁ ସାଉଁଟି ଆଣିଛନ୍ତି । ପୁନଶ୍ଚ ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ଚିତ୍ର-ବିକଳ୍ପୀ ସଂସ୍ଥାନକୁ ଏମାନେ ନାଥଧର୍ମୀ ଶରୀର ସାଧନା ଓ ତନ୍ତ୍ର ମାର୍ଗୀ କାୟାକ୍ରିୟାର ସିଦ୍ଧାନ୍ତ ଅନୁସାରେ ସୁନିର୍ଦ୍ଦିଷ୍ଟ କରିଛନ୍ତି । ଚକ୍ରଭେଦ, ନାଦଭେଦ, ଶବ୍ଦଭେଦ ମାଧ୍ୟମରେ ଶରୀରକୁ ଦୃଢ଼ରୁ ଦୃଢ଼ତର କରି କୁଣ୍ଡଳିନୀ-ଷଡଚକ୍ରରେ ବାୟୁଶକ୍ତିର ସଞ୍ଚାଳନ କରାଇ ପ୍ରକୃତି ତଥା ପ୍ରବୃତ୍ତି ସ୍ୱରୂପିଣୀ ମନକୁ ଭୋଗଶୀଳ ପଞ୍ଚବିଷୟଠୁଁ ନିର୍ଲିପ୍ତ ରଖି ନିଭୋଗତ୍ୟାଗକୁ ଆଚରଣ ଭାବରେ ମାନି ପିଣ୍ଡ ଭିତରେ ବ୍ରହ୍ମାଣ୍ଡର ଅବସ୍ଥିତିକୁ ବିଶ୍ୱାସ କରି (ବ୍ରହ୍ମାଣ୍ଡେ ଯେତେକ ଭିଆଣ / ପିଣ୍ଡରେ ଅଛଇ ସମାନ-ବଳରାମ / ବ୍ରହ୍ମାଣ୍ଡ ଯେତେ ବିଧିମତ / ପିଣ୍ଡରେ ଅଛନ୍ତି ସମସ୍ତ-ବିରାଟଗୀତା) ତହିଁରେ ନିରାକାର ଆତ୍ମବ୍ରହ୍ମଙ୍କ ମହତ୍ତମ ଲୀଳାକୁ ଅବବୋଧକୁ ଆଣି ଉର୍ଦ୍ଧ୍ୱଚେତା ହେବା ହିଁ ସନ୍ଥସାଧନାର ମୂଳତତ୍ତ୍ୱ ।


**- ଡ. ସନ୍ତୋଷ କୁମାର ତ୍ରିପାଠୀ**
♥ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
(ମୋ) ୯୪୩୯୯୧୭୬୨୦


## ପାଉଁଜିର ପାଣ୍ଡୁଲିପି-୬

### ହଜିଲା ପାଉଁଜି



**ବିପିନ ମହାନ୍ତି**

ଆହା ଆଉଥରେ ହଜନ୍ତାନି ତୁମ ବାଆଁର ପାଉଁଜି ପଟେ
ମୁହଁ ସଂଜବେଳେ ମୁହଁମାରି ତୁମେ ବସନ୍ତନି ନଈ ତୁଠେ
ଏକାଏକା ତୁମ ସାଥେ ମୋର ଦେଖା ହୁଅନ୍ତାନି ନିରୋଳାରେ
ମିଶିକରି ଦୁହେଁ ଖୋଜନ୍ତେନି ଆମେ ପାଉଁଜିକୁ ଆଉଥରେ ।

ଖୋଜିବାର ସେଇ ବାହାନା ଭିତରେ ହଜନ୍ତେନି ଆମେ ଦୁହେଁ
ଭିଜନ୍ତେନି ଆମେ ରାତିର ଅନ୍ଧାରେ ପ୍ରେମ ପରା ପାପ ନୁହେଁ
ଜଳଜଳ କରି ପାଉଁଜିକୁ ଦେଖି ଖୋଜନ୍ତି ମୁଁ ବାଆଁରେଇ
ଛାତିରୁ କାଞ୍ଚଲା ଖସେଇକି ତୁମେ କଣେଇ ଦିଅନ୍ତ ଚାହିଁ ।

ଦୁଷ୍ଟ ବୋଲି କହି ପାଦକୁ ଦେଖେଇ କୁହନ୍ତ ପିନ୍ଧେଇ ଦିଅ
ମୁଁ କାଳେ ପିନ୍ଧେଇ ଦେଲେ ପାଉଁଜିର ନଥାଏ ହଜିବା ଭୟ ।
କେମିତିକା ସେଇ ପାଦ ସେ ପାଉଁଜି କେମିତି ପିନ୍ଧେଇ ଦେଲି
ଯାଇଛ ଯେ ତୁମେ ଯାଇଛ ସେଦିନୁ ମୁଁ କିନ୍ତୁ ପାରୁନି ଭୁଲି ।

ଜୀବନଟା ପରା ହଜିବା ଖୋଜିବା ପାଇ ହଜେଇବା ପାଇଁ
ଜାଣିଶୁଣି କରି ଆଉଥରେ ତୁମେ ପାଉଁଜି ହଜାନ୍ତ ନାହିଁ !


♥୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


# କବିତା.....

## ॥ ଅଶାନ୍ତ ଗୀତ ॥

**କେଦାର ମିଶ୍ର**



॥ ୧ ॥
ଏଇ ଜଳୁଛି
ଏଇ ଲିଭିଯିବି
ଏଇ ସେତିକି ଜୀବନ ଉତ୍ସବ
ଏଇ ଜିତୁଛି
ଏଇ ହାରିଯିବି
ଏଇ ଖେଳ, ଏଇ ମୋର ପରବ।

ଟିକେ ଚନ୍ଦ୍ରମା
ଟିକେ ଉଁଆସ
ଛାତି ଭିତରଟା ଖାଲି ଆକାଶ
ଏଇ ଫୁଟୁଛି
ଏଇ ଝରିଯିବି
ଏଇ ଗୋଟିଏ ବୋଲି ତ ମଧୁମାସ।

॥ ୨ ॥
ମୋ ଭିତରେ ତମେ ଚାଲୁଛ
ଓ ତମ ଭିତରେ ମୁଁ
ଏକଲା ତୁମେ
ଏକଲା ମୁଁ

ଏକଲା ଆମର ପୃଥିବୀ
ଏକଲା ଆମର ପାପ ଓ ପରିତ୍ରାଣ
ଏକା ଏକା ଆମର ପ୍ରେମ
ଏକୁଟିଆ ଆମର ଜୀବନ।

॥ ୩ ॥
ତମକୁ କେବେ ଦେଖିଥିଲି ଶେଷଥର, ମନେ ନାହିଁ।

ତମେ ନଈ ଓ ନଉକା ହୋଇ ଏକା ସାଙ୍ଗରେ
ଠିଆହେଲ ମୋ ଆଗରେ
ମୁଁ ନଈକୁ ଡରି ପଥର ହୋଇଗଲି କୂଳରେ
ମୁଁ ନଉକା ବାହିବାକୁ ତମ ଭିତରେ ଖୋଜୁଛି
ମୋର ହଜି ଯାଇଥିବା ନଈ।

॥ ୪ ॥
ତମକୁ ଗୋଟେ ନାଁ ଦେଉଛି, ଶୁଣ।

ତମର ନାଁ ମେଘ ନଥିବା ରାତିର ଶ୍ରାବଣୀ
ତମେ ଉଦାସ ତାରାର ଇନ୍ଦ୍ରଜାଲ,
ତମେ ଇନ୍ଦ୍ରାଣୀ
ତମେ ଗହନ ବନର ରହସ୍ୟ, ତମେ କାହାଣୀ

ତମେ ଆଖି ଡୋଳା ତଳେ ଚମକ,
ତମେ ଦର୍ପଣୀ
ତମେ ନଥିବା ମଲ୍ଲୀର ମହକ,
ତମେ ଜୀବନୀ।

ତମେ ତ ସର୍ବନାମ, ସର୍ବାଣୀ।

॥ ୫ ॥
ମୋର ଭଲପାଇବା
ତମ ଭିତରେ ସରିଯାଇ ଥିବା
ଏକ ଭାଷା ହୀନ କବିତାର ଛନ୍ଦ।

ତାକୁ ପଢୁଛି ମୋର ପୃଥିବୀ।


♥ ଭୁବନେଶ୍ୱର
(ମୋ) ୯୪୩୭୧୫୪୪୪୫


## ॥ ଏକା ହେଇଯାଅ ॥



**ଶିଶିର ନାୟକ**

ଏକା ହେଇଯାଅ ନିସଂଗ ଗଛଟିଏ ପରି
ଦୁଃଖମଗ୍ନ କଏଦୀ ପରି
ନିର୍ଜନ ନଈ ପରି

ପୃଥକ ଓ ବିଛିନ୍ନ ହେଇଯାଅ
ସ୍ୱାଧୀନ ଓ ସ୍ୱତନ୍ତ୍ର ହେଇଯାଅ

ସମସ୍ତ ଉନ୍ମାଦନା ଓ ସଙ୍ଗଠାରୁ
ଉଦାସ ପକ୍ଷୀପରି
ଏକା ହେଇଯାଅ

ନିର୍ଜନ ମୌନ ପାହାଡ ପରି
ନିସ୍ତବ୍ଧ ତାଳଗଛ ପରି
ଏକା ହେଇଯାଅ

ନିଜର ଛାୟା ପରି
ନିଜର ଶୂନ୍ୟତା ପରି
ନିଜର ନିର୍ଜନତା ପରି
ଏକା ହେଇଯାଅ

ଏକା ହେଇଯାଅ
ନିଜର ଦୀର୍ଘଶ୍ୱାସରେ
ନିଜର ଅଭିମାନରେ
ନିଜର ଏକାକିତ୍ୟରେ
ନିଜର ଅନ୍ୱେଷଣରେ

ନୀରବ ଡାକଘର ପରି
ବନ୍ଦ ପାଠାଶାଳା ପରି
ଏକାନ୍ତ ନିଜର ଉପଲବ୍ଧିକୁ ନେଇ
ଏକା ହେଇଯାଅ

ନିଜର ବ୍ୟକ୍ତିଗତ କୋଠରୀରେ
ନିଜର ଘାଆରେ
ନିଜର ବସନ୍ତରେ
ନିଜର ଜ୍ୟୋତ୍ସ୍ନାରେ
ନିଜର ପ୍ରେମହୀନତାରେ
ଏକା ହେଇଯାଅ

ଏକା ହେଇଯାଅ
ନିଜ ପାଖରେ
କବିତାର ନିଷ୍ଫଳତା ପାଖରେ
ନିଜର ଆକାଶ ପାଖରେ
ନିଜର ଆଘାତ ପାଖରେ

ଏକା ହେଇଯାଅ
ଏକା ହେଇଯାଅ...


♥ ଭୁବନେଶ୍ୱର
ମୋ - ୯୯୩୭୪୯୦୬୪୭


## କହି ହେଇନାହିଁ ଯାହା...



**ସୈରିନ୍ଧ୍ରୀ ସାହୁ**

କେବେ ଇଚ୍ଛା ହୁଏ
ଫୁଲର ନଅର ଗଢ଼ିବାକୁ
କେବେ ଇଚ୍ଛା ହୁଏ
ସ୍ୱପ୍ନର ପାହାଚ ଚଢ଼ିବାକୁ ।

ଆଉ କେବେ ପୁଣି ଇଚ୍ଛା ହୁଏ ତମେ
ଥାଆନ୍ତ ମୋ ପାଶେ
ଚୋରା ଚଇତାଳି ବାଆ ହୋଇ
ତମ ଛୁଆଁ ପାଇ ଉଡିଯାଆନ୍ତି ମୁଁ
ସପନ ରାଇଜେ
କାଗଜର ଗୋଟେ ଗୁଡି ହୋଇ।

## ॥ ହାତ ମୁଠାର ବାଲି ॥

**ସୁଧାଂଶୁ ଅଶୋକ**



ହାତ ମୁଠାରୁ ନୀରବରେ
ଖସିଗଲା ପରି ବାଲି
ସମୟ ଯେ କେମିତି ଚାଲିଯାଏ
ଜଣା ପଡେନା କାହାକୁ
ଆଃ ବକଟେ ବୋଲି ଟିକି ପିଲାଟି କେବେ
ଯୁଆନ ହେଲା, ବାହା'ସା ହେଲା
ଆଉ ମୁଁ ଜେଜେ ହୋଇଗଲି। !!!!

ସମୟ ପଛରେ ଧା ଧପଡ କରୁଥିବା ମଣିଷ
ଘାଇଲା ବାଘ ପରି ପଡ଼ିଯାଏ ଅରମା ବଣର
ଚିକ୍ ମିକ୍ ଲୋଭରେ
ହରିଣ ପଛରେ ଦଉଡେ
ଶଶାର ଫାନ୍ଦରେ ପଡେ
ପତ୍ରର ହରିତିମାରେ
ଖୁବ୍ ଆତ୍ମ ଗୋପନ କରେ
ବସନ୍ତ ଆସିଲେ ହିଁ ମହଳଣ ପଡେ
ପତ୍ରର ତେଜ/ ଥୁଣ୍ଟା ଥୁଣ୍ଟା ଗଛ
ଟିପେ ବି ନଥାଏ ବହଳେ ଛାଇ,
ବାଣୁଆ ହାତର ଧନୁତୀର
ଶକ୍ତିଶାଳୀ ମଜବୁତ ହୋଇଯାଏ ।

ନେଳିଆ ନେଳିଆ ଆକାଶରେ
ଧୂମକେତୁ ଚମକେ
ସହର ତଳି ଝୋପଡ ପଟିରେ
ଲଙ୍ଗଳା ପିଲାଏ
ନାଚନ୍ତି ଡିଅଁନ୍ତି ବହୁତ ଧମାଲ୍ ମଚାନ୍ତି
ସତରେ କଅଣ ଉ ଲ୍ କା ଖସିଲେ
ମନର କାମନା ଓରମାନ ସମୂହ
ପୂରଣ ହୋଇଯାଏ ? ? ?
ଓଃ କେଉଁ ଝୁପୁଡିରେ ଚାରିଦିନର ଭୁଖା
ଲୋକଟା କାମକୁ ଯାଇପାରେନା
ଯାଆନ୍ତା ବା କେମିତି ଛଅ ଛଅ ମାସର ପେଟ ବୋହି
ଧୁକୁଡ଼ି ମାଇକିନିଆ ଟା ତାର ଖଟରେ ପଡ଼ି
କୁନ୍ଥେଇ ବି ପାରୁ ନଥାଏ।
ଦୁଃଖ ବେଦନାରେ ଭୁଖରେ,
ନାଗା ହେଲେ ହପ୍ତା କଟେ/
ମୁହଁ ଦେଖେଇ ପାରେନା ଲୁକଟା ଯେ......
ବୋଝ ଉପରେ ନଳିତା ବିଡା
ଶ୍ରାବଣର ଝଡ଼ିଆକୁ ସାପ ଡରାଏ ।

ବଡ଼ି ଭୋରରୁ କୁକୁଡ଼ା ଡାକ ଛାଡେ,
ଗାଆଁ ଚୌକିଆ ଯେମିତି ରାତିବିକାଳରେ
ରଡିଛାଡେ, 'ବ ସ୍ ତି ୱ।ଲେ ହୁସିଆର ।
ଜାଗତେ ରହୋ ଜଗତେ ରହୋ...
ସକାଳ ହେଲା ହୋ ଗାଁ ବାଲେ
ସକାଳ ହେଲା' ।
ଲୋକେ ଉଠନ୍ତି। ଗାଁ ହୁଏ ହଲ ଚଲ
ବେଳ ଉଦେ ପୁଣି କଡ଼ ନେଉଟାଏ
ବେଳ ବୁଡ଼ି ଅନ୍ଧାର ହେଲା ବେଳକୁ
ଘର ବାହୁଡ଼ା ହୁଏ ଲୋକଙ୍କର
କାହାକୁଡିଆରୁ ଧୂଆଁ ଉଠେତ କାହା ଚାଳରେ
ମାଙ୍କଡ ଡିଆଁ ମାରୁଥିବା ଟେଙ୍ଗଟାଟା
ଚୁପ୍ ଚାପ୍ ଶୋଇପଡ଼େ ଭୁଖରେ

ଇ ସ୍ କୁଲ ଯାଇଥିବା ଛୁଆଟା ସିଲଟ ତାର
ବିକି ଦେଇ ମାଆ ପାଇଁ ଓଷଧ ଆଣି ଥାଏ
ବାପା ତାର ମୁଣ୍ଡରେ ଟେକା ଭିଡ଼ି
ବୁତାକୁ ଯିବାକୁ ବାହାରି ଥାଏ ଯେ
ଆଉ ଜମାରୁ
ବସିଲା ଥାନରୁ ଉଠି ପାରି ନ ଥାଏ
ସକାଳ ପହରରୁ ଆକାଶକୁ ଅନେଇ ଥାଏ ଯେ
ପଲକ ବି ପଡିନଥାଏ ଆଖିରେ
ଗର୍ଭିଣୀ ତିର୍ଲା ତାର ଖଟରେ ପଡ଼ି ପଡ଼ି
ଈଶ୍ୱରଙ୍କୁ ସମ୍ପିକାଟି ନଇର ଚିତାରେ
ଜଳୁଥାଏ ଦିକ୍ ଦିକ୍ ।

ସତରେ ତ ହାତ ମୁଠାରୁ କେତେବେଳୁ
ଚୁପ୍‌ଚାପ୍ ଖସିଯାଇଥାଏ ମୁଠାକ ବାଲିଯେ
କେବେ ବି ତ ପଡ଼ିନଥାଏ ଜଣା ।


♥ ମହାବୀର ଛକ,
ଗ୍ରା/ପୋ: ବଡ଼ଗାଁ, ଜିଲ୍ଲା- ସୁନ୍ଦରଗଡ଼-
୭୭୦୦୧୬
ମୋ: ୭୯୭୮୭୯୫୭୬୬


## ॥ ଅନେକ ବର୍ଷ ପରେ ॥

**ନିହାରିକା ରାୟ ବରାଳ**



ଆଜି ଅନେକ ବର୍ଷ ପରେ ଦେଖା ହେଲା
ତମେ ଅଭିମାନର ପଂଜାବୀ ଓ
ଅବେକ୍ଷଶୋଷର ଚୁଡିଦାର ପିନ୍ଧିଥିଲ
ଝାପ୍ସା ଅତୀତର ଚଷମା
ଲଗାଇ ଥିଲ
ପାଦରେ ଥିଲା କ୍ଲାନ୍ତିର ଜୋତା

ମୁଁ ପିନ୍ଧିଥିଲି ଅନୁଶୋଚନକ୍ଷର ଶାଢ଼ୀ
ଅହମିକାର ମଙ୍ଗଳସୂତ୍ର
ଭରସା ତୁଟିଥିବା କଜ୍ଜ୍ୱଳ ଥିଲା ମୋ ଆଖିରେ
ସିନ୍ଥିରେ ଥିଲା ମିଛ ମିଛିକକ୍ଷ ଗାରେ ସିନ୍ଦୁର
ଓଠରେ ଛଳନକ୍ଷର ହସ ଧାରେ

ଆମେ କିଛିବାଟ ଚାଲି ଚାଲି ଗଲେ
ଯଉଠି ଶବ୍ଦର ଗଳି
ଶେଷ ହୋଇ ଯାଇଥିଲା
ତମେ କଥା ଆରମ୍ଭ କଲ
ନିହାତି ବେଖାପ ଲାଗୁଥିଲା
ତମ କଥା ସବୁ
ଏହା ଭିତରେ ମୁଁ ଅତିବାହିତ କରି ଆସି ଥିବା
ଦୀର୍ଘପଥରେ
କେହି କେବେ ଏମିତି କହି ନଥଲା
ନିଜକୁ ତିଳି ତିଳି କରି ଜାଳି ଥିବା
ଜୀବନରେ
କେବେ ଶୁଣି ନଥିଲି ଏତେଟା
ଆବେଗ ଓ ଆପଣାପଣର ସ୍ୱର
ଛାତି ଭିତରେ କିଏ କୋରୁ ଥିଲା କୋରଣି
ରେ, ଯେମିତି
ଝରୁ ଥିଲା କଞ୍ଚାରକ୍ତ

ମୁଁ ଅଟକି ଗଲି ଅଚାନକ
ମନ୍ଦିର ପାଖରେ
ଆଳତୀ ଚାଲିଚି
ଘଣ୍ଟି, ଘଣ୍ଟା, ଶଙ୍ଖ ଧ୍ୱନିର ଶବ୍ଦ ପବନରେ,
ଚାଲ ପୂଜା କରିବା
କିଛି ମାଗିବା ଠାକୁରଙ୍କୁ
ତମେ ସାମାନ୍ୟ ହସିଲ
ଆଉ ଚାଲିଲ ମୋ ସହିତ

ଆଗପରି ତମେ ଆଉ
ନାସ୍ତିକ ନଥିଲ
ଆମେ ଦୁଇଜଣ ମନ୍ଦିରରେ
ପୂଜକ ସିନ୍ଦୁର, ଚନ୍ଦନ ଓ ବେଲପତ୍ର ଦେଲେ
ଆମ ହାତରେ
ସେତବେଳେ ଇଛାମାନେ, ସ୍ୱପ୍ନମାନେ
କୋଉଠି ଥିଲେ କେଜାଣି
ଭାସି ବୁଲିଲେ ମୋ ଆଖି ପତାରେ, ଥରିଲା
ଓଠରେ ତ ଲାଜକୁଳି ଶାଢି ପଣତରେ

ମୁଁ ଆଉଜି ଗଲି ସମୟ ଛାତିରେ,
ଭାବୁଥିଲି ହଜି ଯାଇଥିବା ସମ୍ପର୍କ
ସତରେ କଣ ଆପଣେଇ ନିଏ
ଓଁକାର ଧ୍ୱନିରେ ଅବା
ଧୂପ, ଦୀପ, ନୈବେଦ୍ୟର
ମନ୍ତ୍ରପୂତ ଶୁଦ୍ଧ ଉଚ୍ଚାରଣରେ ।


♥ ଅନୁରାଗ
ବି/୧୦,ପ୍ରତିଭା ଏନକ୍ଲେଭ
ବଜେବି ନଗର, ଭୁବନେଶ୍ୱର
(ମୋ) ୯୪୩୭୧୨୩୨୪୮

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୪ ରବିବାର ଚିନ୍ତନ

୧୦୭ ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ

# ସାହିତ୍ୟର ଉନ୍ନତି ପାଇଁ ସମସ୍ତେ ନିରନ୍ତର ଭାବରେ କାର୍ଯ୍ୟ କଲେ ସାହିତ୍ୟର ଉନ୍ନତି ନିଶ୍ଚିତ ହୋଇପାରିବ : ହଂସନାଥ ମୁଦୁଲି

**ହଂସନାଥ ମୁଦୁଲି** ସାଂପ୍ରତିକ ଓଡିଆ କବିତା ଓ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । କେବଳ ଗଳ୍ପ କି ଗୀତି କବିତା ନୁହେଁ ବରଂ ଶିଶୁ ସାହିତ୍ୟ ଜଗତର ସେ ଜଣେ ନିଷ୍ଠାପର ବିନ୍ଧାଣି । ତାଙ୍କ ଲେଖାରେ ଅଛି ଯେଉଁ ଛଳଛଳ ଭାବ ଏବଂ ଉପସ୍ଥାପନାର ନିଆରା ପଣ ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଦେଖାଏ । " ଆଜି ଇଣ୍ଟରନେଟ୍ ଯୁଗରେ ମୋବାଇଲ୍, ଟିଭି ଆଦିରେ ମଗ୍ନ ରହି ଅନେକ ବ୍ୟକ୍ତି ପୁସ୍ତକଠାରୁ ଦୂରେଇ ଯାଉଥିଲେ ହେଁ ପୁସ୍ତକର ବାସ୍ତବ ସ୍ୱାଦ ସଦାସର୍ବଦା ଅଭିନବ" ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୋତେ ସେତେବେଳେ କେତେ ବର୍ଷ ବୟସ ହୋଇଥିଲା ଠିକ୍ ଭାବରେ ମନେ ନଥିଲେ ବି ଖୁବ୍ ଛୋଟ ବେଳୁ କେତେଗୁଡ଼ିଏ ପୁରାତନ ବିଶେଷ କରି ରୀତି ଯୁଗୀୟ ସାହିତ୍ୟର ବହି ପଢ଼ିପାରିଥିଲି। ଏପରିକି ସେ ଲେଖାର ଅର୍ଥ ଠିକ୍ ଭାବରେ ବୁଝିପାରେ କି ନପାରେ ଏହା ବ୍ୟତୀତ ରେଡ଼ିଓର ଗୀତ ଓ ସମ୍ବାଦପତ୍ରର ସାହିତ୍ୟ ବିଭାଗରେ ପ୍ରକାଶ ପାଇଥିବା ଶିଶୁ ଲେଖା ସବୁ ଦେଖି ମୋ ମନରେ କିଛି କିଛି ଲେଖିବାର ଇଚ୍ଛା ଜାଗ୍ରତ ହୋଇଥିଲା।

ମୁଁ ଧୀରେ ଧୀରେ କିଛି ଶିଶୁ କବିତା ଲେଖିବା ଆରମ୍ଭ କରିଥିଲି ମୋ ଛାତ୍ର ଜୀବନରୁ। ସେଇଥିରୁ ଆରମ୍ଭ ମୋର ଲେଖାଲେଖିର ପ୍ରକ୍ରିୟା।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଈଶ୍ୱରଙ୍କ ଆଶିର୍ବାଦ, ଗୁରୁଜନମାନଙ୍କ ସଦିଚ୍ଛା ଏବଂ ପ୍ରକୃତିର ଅଭିନବ କ୍ରିୟାଶୀଳତାର ଦୃଶ୍ୟ ମୋ ସାରସ୍ୱତ ଯାତ୍ରାର ପ୍ରେରଣା। ପ୍ରଥମ ପ୍ରଶ୍ନରେ ଯାହା କହିଛି, ସେ ପୁରାତନ ସାହିତ୍ୟ ପଠନରୁ ହିଁ ମୋର ଲେଖା ଲେଖିର ଅଙ୍କୁରୋଦ୍‌ଗମ ହୋଇଥିଲା। ତେଣୁ ମୁଁ ଓଡ଼ିଆ ସାହିତ୍ୟର ସେହି ସ୍ରଷ୍ଟା ଯଥା ଅଭିମନ୍ୟୁ ସାମନ୍ତସିଂହାର, ଦୀନକୃଷ୍ଣ ଦାସ ଓ ଉପେନ୍ଦ୍ର ଭଞ୍ଜ ଆଦି ସମସ୍ତ ପୁରାତନ କବିମାନଙ୍କୁ ସ୍ମରଣ କରେ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କ ପ୍ରିୟ ଓ କାହିଁକି ?

■■ ବିଦ୍ୟାଳୟ ଜୀବନରୁ ଆରମ୍ଭ ମୋର ପ୍ରାଥମିକ ଲେଖା। କବିତା ବିଶେଷ କରି ଶିଶୁ କବିତା ରଚନାରୁ ହିଁ ଆରମ୍ଭ ସେ ସବୁ। ତଦ୍ ବ୍ୟତୀତ ରେଡ଼ିଓରୁ ଗୀତ ଶୁଣିବା ସେ ସମୟରେ ମୋର ଏକ ନିଶା ଥିଲା। ରେଡ଼ିଓ ପାଇଁ ଗୀତ ଲେଖିବାର ଇଚ୍ଛା ମନ ମଧ୍ୟରେ ଜାଗ୍ରତ ହୋଇଥିଲା। ପ୍ରୟାସ ବି କରିଥିଲି ଧିରେ ଧିରେ। ତାପରେ ପତ୍ରପତ୍ରିକାରୁ ଲେଖି ଦେଖିଲେ ସେଥିରେ ମୋ ଲେଖା ବାହାରିବାର ସ୍ୱପ୍ନ ବି ମନକୁ ଆସୁଥିଲା। ବର୍ତ୍ତମାନ ସୁଦ୍ଧା ମୋର ୨୮ଟି ପୁସ୍ତକ ପ୍ରକାଶିତ ହୋଇଅଛି (ଆଉ ଚାରି ପାଞ୍ଚଟି ପ୍ରସ୍ତୁତି ଅବସ୍ଥାରେ ଅଛି) ତା ମଧ୍ୟରେ ୮ଟି ଗୀତିକବିତା, ୧୩ଟି ଶିଶୁ ସାହିତ୍ୟ, ୬ଟି କ୍ଷୁଦ୍ରଗଳ୍ପ ଓ ୧ଟି ଅନୁବାଦ କାବ୍ୟ ଅନ୍ତର୍ଭୁକ୍ତ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଆମ ଓଡ଼ିଆ ଭାଷାର ପ୍ରାଚୀନ ସାହିତ୍ୟ ଖୁବ୍ ରୁଦ୍ଧିମନ୍ତ ଓ ଗଭୀର ଥିଲା। ସମୟକୁ ନେଇ ସାହିତ୍ୟର ଧାରା ବଦଳୁଥିଲେ ବି ଆଜିର ସାହିତ୍ୟ ଆଗକୁ ଆଗକୁ ନୂତନ ରୂପରେ ଗଢ଼ିଚାଲିଛି। ଆଶା ନିରାଶାର ସଙ୍ଗମ ସ୍ଥଳିରେ ଥିଲେ ବି ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉନ୍ନତିପଥରେ ଅଛି ବୋଲି ନିଶ୍ଚିତ କୁହାଯିବ। ଲେଖାଗୁଡ଼ିକ ସମୟୋପଯୋଗୀ, ବାସ୍ତବବାଦୀ, ଶିକ୍ଷଣୀୟ ଓ ଲୋକାଭିମୁଖୀ ହେବା ସହିତ ସରଳ, ସାବଲୀଳ ଓ ମନଛୁଆଁ ହେଲେ ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରିବ ଏବଂ ସେ ସାହିତ୍ୟର ପ୍ରଚାର ପ୍ରସାର ସହଜ ହୋଇପାରିବ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ। ଏଥିରୁ ମୁକ୍ତିପାଇବାର ବାଟ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଓଡ଼ିଆ ସାହିତ୍ୟ ସମ୍ମୁଖରେ କିଛି କିଛି ବିପଦ ଆପଦ ଥିଲେ ହେଁ ସେ ସଙ୍କଟ ଚିରସ୍ଥାୟୀ ନୁହେଁ। ସମୟ ଅନୁସାରେ କିଛି ନା କିଛି ପରିବର୍ତ୍ତନ ନିଶ୍ଚିତ ରହିବ। ଆଜି ଇଣ୍ଟରନେଟ୍ ଯୁଗରେ ମୋବାଇଲ୍, ଟିଭି ଆଦିରେ ମଗ୍ନ ରହି ଅନେକ ବ୍ୟକ୍ତି ପୁସ୍ତକଠାରୁ ଦୂରେଇ ଯାଉଥିଲେ ହେଁ ପୁସ୍ତକର ବାସ୍ତବ ସ୍ୱାଦ ସଦାସର୍ବଦା ଅଭିନବ। ଏଣୁ ଏହାକୁ ସଙ୍କଟ ନ ଭାବି ଭାଷା ସାହିତ୍ୟର ଉନ୍ନତି ପାଇଁ ସମସ୍ତେ ନିରନ୍ତର ଭାବରେ କାର୍ଯ୍ୟ କଲେ ସାହିତ୍ୟର ଉନ୍ନତି ନିଶ୍ଚିତ ହୋଇପାରିବ।

■ ଭଲ କବିତା ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଯେଉଁ ସାହିତ୍ୟ ସ୍ୱଚ୍ଛ, ସରଳ, ସାବଲୀଳ, ମନଛୁଆଁ / ହୃଦୟସ୍ପର୍ଶୀ, ଲୋକାଭିମୁଖି ଓ ଶିକ୍ଷଣୀୟ ତାହା ହିଁ ଭଲ ସାହିତ୍ୟରେ ଗଣା ହେବ। କାରଣ ଏହା ପାଠକ ମନରେ ଚିରଜାଗ୍ରତ ଓ ପ୍ରଭାବଶାଳୀ ହୋଇ ରହେ। ସବୁ ଯୁଗରେ ସାହିତ୍ୟ ମାଧ୍ୟମରେ ଜନଚେତନା ଜାଗରଣ କରାଯାଇପାରିବାର ଅନେକ ଉଦାହରଣ ରହିଛି। ସାହିତ୍ୟ ମାଧ୍ୟମରେ ସମାଜରେ ବିପ୍ଳବ ବି ସୃଷ୍ଟି କରାଯାଇପାରିଛି। ସାହିତ୍ୟ ମାଧ୍ୟମରେ ଶିକ୍ଷା, ସଚେତନତା ଓ ଜାଗରଣ ସୃଷ୍ଟି କରିବା ସଦାସର୍ବଦା ସହଜ ହୋଇଥାଏ ଏଥିରେ ଆଦୌ ଦ୍ୱିମତ ନାହିଁ।

■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ସାହିତ୍ୟ ଅତୀତରେ ବି ବ୍ୟାପକ ଥିଲା ଆଜି ବି ଅଛି। ଆଜିର ସମୟକୁ ନେଇ ନୂତନ ସାହିତ୍ୟ ସୃଷ୍ଟି ହୋଇ ଚାଲିଥିଲେ ବି ଆମ ପ୍ରାଚୀନ ସାହିତ୍ୟ ଏତେ ଗଭୀର ଓ ପରିମାଣାତ୍ମକ ଥିଲା ଯେ ତାର ପ୍ରଭାବ ଆଜିର ଆଧୁନିକ ସାହିତ୍ୟରେ ବି ସମ୍ପୂର୍ଣ୍ଣ ଦୃଶ୍ୟମାନ ଅଛି। ଯେତେ ବିପଦ ଆପଦ ଥିଲେ ବି ବା ନୂଆ ବିପଦ ଆପଦ ଆସିଲେ ବି ଓଡ଼ିଆ ସାହିତ୍ୟର ଭବିଷ୍ୟତ ନିଶ୍ଚିତ ଭାବରେ ଉନ୍ନତ ହୋଇ ରହିଛି ଓ ରହିଥିବ। କାରଣ ଆଜିର ଯୁଗରେ ଅନେକ ଜ୍ଞାନୀ, ଗୁଣୀ, ବିଦ୍ୱାନ ସାହିତ୍ୟିକମାନେ ସେମାନଙ୍କର ସର୍ଜନାତ୍ମକ ରଚନାରେ ସାହିତ୍ୟ ଭଣ୍ଡାରକୁ ରୁଦ୍ଧିମନ୍ତ କରିଚାଲିଛନ୍ତି।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ। ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଯେ କୌଣସି ଲେଖକଙ୍କ ଜୀବନରେ ପୁରସ୍କାରର ଗୁରୁତ୍ୱ ସର୍ବଦା ରହିଛି ଓ ରହିଥିବ। କାରଣ ପୁରସ୍କାର ଛୋଟ ବଡ଼ ଯାହା ହେଉ ଲେଖକଙ୍କ ପାଇଁ ପ୍ରେରଣା ଦାୟକ ହୋଇଥାଏ ସଦାସର୍ବଦା। ପୁରସ୍କୃତ ହେଉଥିବା ସମସ୍ତ ସାହିତ୍ୟିକମାନଙ୍କର ସର୍ଜନାତ୍ମକ ସାହିତ୍ୟ ଅଧିକରୁ ଅଧିକ ସୃଷ୍ଟି ହୁଏ। ସେମାନେ ପରବର୍ତ୍ତୀ ସମୟରେ ସମାଜ ଗଠନ ପାଇଁ ଉପଯୋଗୀ, ସମୟୋପଯୋଗୀ ଓ ବିଚାରବନ୍ତ ଲେଖା ସୃଷ୍ଟି କରିବାରେ ବିଶେଷ ମନନଶୀଳ ହୋଇଉଠନ୍ତି। ସେମାନେ ନିଜର ସାମାଜୀକ ଦାୟିତ୍ୱକୁ ନଜରରେ ରଖି ଅଧିକରୁ ଅଧିକ ଲେଖିଚାଲନ୍ତି। ସାହିତ୍ୟର ଉନ୍ନତି ପାଇଁ ପାଠକ ସଂଖ୍ୟାରେ ବୃଦ୍ଧି ହେବା ନିହାତି ଜରୁରୀ। ତେଣୁ କେବଳ ଜନସାଧାରଣ କାହିଁକି ନିଜେ ସାହିତ୍ୟକମାନେ ବି ଗଭୀର ଭାବରେ ଅନ୍ୟ ସାହିତ୍ୟର ପଠନରେ ମନନିବେଶ କରିବା ଉଚିତ୍।♥♥

## ■ ଅକ୍ଷରେ ହଂସନାଥ ମୁଦୁଲି



ଜନ୍ମ: ୦୯.୦୨.୧୯୫୩
ପିତା- ସ୍ୱର୍ଗତ ବନ୍ଧ ମୁଦୁଲି
ମାତା- ସ୍ୱର୍ଗତା ତଅପୋଇ ମୁଦୁଲି
ଜନ୍ମସ୍ଥାନ- କଟକ ଉପକଣ୍ଠ ଅଇନୀ ଗ୍ରାମରେ
ବର୍ତ୍ତମାନର ଠିକଣା- ଖଣ୍ଡଗିରି (ଡୁମଡୁମା-କ),ଭୁବନେଶ୍ୱର-୭୫୧୦୩୦
ମୋ: ୯୭୭୭୯୬୮୭୧୯

**ପ୍ରକାଶିତ ପୁସ୍ତକ**

**ଶିଶୁ ସାହିତ୍ୟ**

କାଗଜ ଡଙ୍ଗା
ମୃତ ସାଗର
ଉଡନ୍ତା ମାଛ
ଦୁନିଆ ପାରିବା ଦେଖି
ନୂଆ ବରଷର ନୂଆ କବିତା
ସାନ ବଡ ନୁହେଁ କେହି ଜଗତେ
ଆମ ଭାଷାରେ ତାଙ୍କ ଗପ (ଅନୁସୃଜନ)
ଆକାଶର ମନ ଆକାଶ ଛୁଆଁ
କିରଣ ଜ୍ୟୋସ୍ନା
ସହର କହିଲା ଗାଁକୁ
ଜୀବଜନ୍ତୁ
ଜଗତ ସେବାରେ ମୁଁ
ଛୋଟ ଏକ ଗାଁ ଅଇନି ତାର ନାଁ

**ଗୀତି କବିତା**

ଜଗା କାଳିଆ ମୋ ଗଳାମାଳିଆ
ମନ ନଈ ସ୍ମୃତି ଢେଉ
ସାଗର ସେପାରି ବାଳି
ଜଗତର ନାଥ ବୋଲି
ମନ ଅଗଣାର ଫୁଲ
ମନ ପ୍ରଜାପତି ଉଡେ ପ୍ରୀତି ଫୁଲେ
ମନ ବଗିଚାର ହସ ଫୁଲଟି
ଦେଶ ମୋ ଭାରତବର୍ଷ

**କ୍ଷୁଦ୍ରଗଳ୍ପ**

ଅନ୍ଧକାରର ଆଲୋଡନ
ଅଦେଖା ଦେଖା
ଜୀବନ ଯୁଦ୍ଧ ଓ ଅନ୍ୟାନ୍ୟ ଗଳ୍ପ
କଥା ଉପକଥା
ପଞ୍ଚାତ୍ମିକା (ସହଗାଳ୍ପିକ)
ସହଯାତ୍ରୀ ଓ ଅନ୍ୟାନ୍ୟ ଗଳ୍ପ

**ଅନୁଦିତ ପୁସ୍ତକ**

ସୋରାବ୍ ଓ ରୁସ୍ତମ୍



ମଧୁମୟ ସ୍ମୃତି : ପିତାମାତାଙ୍କ କୋଳରେ ଲେଖକଙ୍କ ପୁତ୍ର ଓ କନ୍ୟା...



ପ୍ରାଣପ୍ରିୟା ପତ୍ନୀଙ୍କ ସହ ଲେଖକ ହଂସନାଥ ମୁଦୁଲି...







ସମ୍ବର୍ଦ୍ଧିତ ହେବାର ମହାର୍ଘ ଅବସର...

ଧାରାବାହିକ ଉପନ୍ୟାସ

ଡ.ରତିକାନ୍ତ ବେହେରା

# ଭିନ୍ନ ଏକ ବିଦେଶିନୀ



ଜୀବନ ଯେ ଜହର ନୁହଁ, ଅମୃତର ଗଣ୍ଡାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରକୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।

ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୯

ଏମାନଙ୍କ ଭିତରେ ଥିବା ପ୍ରତିଯୋଗିତା ଜେନିକୁ ବେଶ୍ ସୁହାଇଲା। ଲାଭ ହେଲା ଏଇଆ ଯେ, ଘରଟିର ସଠିକ ଓ ଉଚିତ ଦାମ୍ଠାରୁ କିଛି ଅଧିକ ପାଉଣ୍ଡ ମିଳିଲା ଜେନିକୁ।

ଜେନିର ଘରଟିକୁ ଯେ କିଣିଲା,ସେ ଥିଲା ରିଚାର୍ଡ୍। ନିର୍ଦ୍ଧାରିତ ଦିନ ଜମିର କାଗଜ ପତ୍ର ରଫା ହେଲା, ପଇସାପତ୍ର ଦେଣନେଣ ବି ହୋଇଗଲା। ରିଚାର୍ଡ୍ ଜେନିକୁ କଥା ଦେଇଥିଲା, ଭାରତ ଯିବାରେ ଡେଭିଡ୍ ଯଦି ଜେନିକୁ ସାହାଯ୍ୟ ନକରେ, ତାହେଲେ ସେ ଏଥିପାଇଁ ସାହାଯ୍ୟ ସହଯୋଗ କରିବ। ରିଚାର୍ଡ୍ ନିଜକଥା ରଖିଥିଲା ଏବଂ ଜେନିର ଭାରତ ଆସିବାର ସମସ୍ତ ବନ୍ଦୋବସ୍ତ, ଭିସା, ପାସପୋର୍ଟ୍ ଆଦି ସବୁ ବନେଇ ଦେଇଥିଲା। ଏପରିକି ନିଜ ଗାଡ଼ିରେ ମଧ୍ୟ ଆଣି ଲଣ୍ଡନ ଏୟାର୍‌ପୋର୍ଟ୍‌ରେ ବିମାନ ଚଢ଼େଇ ଦେଇଯାଇଥିଲା।

ଘର ବିକ୍ରି ହେବାର ଅର୍ଥାତ୍ କାଗଜପତ୍ର ରଫା ହେବାର ଦୁଇତିନି ଦିନ ଆଗରୁ ଦିନେ ଅପରାହ୍ନରେ ଛାତ ଉପରେ ଜେନି ବସି ବସି ଟେମସ୍ ନଦୀର ଜଳ ସ୍ରୋତକୁ ନିବିଷ୍ଟ ଚିତ୍ତରେ ଚାହିଁଥିଲା। ସେପଟେ ସୂର୍ଯ୍ୟ ଅସ୍ତ ହୋଇ ଯାଉଥିଲେ। ସୁନେଲି କିରଣ ପଡ଼ି ନଦୀର ଜଳରାଶି ସୁନାଭଳି ଚକ୍‌ଚକ୍ କରୁଥିଲା। ଜେନି ସେ ଦୃଶ୍ୟରେ ସଂପୂର୍ଣ୍ଣ ଆବିଷ୍ଟ ହୋଇ ପଡ଼ିଥିଲେ ବି ମୁହଁଟି ସେମିତି ଝାଉଁଳା ଫୁଲ ପରି ଦିଶୁଥିଲା। ଟେମସ୍ ନଦୀକୁ ସେ ଜୀବନରେ ଯେମିତି ପ୍ରଥମ ଥର ପାଇଁ ଦେଖୁଛି ! ଭାରି ନୂଆ ନୂଆ ଲାଗୁଥିଲା ତା' ପିଲାବେଳୁ ସାଥୀ ହୋଇଥିବା ଏଇ ନଦୀଟି। ସେତେବେଳେ ନଦୀର ଜଳରାଶି ଉପରେ ଦୁଇଟି ସାରସ ପକ୍ଷୀ କ୍ରୀଡ଼ା କୌତୁକରେ ମାତିଯାଇଥିଲେ।

ଆଖି ପୂରେଇ ଶେଷଥର ପାଇଁ ଏ ଦୃଶ୍ୟକୁ ନିଷ୍ପଲକ ଦୃଷ୍ଟିରେ ଦେଖୁଥିଲା ଜେନି। ତାକୁ ଲାଗୁଥିଲା ଦୂର ଦିଗବଳୟ ତାକୁ ଯେମିତି ହାତଠାରି ଡାକୁଛି। ଘନେଇ ଆସୁଛି ଜୀବନର ଶେଷ ପରିଣତି। ଯାତ୍ରା ଯେମିତି ତା'ର ଅନିବାର୍ଯ୍ୟ ଓ ଅବଧାରିତ।

ତଳେ କାହାର କଲିଂବେଲ୍ ଆୱାଜ୍‌ରେ ଜେନିର ଏକାଗ୍ରତା ଭଙ୍ଗହେଲା ଏବଂ ସେ ଚମକି ପଡ଼ିଲା । ତଳେ ହୁଏତ କେହି ଆଗନ୍ତୁକ ତାକୁ ପ୍ରତୀକ୍ଷା କରୁଛି। ତଳକୁ ଆସି କବାଟ ଖୋଲି ଯାହାକୁ ସାମନାରେ ଦେଖିଥିଲା, ସେଥିରେ ଜେନି ବେଶି ଚକିତ ହେଲା ନାହିଁ। ଜଣେ ମହିଳା ଛିଡ଼ା ହୋଇଛନ୍ତି ଦୁଆର ମୁହଁରେ। ବାସ୍ତବରେ ସେ ମହିଳା ନ ଥିଲେ, ଥିଲେ ଜଣେ ଯୁବତୀ। ବେଶ୍ ସୁନ୍ଦରୀ ଓ ଡଉଲ ଡାଉଲ। ଈର୍ଷା କଲା ଭଳି ଚେହେରା।

"ମୁଁ ଲୁସି, ଆପଣଙ୍କ ସହିତ ଏ ଘର ବିକ୍ରି ପ୍ରସଙ୍ଗରେ କଥା ହେବାକୁ ଆସିଚି।"- ଆଗନ୍ତୁକା ଆସିବାର ଅଭିପ୍ରାୟ ସ୍ପଷ୍ଟ କଲେ।

ନାମଟି ଶୁଣିଦେଲା ପରେ ଜେନି ଦେହରେ ସେତେବେଳେ ଗୋଟେ ନାହିଁ ନ ଥିବା କଂପନ ସୃଷ୍ଟି ହୋଇଗଲା, ଏଇ ତାହାଲେ ଲୁସି ? ଜେନିର ଆଖି ଯୋଡ଼ିକ ରାଗରେ ଜଳି ଉଠିଲା। ଦୁଇଦିନ ତଳେ ରିଚାର୍ଡ୍ କହୁଥିଲା- "ଡେଭିଡ୍ ଲୁସି ସହିତ ଲଟ୍‌ପଟ୍ ହେଉଛି। ସେ ତାକୁ ବିବାହ କରିବ। ଅବଶ୍ୟ ତୁମେ ଇଣ୍ଡିଆ ଚାଲିଗଲା ପରେ।"

ହଠାତ୍ ଆଖି ସାମନାରେ ଲୁସିକୁ ଦେଖି ନିଜର ଭାରସାମ୍ୟ ହରେଇ ବସିଲା ଜେନି। ହାଡ଼ରେ ଯେମିତି କିଏ ବାରୁଦ ଗେଞ୍ଜି ନିଆଁ ଧରେଇ ଦେଇଛି। ତଡ଼ିତ୍ କବାଟ ବନ୍ଦ କରିଦେବାର ସିଦ୍ଧାନ୍ତରୁ ନିବୃତ୍ତ ହୋଇ ଯଥା ସଂଭବ ନିଜକୁ କ୍ରୋଧ ବିମୁକ୍ତ କରି କହିଲା-

"ଡେଭିଡ୍ ତୁମକୁ ନିଶ୍ଚୟ ପଠେଇଛି। ତାକୁ କହିବ, ଏ ଘର ବିକ୍ରି ସରିଛି।" ଏତକ କହି ଲୁସିର ମୁହଁ ଉପରେ ଦୁଆର ବନ୍ଦ କରିଦେଲା ଜେନି।

ହଠାତ୍ ସମୁଦ୍ର ଆଡୁ ଠେଲି ଆସୁଥିବା ଉତ୍ତାଳ ପବନରେ ହୋଟେଲ୍ ରୁମ୍‌ର ବାଲକୋନି ଆଡ଼କୁ ଥିବା କବାଟଟି ସଶବ୍ଦେ ବନ୍ଦ ହୋଇଗଲା। ଜେନି ଚମକି ପଡ଼ିଲା ସେ ଶବ୍ଦରେ। ବିଛଣାରୁ ଉଠି ବାଲ୍‌କୋନି କବାଟ ଖୋଲି ଛିଡ଼ା ହେଲା ସମୁଦ୍ର ଆଡ଼କୁ ମୁହଁ କରି। ତା'ପରେ କ'ଣ ଭାବିଲା କେଜାଣି, ରୁମ୍ ଭିତରୁ ଚେଆର୍‌ଟିକୁ ଟାଣିନେଇ, ବାଲକୋନିର ଲାଇଟ୍ ଅଫ୍ କରି ଅନ୍ଧାରରେ ବସି ରହିଲା। ରାତି ଗଡ଼ି ଚାଲିଥିଲା ଗଭୀରତା ଆଡ଼କୁ। ସୁ ସୁ ହୋଇ ଗର୍ଜୁଛି ସମୁଦ୍ର। ଲୋକମାନଙ୍କର ଗହଳି କମି ଆସୁଛି। କ୍ରମେ ଫାଙ୍କା ଦିଶୁଚି ପୁରୀ ସମୁଦ୍ରକୂଳ। ଆଖି ଯେତେଦୂର ପ୍ରସାରିତ ହୋଇଯାଉଛି, ସେତେଦୂର ପର୍ଯ୍ୟନ୍ତ ଦିଶୁଛି ଢେଉ । ଢେଉ ପରେ ଢେଉ। ଠିକ୍ ମନର ଚିନ୍ତା ପରି। ସମୁଦ୍ରରେ ଯେଉଁଠି ଢେଉ ସୃଷ୍ଟି ହୁଏ, ସେଇଠୁ ଚିନ୍ତା ବି ଉତ୍ପନ୍ନ ହୁଏ। ତାହା ସମୁଦ୍ରର ଗର୍ଭ କିମ୍ବା ମନର ଅତଳ ଗହ୍ୱର ! ମନ ଓ ସମୁଦ୍ର ଏକାପରି। ସ୍ଥିର ଓ ନିଷ୍ପଲକ ଆଖିରେ ଚାହିଁ ରହିଲା ଜେନି ସମୁଦ୍ରକୁ। କାନରେ ବାଜୁଥିଲା ସମୁଦ୍ରର ଗର୍ଜନ। ଧୀରେଧୀରେ ହାଲୁକା ହୋଇଗଲା ତା'ର ଭିତରଟା। ଭିନ୍ନ ଏକ ଆନନ୍ଦରେ ବୁଡ଼ିଗଲା ସେ। କାଲି ଭାବୁଥିଲା ଏଇ ଢେଉ ଭିତରେ ନିଜକୁ ବିସର୍ଜନ କରିଦେବାକୁ। ଆଉ ଆଜି ଭିନ୍ନ ରୂପରେ ଦିଶୁଚି ଆଖିକୁ ପୁରୀର ଏ ସମୁଦ୍ର ଓ ତା'ର ଢେଉ। ମନେ ହେଉଛି ସମୁଦ୍ର ବି ତାକୁ କିଛି କହୁଛି। କିଛି ପ୍ରେମର କଥା କହୁଛି। ଯାହାକୁ ସେ ବୁଝି ବି ସଂପୂର୍ଣ୍ଣ ବୁଝି ପାରୁନାହିଁ।

ସମୁଦ୍ରର ସେ ପ୍ରେମପୂର୍ଣ୍ଣ ଆଳାପରେ ଜେନିର ଆଖିପତା ନଇଁଆସି କ୍ରମେ ମୁଦ୍ରିତ ହୋଇଗଲା। ଦୃଷ୍ଟି ହେଲା ଅନ୍ତର୍ମୁଖୀ। ଆଖିବୁଜି ସେ ସମୁଦ୍ରର ଆଳାପ ଶୁଣିବାକୁ ଲାଗିଲା। ଲୟ ଲାଗିଗଲା ସମୁଦ୍ର ସହିତ।

କେତେକ୍ଷଣ ପରେ ପ୍ରକୃତିସ୍ଥ ହେଲା ଜେନି। ତା'ର ଅନୁଭବ ହେଲା କିଛି ଗୋଟେ ନୂଆ ତା' ଭିତରେ ଜନ୍ମ ନେଇଛି। ମୁକୁଳ ମେଲିବା ଆରମ୍ଭ କରିଛି। ପ୍ରଚଣ୍ଡ ବରଫପାତ ପରେ ଆଦ୍ୟ ବସନ୍ତରେ ଥୁଣ୍ଟା ଗଛରେ ପତ୍ର କଅଁଳିଲା ପରି ତା' ଅନ୍ତର ଭିତରେ ନୂଆ ଭାବଟିଏ ଜନ୍ମ ନେଉଛି। ଏଥିପାଇଁ ତାକୁ ଯୁଗପତ୍ ଖୁସି ଓ ଆନନ୍ଦ ମିଳୁଛି।

ସେପଟ କବାଟ କିଏ ବାଡ଼ଉଛି। ଜେନି ବାଲକୋନିରୁ ଉଠିଯାଇ କବାଟ ଖୋଲି ଧରିଲା। ହୋଟେଲ୍‌ର ପରିଚାରିକା। ହାତରେ ବେଡସିଟ୍ ଓ ତକିଆଖୋଳ। "ରାତି ଖାଇବା କ'ଣ ଆଣିବି ମେମ୍?"- ଭିତରକୁ ପଶୁ ପଶୁ ପଚାରିଲା ବାଳିକାଟି। ପିନ୍ଧିଛି ସ୍କର୍ଟ୍, ବିନା କୌଣସି ପ୍ରସାଧନରେ ସୁନ୍ଦର ଦିଶୁଛି ଝିଅଟି।

"ସଂଧ୍ୟାବେଳେ ପ୍ରସାଦ ଖାଇଛି। ରାତିରେ ଆଉ ଖାଇବା ଆବଶ୍ୟକ ନାହିଁ। କେବଳ ଦୁଇ ବୋତଲ ପିଇବା ପାଣି ଦେଇଯାଅ।"- କହିଲା ଜେନି।

ଭିତରକୁ ପଶିଆସି ପରିଚାରିକା ଚକିତ ହୋଇ ଛିଡ଼ା ହୋଇଗଲା ଗୋଟେ ଠା' ରେ। ମେମ୍‌ଙ୍କ ବିଛଣାରେ ବଡ଼ଠାକୁର ଶୋଇଛନ୍ତି ଫାଳେ ତକିଆରେ ଚିତ୍ ହୋଇ। ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଦେଶରୁ ଲୋକେ ଆସି ରହନ୍ତି ଏ ହୋଟେଲ୍‌ରେ। ତା' ଜାଣିବାରେ ସମସ୍ତେ ସେମାନେ ଖ୍ରୀଷ୍ଟିୟାନ୍। କେହି ବଡ଼ଠାକୁରଙ୍କ ବିଗ୍ରହ କିଣି ଆଣନ୍ତି ନାହିଁ। ଅଥଚ ଏ ମେମ୍ ସାହେବାଣୀ ଜଗନ୍ନାଥଙ୍କ ମୂର୍ତ୍ତିକୁ ନିଜ ବିଛଣାରେ କଅଁଳା ପିଲାପରି ଶୁଆଇ ଦେଇଛନ୍ତି ଯତନରେ।

ଭରସିକି କିଛି କହି ପାରିଲା ନାହିଁ ପ୍ରଶାନ୍ତି। "ବେଡସିଟ୍ ବଦଳ କରିବି !" ସ୍ୱଗତୋକ୍ତି କଲାଭଳି କହିଲା ସେ।

ଜେନି ବୁଝିଲା ପ୍ରଶାନ୍ତିର ମନୋଭାବ। କହିଲା- "ହଁ ନିଶ୍ଚୟ, ମୁଁ ପ୍ରଭୁଙ୍କୁ ଉଠେଇ ଆଣୁଛି। ତୁମେ ବେଡସିଟ୍ ପାରିଦିଅ।"

ନିଜ ଛାତିରେ ଜାକିଧରି ଗେଲ କରୁଛି ଜେନି ପ୍ରଭୁଙ୍କ ପ୍ରତିମୂର୍ତ୍ତିକୁ। ବିସ୍ମୟରେ ଫାଟି ପଡୁଛି ପ୍ରଶାନ୍ତି।

ମେମ୍‌ସାହୀବା ପାଗିଳୀ କି? ଏମିତି ଲାଗିଲା ତାକୁ।

ପ୍ରଶାନ୍ତି ଇତି ମଧ୍ୟରେ ତା କାମ ସାରିଦେଇ ବାହାରି ଯିବା ବେଳକୁ ପୁନଃ ପଚାରିଲା - "ସତରେ କିଛି ଖାଇବେ ନାହିଁ ମେମ୍? ଅଳ୍ପଟିକେ କିଛି ଆଣେ !"

ପରିଚାରିକାର ଏଇ ପଦକ କଥାରେ ଯଥେଷ୍ଟ ଆନ୍ତରିକତା ଓ ଆପଣା ପଣିଆ ପୂରି ରହିଛି ବୋଲି ଜେନି ଅନୁଭବ କଲା। ମା' ପରି ପଚାରୁଛି ଅଳ୍ପ ଟିକେ କିଛି ଆଣେ! ପ୍ରଶାନ୍ତିର ଅନୁରୋଧକୁ ଏଡ଼ିପାରିଲା ନାହିଁ ଜେନି। କହିଲା, "କିଛି ଭେଜ୍‌ସୁପ୍ ଆଣ ! ଖାଇବାକୁ ଇଚ୍ଛା ହେଉଛି।"

ପ୍ରଶାନ୍ତି ଲେଉଟିଗଲା। ଜେନି କବାଟ ଆଉଜାଇ ବିଛଣା ଉପରେ ଜଗନ୍ନାଥଙ୍କୁ ଶୁଆଉ ଶୁଆଉ ମନେ ମନେ ହସି ଦେଲା। କେଡ଼େ ଜଲଦି ମଣିଷ ପର ହୋଇଯାଏ, ପୁଣି କେଡ଼େ ଜଲଦି ଆଉକେହି ଅନ୍ତରଂଗ ଆପଣାର ହୋଇଯାଆନ୍ତି । ସତରେ ବିଚିତ୍ର ଏ ମଣିଷ। ପୁଣି ଏ ଦେଶରେ ମଣିଷମାନଙ୍କ ସଂପର୍କରେ ନୂଆ ନୂଆ ଅନୁଭବ ହେଉଛି ଜେନିର। ଏମିତି ଆନ୍ତରିକତାର କଥା ତାଙ୍କ ଦେଶରେ କେହି କହେନାହିଁ। ସବୁ ଠକ୍‌ଠାକ୍। ରୋକଠୋକ୍ କଥାର ରୋକଠୋକ୍ ଜବାବ।

ଏ ଦେଶର ଲୋକମାନଙ୍କ ପ୍ରତି ଗୋଟେ ପ୍ରକାର ସରଳ ମମତାରେ ଘାରି ହେଉଥିଲା ଜେନି। ଆନନ୍ଦ ଆଉ ପ୍ରଶାନ୍ତି। ଦୁହିଁଙ୍କୁ ଦୁହେଁ ଏକାପରି। ଶାନ୍ତ ସରଳ ନରମ ସ୍ୱଭାବର। ହେଲେ ଡେଭିଡ୍! କେଡ଼େ ନୀଚ ଓ ସ୍ୱାର୍ଥପର ମଣିଷଟିଏ!

ବରଂ ଭଲ ହୋଇଛି, ସେ ନିଜ ଦେଶ ଛାଡ଼ି ଚାଲିଆସିଛି ଏଠିକି। ଜୀବନର ଅନ୍ତିମ ବେଳାରେ ଉଚିତ କଥାଟିଏ କରିପାରିଛି । ଆତ୍ମସନ୍ତୋଷ ଆସୁଛି ଏଥିପାଇଁ, ମରିଗଲେ ସେ ଜନ୍ମ ହେବ ଏଇ ଦେଶରେ, ଏଇ ପବିତ୍ର ଧାମରେ, ଗୋଟେ ନୂଆ ମନ ଓ ନୂଆ ହୃଦୟ ନେଇ। ତା' ଭିତରୁ ସମସ୍ତ କଦର୍ଯ୍ୟତାର ଲୋପ ହେବ। ଲୋପ ହେବ ଭୋଗବାଦ। ଜୀବନରେ ଖାଦ୍ୟ ପେୟ ଓ ଯୌନତା ନେଇ ଯାହାସବୁ ସେ କରିଗଲା, ଯାହାପାଇଁ ଏବେ ସେ ଭୋଗୁଛି ନରକ ଯନ୍ତ୍ରଣା, ତା'ର ଆଉ ପୁନରାବୃତ୍ତି ନ ହେଉ ତା' ଆତ୍ମାରେ।

ଏଥିପାଇଁ ଆନନ୍ଦରେ ଉଦବେଳିତ ହୋଇପଡୁଛି ଜେନି। ଭାବୁଛି କେଉଁଠୁ ଅବତରିତ ହୋଇ ଆସୁଛି ଏ ଆନନ୍ଦ ? ପାଞ୍ଚଦିନ ତଳେ ଟେମସ୍ ନଦୀ ତୀରରେ ପିତୃ ପ୍ରଦତ୍ତ ସେହି ଏକ ମହଲା ଘରଟିରେ ଯେଉଁ ଦୁଃଖ, ବିଷାଦ ଓ ଯନ୍ତ୍ରଣାରେ ମନ ବିଷାକ୍ତ ହୋଇ ପଡ଼ିଥିଲା, ତାହା ଆଜି ସଂଧ୍ୟାବେଳୁ, ସିଂହଦ୍ୱାର ନିକଟରୁ ପତିତପାବନଙ୍କୁ ଦର୍ଶନ କରି ଫେରି ଆସିଲା ପରେ, କ୍ରମେ ତାହା ଅପସାରିତ ହୋଇ ଜ୍ୱାଳା ପରିବର୍ତ୍ତେ କେତେ ଶାନ୍ତି ମିଳୁଛି। କେଉଁଠୁ ଆସୁଛି ଏତେ ଆନନ୍ଦ ଓ ଶାନ୍ତି? ଜଗନ୍ନାଥଙ୍କ ପାଇଁ ନା ଆନନ୍ଦ ପାଇଁ ନା ପ୍ରଶାନ୍ତି ପାଇଁ ନା ନିଜ ଅତୀତର ପୂତି ଗନ୍ଧମୟ ଜୀବନରୁ ନିଷ୍କୃତି ପାଇଁ? କେଉଁଠି ସେ ଆନନ୍ଦର ଉତ୍ସଟି ଲୁଚି ରହିଛି ଯାହା ତାକୁ ଜ୍ଞାତ ନୁହେଁ। ଏକଥା ବି ହୋଇପାରେ, ଘୃଣା ପରିବର୍ତ୍ତେ ଗୋଟେ ଶ୍ରଦ୍ଧାଶୀଳ ମନ ହିଁ ଏ ସବୁର କାରଣ। ଶିଶୁବତ୍ ସରଳ ହୋଇଗଲେ ଜୀବନ ଭାରି ସହଜ ଲାଗେ। ନିଜର ଅବସ୍ଥା ଆଉ ସ୍ଥିତି ତାକୁ ଏମିତି ଗୋଟେ ଶିକ୍ଷା ଦେଇଛି। ତେବେ ଏଇ ସମୟଟା ଟିକେ ପ୍ରାଣବନ୍ତ ଲାଗୁଛି ଜେନିକୁ ପୂର୍ବାପେକ୍ଷା।

ହାତରେ ପାଣିବୋତଲ ଓ ସୁପ୍ ପାତ୍ର ଧରି ପରିଚାରିକା ପ୍ରଶାନ୍ତି ଫେରି ଆସିବା ପରେ ପୁନରାୟ ଜେନି ତାକୁ ପଠେଇଲା ରୁଟି ଓ ତରକାରୀ ପାଇଁ। "କାହିଁକି ଏମିତି ହଠାତ୍ କ୍ଷୁଧା ଲାଗିଲା କେଜାଣି ! ତୁମେ କିଛି ମନେ କରିବ ନାହିଁ ପ୍ରଶାନ୍ତି । ମୋ ପାଇଁ ଆଉ ଟିକେ କଷ୍ଟ କର। ରାତ୍ରି ଭୋଜନ ଆଣ।"

ପରିଚାରିକା ପ୍ରଶାନ୍ତି ପ୍ରସ୍ଥାନ କଲା ସ୍ମିତ ହସି। ସତରେ ଏଇଟା ପାଗିଳୀ ମେମ୍। ଏମିତି ଏକ ଧାରଣା ପ୍ରଶାନ୍ତି ଭିତରେ ଦାନା ବାନ୍ଧୁଥିଲା। କିନ୍ତୁ ତାହା ଆହୁରି ବଦ୍ଧମୂଳ ହୋଇଗଲା ତାଙ୍କର ପରବର୍ତ୍ତୀ ଅସ୍ୱାଭାବିକ ଆଚରଣରେ।

କାଳିଆକୁ କୋଳରେ ବସେଇ ଜେନି ଯେତେବେଳେ ତାଙ୍କ ପାଟିରେ ଖାଇବା ଗୁଞ୍ଜି ଦେଉଥିଲା, ସେତେବେଳେ ତାଙ୍କ ପାଟିରୁ ବାଜି ସେଗୁଡ଼ିକ ତଳେ ଖସି ପଡୁଥିଲା ଏବଂ ତାକୁ ଉଠେଇ ନେଇ ନିଜେ ମାମ୍ ଖାଇଦେଉଥିବାର ଦୃଶ୍ୟରେ ପ୍ରଶାନ୍ତି ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇଥିଲା କେବଳ।

ପାଗିଳୀ ମେମ୍‌ଙ୍କର ପାଗଳିପଣିଆକୁ ଆଉ ଅଧିକ ସମୟ ଉପଭୋଗ ନ କରି ସେ ରୁମ ଭିତରୁ ନିଷ୍କ୍ରାନ୍ତ ହୋଇ ଯାଇଥିଲା। ଯାହା ଜେନି ଆଦୌ ଜାଣି ପାରି ନଥିଲା। (କ୍ରମଶଃ)

❤ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

---

# ସୁସ୍ଥ ଜୀବନର ଆଲୋକ



ଡା. ଉମେଶ ଚନ୍ଦ୍ର ପାତ୍ର

ଆମେ ସମସ୍ତେ ସୁସ୍ଥ ଜୀବନ କାମନା କରୁ। ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ୍, ବଡ଼ିର ସୁନ୍ଦର ଅଙ୍ଗ ସୌଷ୍ଠବ ସହ ଚଳଚଞ୍ଚଳତା ଜଣକୁ ସ୍ୱାସ୍ଥ୍ୟବାନ ଭାବେ ପ୍ରମାଣିତ କରିଥାଏ। ଗତ ଅକ୍ଟୋବର ମାସରେ ବଡିବିଲଡ଼ିଂ କ୍ଷେତ୍ରରେ ଅସାଧାରଣ ପ୍ରତିଭା କୁହାଯାଉଥିବା କିମ୍ବଦନ୍ତୀ ବରେନ୍ଦର ସିଂହଙ୍କ ହୃଦଘାତ ଜନିତ ମୃତ୍ୟୁ ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀଙ୍କୁ ଦୁଃଖ ପହଞ୍ଚାଇଛି। ବରେନ୍ଦର ସିଂହ ଜଣେ ଫିଟନେସ୍ ଆଇକନ ଭାବେ ପ୍ରତିଷ୍ଠିତ ଓ ଅସାଧାରଣ କୃତୀତ୍ୱ ଭାବେ ବିଶେଷକରି ପେଷାଦାର ବଡ଼ି ବିଲଡିଂ କ୍ଷେତ୍ରରେ ସେ ଜଣେ ଶୀର୍ଷତମ ସ୍ୱୀକୃତି ପାଇଥିଲେ। ଅନେକ ପୃଥିବୀ ପ୍ରସିଦ୍ଧ ନାମୀ ଦାମୀ କମ୍ପାନୀର ସିଏ ବ୍ରାଣ୍ଡ ଆମ୍ବସଡ଼ର ଥିଲେ। ସୁତରାଂ ଘୁମନଙ୍କ ଦେହାବସାନ ପରେ ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ ଓ ବଡ଼ ବିଲଡିଂ ଭଳି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ ତୃଣମୂଳ ଆଲୋଚନା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକୁ ଘୋଟି ରହିଥିବା ବିଭ୍ରାନ୍ତି ଏବଂ ଭ୍ରାନ୍ତ ଧାରଣାକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ସୁନ୍ଦର ଅଙ୍ଗ ସୌଷ୍ଠବ ଆହରଣର ମାୟାରେ ସମ୍ମୋହିତ ଏକ ବିଶାଳ ବର୍ଗ ପାସୋରି ଯାଇଛନ୍ତି ଯେ ଏହା ସର୍ବଦା ଉତ୍ତମ ସ୍ୱାସ୍ଥ୍ୟ ବା ଫିଟନେସର ପରିଚାୟକ ହୋଇ ନଥାଏ।

ଉତ୍ତମ ସ୍ୱାସ୍ଥ୍ୟ ବୋଇଲେ ଏକ ନିରୋଗ ଜୀବନ, ଯାହା ଏକାଧିକ କାରଣରୁ ସମ୍ଭବ ହୋଇପାରେ, ଯେମିତି କି ଶୃଙ୍ଖଳିତ ଓ କର୍ମଠ ଜୀବନଯାପନ, ମାନସିକ ଚାପକୁ ସୀମିତ କରି ରଖିବାର ସାମର୍ଥ୍ୟ, ଜନ୍ମଗତ ଭାବେ ଆଦୃତ ଜେନେଟିକ ବା ଆନୁବଂଶିକ ଉପହାର ଇତ୍ୟାଦି। କିଛି ଲୋକ ହୁଏତ ସେମାନଙ୍କ ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟକଳାପରେ ଶରୀର ଚାଳନାକୁ ମହତ୍ୱ ଦେଇ ଅତିରିକ୍ତ ବ୍ୟାୟାମ ଲୋଡ଼ି ନଥାନ୍ତି, କିନ୍ତୁ ଯନ୍ତ୍ର ନିର୍ଭର ସାଂପ୍ରତିକ ସମୟରେ ଅତ୍ୟନ୍ତ ନିଷ୍କ୍ରିୟ ଓ ସ୍ଥାଣୁ ଜୀବନଯାପନ କରୁଥିବା ଅଧିକାଂଶ ଲୋକଙ୍କ ଲାଗି ବ୍ୟାୟାମ ଅପରିହାର୍ଯ୍ୟ ଏ ନେଇ କୌଣସି ଦ୍ୱିମତ ନାହିଁ। ଏହି କାରଣରୁ ସଂପ୍ରତି ଆମ ଦେଶରେ ଲକ୍ଷ ଲକ୍ଷ ଲୋକ ଜିମନାସିଅମ ବା ଜିମ୍‌ରେ ନିୟମିତ ବ୍ୟାୟାମରେ ବ୍ରତୀ ହୋଇ ଉତ୍ତମ ସ୍ୱାସ୍ଥ୍ୟର ଆଲୋକିତ ଇଲାକାରେ ପ୍ରବେଶ କରିବାକୁ ବ୍ୟଗ୍ର। ଏଭଳି ଚାହିଦାର ସୁଯୋଗ ନେଇ ଏକ ଅତ୍ୟନ୍ତ ବିଶାଳ ବ୍ୟବସାୟ ମଧ୍ୟ ସୃଷ୍ଟି ହେଲାଣି, ଯାହାର ଅତିକାୟତା କେବଳ ଏଥିରୁ ହୃଦବୋଧ କରି ହେବ ଯେ ୨୦୨୪ ମସିହାରେ ଆମ ଦେଶରେ ଫିଟନେସ ଉଦ୍ୟାଗର ମୂଲ୍ୟ ଥିଲା ୧.୯୪ ବିଲିଅନ ଡଲାର (୧୬,୨୦୦ କୋଟି ଟଙ୍କା), ଜିମ୍ ବ୍ୟାୟାମ ଉପକରଣ ଏବଂ ନ୍ୟୁଟ୍ରିସନ ଓ ସପ୍ଲିମେଣ୍ଟ (ପ୍ରୋଟିନ ପାଉଡର ବା କ୍ରିଏଟିନ ବା ଷ୍ଟେରୋଏଡ଼) ଇତ୍ୟାଦିର କାରବାର ମୂଲ୍ୟ ଥିଲା ଯଥାକ୍ରମେ ୪୯୦.୬୩ ମିଲିଅନ ନିୟୁତ, ୪.୮୮ ବିଲିଅନ ଏବଂ ୧.୭୯ ବିଲିଅନ ଡଲାର (ଡେଲଏଟ ଇଣ୍ଡିଆ ଫିଟନେସ ମାର୍କେଟର ରିପୋର୍ଟ-୨୦୨୫)। ଅନୁମାନ କରାଯାଉଛି ଯେ ଏହି ଉଦ୍ୟୋଗର ଆକାର ୨୦୩୦ ମସିହା ସୁଦ୍ଧା ୨ଗୁଣ ହୋଇଯାଇପାରେ। କିନ୍ତୁ ଏଭଳି ସ୍ଥଳେ ପ୍ରଶ୍ନଟିଏ ଉଠିଥାଏ ଯେ ଏଭଳି ସୂତ୍ରରେ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସ ଲାଭ କରିବାର କୌଣସି ଗ୍ୟାରେଣ୍ଟି ଥାଏ କି?

ପ୍ରକୃତ କଥା ହେଲା ଯେ ଜଣେ ନିୟମିତ ଜିମ ଗମନକାରୀ ଓ ବ୍ୟାୟାମକାରୀଙ୍କ ପକ୍ଷରେ ଉତ୍ତମ ସ୍ୱାସ୍ଥ୍ୟ କି ଫିଟନେସ ଲାଭ କରିବା ନିର୍ଭର କରିବ ସେହି ବ୍ୟକ୍ତିଙ୍କ ଆଭିମୁଖ୍ୟ ଓ ଆଚରଣ ଉପରେ, ଅର୍ଥାତ୍ ତାଙ୍କ ଲକ୍ଷ୍ୟ କ'ଣ ଏବଂ ପ୍ରକୃତରେ ସେ କ'ଣ ହେବାକୁ ଉଦଗ୍ରୀବ, ତା' ଉପରେ। ଧରି ନିଆଯାଉ ମେଦବହୁଳତା ହ୍ରାସ କରିବା ଲାଗି ଜିମକୁ ଯାଇଥିବା ଜଣେ ଯୁବକ ତହିଁରେ ସଫଳ ହେବା ପରେ ନିଜ ଶରୀରକୁ ସେହିଭଳି ରଖିବାରେ ସନ୍ତୁଷ୍ଟ ନ ହୋଇ ସେହି ଜିମରେ ବିଚରଣ କରୁଥିବା ଅତି ମାନବୀୟ ଭାବେ ବପୁବନ୍ତ ମାନଙ୍କ ଦ୍ୱାରା ବିମୋହିତ ହୋଇ ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହିଁପାରେ। କିନ୍ତୁ ସେ ଭଳି ହୋଇପାରିବା ପଛରେ ଥିବା ଦୀର୍ଘକାଳୀନ ସଘନ ଶ୍ରମ ସକାଶେ ଧୈର୍ଯ୍ୟ ନ ଦେଖାଇ ଦ୍ରୁତ ସଫଳତା ନିମନ୍ତେ ଅର୍ବାଚୀନ ଓ ଅନେକ ସମୟରେ ଅଜ୍ଞ ଜିମ ପ୍ରଶିକ୍ଷଣଙ୍କ ପରାମର୍ଶ ଅନୁସାରେ ଶୃଙ୍ଖଳାହୀନ ଭାବେ ମାତ୍ରାଧିକ ମାଂସପେଶୀ ବର୍ଦ୍ଧକ ଷ୍ଟେରୋଏଡ଼ ବା ସପ୍ଲିମେଣ୍ଟ ଆଦି ସେବନ କରି ଶରୀର ସୂକ୍ଷ୍ମ ବ୍ୟବସ୍ଥାକୁ ଉଜାଡ଼ି ଦେଇପାରେ। ଏବଂ ବିଡ଼ମ୍ବନାଟି ହେଲା ଆଇନାରେ ସୁନ୍ଦର ଭାବେ ପ୍ରସ୍ଫୁଟିତ ଶରୀର ସୌଷ୍ଠବ ଦେଖି ସେ କିଭଳି ଫିଟ ତାହା ଭାବି ଆତ୍ମହରା ହେଉଥିବା ବେଳେ ତା ଶରୀରାଭ୍ୟନ୍ତରଟି ତା ଅଲକ୍ଷ୍ୟରେ ଭୁଶୁଡ଼ି ପଡ଼ିବା ଭଳି ସ୍ଥିତିକୁ ଆସିଯାଇଥାଇପାରେ। ଦୁର୍ଭାଗ୍ୟର ବିଷୟ ଯେ ସଂପ୍ରତି ଅସଂଖ୍ୟ ଅସଚେତନ ଯୁବକଯୁବତୀଙ୍କ ଲାଗି ଏହା ହିଁ ଗଣମାଧ୍ୟମରେ ପ୍ରଭାବ ବିସ୍ତାରକାରୀ ଭାବେ ସେମାନେ ଭରପୁର।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

---

ଚେତନାର ଚୌହଦୀ

# ଆବୃତ୍ତି: ବାକ୍-ବୈଭବର ବିମୂର୍ତ୍ତ ବିଭା

ଡ଼ ଗୋଲକ ବିହାରୀ ଆଚାର୍ଯ୍ୟ



ଅତୀତରେ କେତୋଟି କବିତା ପାଠୋତ୍ସବରେ ଉପସ୍ଥିତ ରହିବା ଯୋଗୁ, ମୋ ମଧ୍ୟରେ ଜାଗ୍ରତ ହୋଇଥିବା ବୀତସ୍ପୃହତାରୁ ଜନ୍ମ ଏହି ପ୍ରବନ୍ଧ ।ଅନେକଙ୍କ ଭାବ ଭାବନା ଅବା ଯୌକ୍ତିକତା ପରି ଗମ୍ଭୀର ବିଷୟ ନୁହେଁ, ଅନେକଙ୍କ ଆବୃତ୍ତି ମୋତେ ହତୋତ୍ସାହ କରିଦେଇଥିଲା । କବିତାଟିର ମର୍ମହିଁ ଏହାପ୍ରତି ମମତ୍ୱ ଜାତ କରାଏ ଆଉ ସମିଚୀନ ସ୍ୱର ଉକୁଟି ଉଠେ। ସେତେକ ପ୍ରତି କବି ସତର୍କ ହେବା ଉଦ୍ଦେଶ୍ୟରେ ରଚିତ ଏହି ପ୍ରବନ୍ଧ ।

## ଶବ୍ଦର ଶକ୍ତି ଓ ସ୍ୱରର ସମ୍ମୋହନ

ଆବୃତ୍ତି ହେଉଛି ଅକ୍ଷରର ଅନ୍ତରାଳରେ ଥିବା ଅର୍ଥକୁ ଆତ୍ମାର ଆବେଗ ଦେଇ ଅଭିବ୍ୟକ୍ତ କରିବାର ଏକ ଅନନ୍ୟ କଳା । ଏହା କେବଳ ପଠନ ନୁହେଁ, ବରଂ ପ୍ରାଣବନ୍ତ ପ୍ରକାଶର ଏକ ସାରସ୍ୱତ ସାଧନା । ଲିଖିତ ଶବ୍ଦ ସମୂହକୁ ମାନବୀୟ ସ୍ୱରର ସୁଲଳିତ ସ୍ପର୍ଶ ଦେଇ ଜୀବନ୍ତ କରିବା ହିଁ ଆବୃତ୍ତିର ପ୍ରକୃତ ପରିଚୟ । ଏହା ଯାନ୍ତ୍ରିକ ଉଚ୍ଚାରଣଠାରୁ ବହୁ ଊର୍ଦ୍ଧ୍ୱରେ; ଏକ ଶୃଙ୍ଖଳିତ ଏବଂ ସୃଜନଶୀଳ ପରିବେଷଣ ଯାହା ସ୍ପଷ୍ଟତା, ସୂକ୍ଷ୍ମତା, ସଂବେଦନା ଏବଂ ସଂଯମତାର ଏକ ମଧୁର ସମନ୍ୱୟ । କବିତାର କମନୀୟତା ହେଉ କିମ୍ବା ନାଟକର ନାଟକୀୟତା, ପ୍ରାର୍ଥନାର ପବିତ୍ରତା ହେଉ କିମ୍ବା ଭାଷଣର ଭାବଗମ୍ଭୀରତା—ସବୁଠି ଆବୃତ୍ତି ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ବିଶ୍ୱର ପ୍ରତ୍ୟେକ ସଭ୍ୟତାରେ ଶିକ୍ଷା, ସଂସ୍କୃତି ଏବଂ ମୌଖିକ ପରମ୍ପରାକୁ ବଞ୍ଚାଇ ରଖିବାରେ ଆବୃତ୍ତିର ଅବଦାନ ଅତୁଳନୀୟ ।

ଆବୃତ୍ତି ହେଉଛି ଅକ୍ଷରର ଅନ୍ତରାଳରେ ଥିବା ଅର୍ଥକୁ ଆତ୍ମାର ଆବେଗ ଦେଇ ଅଭିବ୍ୟକ୍ତ କରିବାର ଏକ ଅନନ୍ୟ କଳା । ଏହା କେବଳ ପଠନ ନୁହେଁ, ବରଂ ପ୍ରାଣବନ୍ତ ପ୍ରକାଶର ଏକ ସାରସ୍ୱତ ସାଧନା । ଲିଖିତ ଶବ୍ଦ ସମୂହକୁ ମାନବୀୟ ସ୍ୱରର ସୁଲଳିତ ସ୍ପର୍ଶ ଦେଇ ଜୀବନ୍ତ କରିବା ହିଁ ଆବୃତ୍ତିର ପ୍ରକୃତ ପରିଚୟ । ଏହା ଯାନ୍ତ୍ରିକ ଉଚ୍ଚାରଣଠାରୁ ବହୁ ଊର୍ଦ୍ଧ୍ୱରେ; ଏକ ଶୃଙ୍ଖଳିତ ଏବଂ ସୃଜନଶୀଳ ପରିବେଷଣ ଯାହା ସ୍ପଷ୍ଟତା, ସୂକ୍ଷ୍ମତା, ସଂବେଦନା ଏବଂ ସଂଯମତାର ଏକ ମଧୁର ସମନ୍ୱୟ । କବିତାର କମନୀୟତା ହେଉ କିମ୍ବା ନାଟକର ନାଟକୀୟତା, ପ୍ରାର୍ଥନାର ପବିତ୍ରତା ହେଉ କିମ୍ବା ଭାଷଣର ଭାବଗମ୍ଭୀରତା—ସବୁଠି ଆବୃତ୍ତି ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ ।

## ଆବୃତ୍ତିର ଆତ୍ମା: ସଂଜ୍ଞା ଓ ସ୍ୱରୂପ

ସାଧାରଣ ଅର୍ଥରେ ଆବୃତ୍ତି କହିଲେ କୌଣସି ପଦ୍ୟ, ପ୍ରାର୍ଥନା, ଗଦ୍ୟାଂଶ ବା ଭାଷଣକୁ ମନେ ରଖି ବା ପୁସ୍ତକରୁ ଦେଖି ଉଚ୍ଚ ସ୍ୱରରେ ପଢ଼ିବାକୁ ବୁଝାଏ । ମାତ୍ର ଏହାର ମୂଳସତ୍ତା ପରିବେଷଣର ଶୈଳୀରେ ହିଁ ନିହିତ । ଶବ୍ଦର ଶୁଦ୍ଧ ଉଚ୍ଚାରଣ, ଗତିର ଛନ୍ଦୋବଦ୍ଧତା, ଯଥାର୍ଥ ଯତିପାତ ଏବଂ ସ୍ୱରର ଆରୋହ-ଅବରୋହ ହିଁ ଆବୃତ୍ତିକୁ ଅର୍ଥପୂର୍ଣ୍ଣ କରିଥାଏ । ନିଶବ୍ଦ ଅକ୍ଷରକୁ ନିଃଶ୍ୱାସର ସ୍ପନ୍ଦନ ଦେଇ ଶ୍ରୋତାର କର୍ଣ୍ଣ, ମନ ଏବଂ ହୃଦୟକୁ ଏକ ସମୟରେ ଆନ୍ଦୋଳିତ କରିବା ହିଁ ଜଣେ ଆବୃତ୍ତିକାରଙ୍କ ମୁଖ୍ୟ ଲକ୍ଷ୍ୟ ।

## ମୌଳିକ ବୈଶିଷ୍ଟ୍ୟ: ନୀରବ ପଠନ ଓ ସଶବ୍ଦ ଆବୃତ୍ତିର ପାର୍ଥକ୍ୟ

ଆବୃତ୍ତିକୁ ସାଧାରଣ ପଠନଠାରୁ କେତେକ ବିଶେଷ ଗୁଣ ପୃଥକ କରିଥାଏ । ପ୍ରଥମତଃ, ଏହା ଏକ ମୌଖିକ ପରିବେଷଣ; ଯେଉଁଠି ଶବ୍ଦ କେବଳ ଚକ୍ଷୁରେ ପଢ଼ାଯାଏ ନାହିଁ, ବରଂ କର୍ଣ୍ଣରେ ଶୁଣାଯାଏ । ଦ୍ୱିତୀୟରେ, ଏଥିରେ ସୂକ୍ଷ୍ମତା ଓ ସଠିକତା ଅପରିହାର୍ଯ୍ୟ । ଲେଖାଟି ଯେମିତି ଅଛି, ତାକୁ ସେମିତି ବିନା କୌଣସି ବିକୃତିରେ ଉପସ୍ଥାପନ କରିବା ଏକ ବଡ଼ ଦାୟିତ୍ୱ। ତୃତୀୟରେ, ଅଭିବ୍ୟକ୍ତି ଏବଂ ସ୍ୱରର ଗୁଣବତ୍ତା । ଶବ୍ଦର ଭାବ ଅନୁସାରେ ସ୍ୱରରେ କୋମଳତା କିମ୍ବା କଠୋରତା ଆଣିବା ଆବୃତ୍ତିକୁ ହୃଦୟସ୍ପର୍ଶୀ କରିଥାଏ । ଚତୁର୍ଥତଃ, ସ୍ମରଣ ଶକ୍ତି । ଅନେକ ସ୍ଥଳରେ, ବିଶେଷକରି କବିତା ବା ମନ୍ତ୍ର କ୍ଷେତ୍ରରେ, ମନେ ରଖି ଆବୃତ୍ତି କରିବା ଦ୍ୱାରା ପାଠ୍ୟ ସହିତ ଆବୃତ୍ତିକାରଙ୍କର ଏକ ଆତ୍ମିକ ସମ୍ପର୍କ ସୃଷ୍ଟି ହୋଇଥାଏ ।

## ବିବିଧ କ୍ଷେତ୍ରରେ ପ୍ରୟୋଗ: ସାହିତ୍ୟରୁ ସମାଜ

ଆବୃତ୍ତିର ପରିଧି ବହୁତ ବ୍ୟାପକ । ସାହିତ୍ୟ କ୍ଷେତ୍ରରେ କବିତା ଆବୃତ୍ତି ଏହାର ଛନ୍ଦ, ରୂପକ ଏବଂ ଭାବଗମ୍ଭୀରତାକୁ ଲୋକଲୋଚନକୁ ଆଣିଥାଏ । ଧର୍ମୀୟ କ୍ଷେତ୍ରରେ ମନ୍ତ୍ର ଜପ, ସ୍ତୋତ୍ର ପାଠ ଏବଂ ପବିତ୍ର ଗ୍ରନ୍ଥର ଆବୃତ୍ତି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ, ଯାହା ସାମୂହିକ ଭକ୍ତିଭାବକୁ ସୁଦୃଢ଼ କରିଥାଏ । ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ପାଠ୍ୟ ଓ କବିତା ଆବୃତ୍ତି କରିବା ଦ୍ୱାରା ସେମାନଙ୍କର ଉଚ୍ଚାରଣ ସ୍ପଷ୍ଟ ହୁଏ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ । ସେହିପରି ସାଧାରଣ ସଭା ସମିତିରେ ପ୍ରଦତ୍ତ ସାରଗର୍ଭକ ଭାଷଣ ବା ଉଦ୍ଧୃତି ମଧ୍ୟ ଆବୃତ୍ତିର ଏକ ରୂପ ।

## ଉତ୍ତମ ଆବୃତ୍ତିର ଗୁଣାବଳୀ: କଳା ଓ କୌଶଳର କ୍ରୀଡ଼ା

ଜଣେ ଦକ୍ଷ ଆବୃତ୍ତିକାର ହେବା ପାଇଁ ବୈଷୟିକ ଜ୍ଞାନ ସହିତ କଳାତ୍ମକ ଦୃଷ୍ଟିଭଙ୍ଗୀ ରହିବା ଜରୁରୀ ।

୧. ଶବ୍ଦ ଶୁଦ୍ଧତା: ପ୍ରତ୍ୟେକ ଶବ୍ଦକୁ ସ୍ପଷ୍ଟ ଏବଂ ସଠିକ ଭାବେ ଉଚ୍ଚାରଣ କରିବା ପ୍ରାଥମିକ ସର୍ତ୍ତ ।

୨. ସ୍ୱରର ଗତି ଓ ଯତି: ଆବୃତ୍ତି ଅତି ଦ୍ରୁତ କିମ୍ବା ଅତି ମନ୍ଥର ହେବା ଅନୁଚିତ । ଶ୍ରୋତା ଯେପରି ସହଜରେ ବୁଝିପାରିବେ, ସେଥିପାଇଁ ଉପଯୁକ୍ତ ସ୍ଥାନରେ ବିରାମ (ଚବଙ୍କଞ୍ଚର) ନେବା ଆବଶ୍ୟକ ।

୩. ଭାବପୂର୍ଣ୍ଣ ଅଭିବ୍ୟକ୍ତି: ପାଠ୍ୟରେ ଥିବା ସୁଖ, ଦୁଃଖ, କ୍ରୋଧ, କରୁଣା ବା ଶାନ୍ତିର ଭାବକୁ ନିଜ ସ୍ୱରରେ ପ୍ରକଟ କରିବା ହିଁ ଆବୃତ୍ତିର ସୌନ୍ଦର୍ଯ୍ୟ ।

୪. ଉଚ୍ଚାରଣ ଓ ସ୍ୱର ନିୟନ୍ତ୍ରଣ: ସ୍ୱର ଯେପରି ସ୍ଥିର ଏବଂ ଶୁଣାଯିବା ଭଳି ରହିବ, ସେଥିପାଇଁ ଶ୍ୱାସକ୍ରିୟା ଉପରେ ନିୟନ୍ତ୍ରଣ ରହିବା ଜରୁରୀ ।

୫. ଆତ୍ମବିଶ୍ୱାସ: ମଞ୍ଚ ଉପରେ ପରିବେଷଣ ସମୟରେ ଧୈର୍ଯ୍ୟ ଓ ସାହସ ସହିତ ଉପସ୍ଥାପନା କରିବା ଦ୍ୱାରା ଶ୍ରୋତାଙ୍କୁ ପ୍ରଭାବିତ କରିହୁଏ ।

## ସ୍ୱରର ସାରଥୀ: ଶବ୍ଦର ସର୍ବୋଚ୍ଚ ଶକ୍ତି

ଆବୃତ୍ତିର ସମସ୍ତ ଉପାଦାନ ମଧ୍ୟରେ 'ସ୍ୱର' ହେଉଛି ସର୍ବଶ୍ରେଷ୍ଠ ଯାଦୁକରୀ ଶକ୍ତି । ବିନା ପ୍ରଭାବଶାଳୀ ସ୍ୱରରେ ଜଣେ ଲେଖକର ସୁନ୍ଦର ରଚନା ମଧ୍ୟ ଶ୍ରୋତା ପାଖରେ ନୀରସ ମନେ ହୋଇପାରେ । ସ୍ୱରର ଗାମ୍ଭୀର୍ଯ୍ୟ ହିଁ ପରିବେଶକୁ ପରିବର୍ତ୍ତନ କରିଦିଏ । ଶବ୍ଦ ଓ ଶ୍ରୋତା ମଧ୍ୟରେ ସ୍ୱର ଏକ ଅଦୃଶ୍ୟ ସେତୁ ପରି କାର୍ଯ୍ୟ କରେ । ଏହା ହିଁ ଭାଷାକୁ ଏକ ଜୀବନ୍ତ କଳାରେ ରୂପାନ୍ତରିତ କରିଥାଏ ।

## ଉପେକ୍ଷିତ ଦିଗ: ସୂକ୍ଷ୍ମ ଅନୁଧ୍ୟାନ

ଉଚ୍ଚାରଣ ଏବଂ ଛନ୍ଦ ବ୍ୟତୀତ ଅନେକ ସୂକ୍ଷ୍ମ ଦିଗ ପ୍ରତି ଆବୃତ୍ତିକାର ସଜାଗ ରହିବା ଉଚିତ। ସଠିକ ଭାବେ ଶ୍ୱାସ ନେବା, ଶବ୍ଦର ଅର୍ଥ ବୁଝି ଯତିପାତ କରିବା ଏବଂ କୃତ୍ରିମତା ପରିହାର କରି ସ୍ୱାଭାବିକ ରହିବା ଏକ ବଡ଼ ଗୁଣ । ମୁଖର ସାମାନ୍ୟ ଅଭିବ୍ୟକ୍ତି ଏବଂ ଶରୀରର ଶୃଙ୍ଖଳିତ ଭଙ୍ଗୀ ଆବୃତ୍ତିର ମର୍ଯ୍ୟାଦା ବଢ଼ାଇଥାଏ । ଶ୍ରୋତାଙ୍କ ସହିତ ମାନସିକ ସଂଯୋଗ ରକ୍ଷା କରିବା ପାଇଁ ସ୍ୱରର ଆବେଗକୁ ସମୟାନୁସାରେ ପରିବର୍ତ୍ତନ କରିବାକୁ ପଡ଼ିଥାଏ ।

ଶ୍ରୋତାଙ୍କ ଉପରେ ପ୍ରଭାବ: ଏକ ଦିବ୍ୟ ଅନୁଭୂତି

ଉତ୍ତମ ଆବୃତ୍ତି ଶ୍ରୋତାଙ୍କର ବୁଝିବା ଶକ୍ତିକୁ ଦ୍ୱିଗୁଣିତ କରିଦିଏ । ଜଟିଳ କବିତା ବା ଗୂଢ଼ ତଥ୍ୟକୁ ସ୍ପଷ୍ଟ ସ୍ୱରରେ ଶୁଣିଲେ ତାହା ସହଜ ମନେହୁଏ । ଆବୃତ୍ତିକାରଙ୍କ ଶ୍ରଦ୍ଧା ଏବଂ ନିଷ୍ଠା ଶ୍ରୋତାଙ୍କ ମନରେ ଏକ ଭାବଗତ ସମ୍ପର୍କ ସ୍ଥାପନ କରେ । ଏହା କେବଳ ମନୋରଞ୍ଜନ ନୁହେଁ, ବରଂ ଶ୍ରୋତାଙ୍କୁ ମାନସିକ ଭାବେ ସକ୍ରିୟ କରିଥାଏ ।

## ଶେଷକଥା: ପରମ୍ପରା ଓ ପ୍ରଗତିର ପରିପୂରକ

ଆଧୁନିକ ଯୁଗରେ ଦୃଶ୍ୟମାନ ଗଣମାଧ୍ୟମର ଚମକ ଭିତରେ ଆବୃତ୍ତି ନିଜର ପ୍ରାସଙ୍ଗିକତା ହରାଇ ନାହିଁ । ବରଂ ଏହା ଆମକୁ ଶିଖାଏ ଯେ ଶବ୍ଦରେ କେତେ ଶକ୍ତି ଅଛି । ଆବୃତ୍ତି କେବଳ ପ୍ରଦର୍ଶନ ନୁହେଁ, ଏହା ଏକ ପବିତ୍ର ପରିବେଷଣ ଯାହା ପରମ୍ପରାକୁ ସୁରକ୍ଷିତ ରଖେ, ଶିକ୍ଷାକୁ ବୁଦ୍ଧିମନ୍ତ କରେ ଏବଂ ମାନବୀୟ ସ୍ୱରର ସୌନ୍ଦର୍ଯ୍ୟକୁ ପାଳନ କରେ । ଆବୃତ୍ତି ଜରିଆରେ ଶବ୍ଦ ଯେତେବେଳେ ସ୍ୱର ହୋଇ ଝରିପଡ଼େ, ସେତେବେଳେ ମନ ନିର୍ମଳ ହୁଏ, ହୃଦୟ ବିସ୍ତାରିତ ହୁଏ ଏବଂ ଆତ୍ମା ଶାନ୍ତି ପାଏ । ଏହି ଜୀବନ୍ତ କଳା ହିଁ ଭାଷାର ପ୍ରକୃତ ବୈଭବ ।

❤କେଶଦୁରାପାଳ, କେଉଁଝର
(ମୋ) ୯୯୩୮୧୭୫୧୦୦

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୮ ଫେବୃଆରୀ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମଧୁରୋକ୍ତି...( ୧୭ )

♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ତା' ପରେ ତୁମେ ଦେଇଥିବା ଶେଷ ସୁଯୋଗ ବିଷୟ ଜଣେଇ ଦେଇ ସେ ତଳକୁ ଓହ୍ଲେଇ ଯାଇଥିଲେ। ସେଠାରେ ଉପସ୍ଥିତ ସମସ୍ତେ ବୀରମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଯଦି ସେମାନେ ତାଙ୍କର ପାଦ ଭୂମିରୁ ଉଠେଇବା ପାଇଁ ସକ୍ଷମ ହୋଇ ଯାଆନ୍ତି ତେବେ ସେ ନିଶ୍ଚୟ ଏହି ଯୁଦ୍ଧରୁ ବିରତ ହେବା ପାଇଁ ତୁମକୁ ବିନତି କରିବେ। ଅଙ୍ଗଦଙ୍କର ପାଦକୁ ହଲେଇବାକୁ କେହି ମଧ ସମର୍ଥ ହେଲେନି। ସମସ୍ତେ ଏପରି ଲଜ୍ଜାଜନକ ଭାବେ ହାରିଯିବା ଦେଖି ରାବଣ ନିଜେ ଆସିଲା ବଳ ଦେଖେଇବାକୁ। କିନ୍ତୁ ସେ ଆସି ଅଙ୍ଗଦଙ୍କ ପାଦ ଧରିବାକୁ ଉଦ୍ୟତ ହେଲା ବେଳେ ସେ ତାକୁ ତୁମ ପାଦ ଧରି କ୍ଷମା ମାଗିବାକୁ କହିଲେ ଆଉ ସେତିକିବେଳେ ଖସି ପଡୁଥିବା ରାବଣର ମୁକୁଟକୁ ଫୋପାଡି ଦେବାରୁ ତାହା ଯାଇ ସିଧା ବିଭୀଷଣଙ୍କ ନିକଟରେ ପହଂଚି ଥିଲା। ତା ପରେ ତୁମେ ସେହି ମୁକୁଟକୁ ସମ୍ଭାଳି ରଖିବାକୁ ନିର୍ଦ୍ଦେଶ ଦେଇଥିଲ। ରାଜା ହେଲା ବେଳେ ବିଭୀଷଣ ସେହି ମୁକୁଟ ପିନ୍ଧିବେ ବୋଲି କହିଥିଲ।

ଆଉ ତା' ପରେ ଆରମ୍ଭ ହୋଇଯାଇଥିଲା ସେହି ଭୀଷଣ ଧର୍ମଯୁଦ୍ଧ। ନିଜ ପତ୍ନୀଙ୍କ ଅପହରଣକାରୀ ଦୁର୍ଦ୍ଦଶକୁ ଦଣ୍ଡ ଦେବା ପାଇଁ ତୁମର ପ୍ରତ୍ୟେକ ବୀର ସେନା ନିଜର ପାରୁପଣରେ ଚେଷ୍ଟା ଆରମ୍ଭ କରି ଦେଇଥିଲେ। ରାକ୍ଷସମାନେ ମଧ କେହି କାହାଠାରୁ କମ୍ ନଥିଲେ। ଏତିକି ବେଳେ ହଠାତ୍ ଇନ୍ଦ୍ରଜିତ ସହିତ ଯୁଦ୍ଧ କରୁ କରୁ ବୀର ଲକ୍ଷ୍ମଣଙ୍କୁ ସେ ଶକ୍ତି ଶରରେ ଆହତ କରି ଦେଇଥିଲା। ଲକ୍ଷ୍ମଣ ମୂର୍ଚ୍ଛିତ ହୋଇ ପଡିଲେ। କେହି ମଧ ଏହାର ନିରାକରଣ ଜାଣି ପାରିଲେନି। ଶେଷରେ ବିଭୀଷଣଙ୍କ ଶ୍ୱଶୁର ସୁଷେଣ ବୈଦ୍ୟଙ୍କୁ ହନୁମାନ ଯାଇ ତାଙ୍କ ଭବନ ସହିତ ଉଠେଇ ଆଣିଥିଲେ। ଲକ୍ଷ୍ମଣଙ୍କୁ ପୁନଃ ସୁସ୍ଥ କରିବା ପାଇଁ କେବଳ ଗୋଟିଏ ମାତ୍ର ମହୌଷଧି ଥିଲା। ଯାହା ହିମାଳୟର ଦୂର ଓଷଧୀୟ ଗନ୍ଧମାର୍ଦ୍ଦନ ପର୍ବତ ଉପରେ ଏକ ସଂଜୀବନୀ ବୁଟି ହୋଇ ପ୍ରକଟ ହେଇଥିଲା। କିନ୍ତୁ ବୈଦ୍ୟଙ୍କ କହିବା ଅନୁସାରେ ସୂର୍ଯ୍ୟୋଦୟ ପୂର୍ବରୁ ହିଁ ଏହି ଔଷଧିର ପ୍ରୟୋଗ ଫଳପ୍ରଦ ଥିଲା। ତୁମେ ସେତେବେଳେ ଜଣେ ସାଧାରଣ ମନୁଷ୍ୟ ପରି ବିଳାପ କରୁଥିଲ। ମାତାମାନେ ପଚାରିଲେ କି ଉତ୍ତର ଦେବ ବୋଲି ଚିନ୍ତା କରୁଥିଲ। ଲକ୍ଷ୍ମଣ ଆଉ ସୀତାଙ୍କ ସହିତ ତୁମେ ବନବାସ ଆରମ୍ଭ କରିଥିଲ। ହେଲେ ସୀତା ହରଣ ସହିତ ଲକ୍ଷ୍ମଣଙ୍କ ଜୀବନ ସଙ୍କଟାପନ୍ନ ହୋଇଯିବା ତୁମକୁ ଭିତରୁ ପୁରା ଭାଙ୍ଗି ଦେଇଥିଲା। ଅଯୋଧ୍ୟା ଫେରି ଗଲାପରେ ଉର୍ମିଳା ପଚାରିଲେ କଣ କହିବ ଭାବି ବିକଳ ହେଇଥିଲ। ଅଧର୍ମ ନାଶ କରିବା ମାର୍ଗରେ ଏପରି କଷ୍ଟ କାହିଁକି ବିଧାତା ଲେଖି ଦେଇଛି ବୋଲି କହି ଲୋତକ ଝରାଇ ଚାଲିଥିଲ।

ଏହି ସମୟରେ ବୀର ହନୁମାନ ଏ ପରିସ୍ଥିତିର ମୁକାବିଲା କରିବାକୁ ଆଗେଇ ଆସିଲେ। ସେ ଲମ୍ଫ ଦେଇ ହିମାଳୟକୁ ଯାଇ ସେଠାରୁ ଜଡ଼ିବୁଟି ନେଇ ଫେରି ଆସିବାକୁ ବଚନ ଦେଲେ ଆଉ ତୁମ ନାମ ନେଇ ଗୋଟିଏ କୁଦା ମାରି ଅନେକ ରାସ୍ତା ଉଡ଼ିଗଲେ। ସେତିକିବେଳେ ତାଙ୍କ ଭେଟ ଏକ ସାଧୁଙ୍କ ସହିତ ହେଲା। ହନୁମାନ ତାଙ୍କୁ ଔଷଧୀୟ ବୃକ୍ଷ ବିଷୟରେ କହି ରାସ୍ତା କହି ଦେବାକୁ ଅନୁରୋଧ କଲେ। ଆଉ ସେହି ସାଧୁବାବା ହନୁମାନଙ୍କୁ ଏକ ସରୋବରରେ ସ୍ନାନ କରି ଆସିବାକୁ ପରାମର୍ଶ ଦେଲେ। ଆଉ ହନୁମାନ ସରୋବରର ଜଳରେ ସ୍ପଷ୍ଟ ଦେଖି ପାରିଲେ ଯେ ଏହି ସାଧୁବାବା ଆଉ କେହି ନୁହେଁ ବରଂ କାଳନେମୀ ରାକ୍ଷସ ହିଁ ଥିଲା। ସରୋବର ଭିତରେ ଏକ କୁମ୍ଭୀର ରୂପ ନେଇ ସେ ହନୁମାନଙ୍କୁ ଆଘାତ ପହଞ୍ଚାଇବାକୁ ଚେଷ୍ଟା କରିବା ପରେ ହନୁମାନ ତାହାର ଅସଲ ଉଦ୍ଦେଶ୍ୟ ଜାଣିପାରି ତାକୁ ଯମଲୋକକୁ ପଠେଇ ଦେଇଥିଲେ। ତା ପରେ ଆଗେଇ ଯାଇଥିଲେ ସଂଜୀବନୀ ବୁଟୀ ସନ୍ଧାନ କରିବା ଲକ୍ଷ୍ୟରେ।

ରାତି ଆହୁରି ବାକି ଥିଲା। ହନୁମାନ ହିମାଳୟ ପର୍ବତର ସେହି ଗନ୍ଧମାର୍ଦ୍ଦନ ଔଷଧୀୟ ଚୂଡାରେ ପହଞ୍ଚି ଦେଖିଲେ ସେଠାରେ ଅନେକ ଛୋଟ ବଡ଼ ବୃକ୍ଷ ଚମକ ଦେଉଛି। ସୁଷେଣ ବୈଦ୍ୟ କହିବା ଅନୁସାରେ ସେହି ଚମକୁଥିବା ଗଛ ଭିତରୁ ଗୋଟିଏ ତାଙ୍କର ଆବଶ୍ୟକୀୟ ଔଷଧୀୟ ବୃକ୍ଷ ଥିଲା। ହେଲେ ହନୁମାନ ଜାଣି ନଥିଲେ ଯେ କେଉଁ ଗଛ ନେବା ଉଚିତ୍ ହେବ। ଏପଟେ ସୂର୍ଯ୍ୟୋଦୟ ସହିତ ବୀର ଲକ୍ଷ୍ମଣଙ୍କର ଚେତା ଫେରିବା ଆଶା ସମାପ୍ତ ହୋଇଯିବାର ଆଶଙ୍କା ମଧ ତାଙ୍କୁ ଗ୍ରାସ କରୁଥିଲା। ଏପରି ବିଷମ ସଙ୍କଟର ଘଡିରେ ନିଜେ ସଙ୍କଟ ମୋଚନ ଚିନ୍ତାରେ ପଡ଼ିଯାଇ କେବଳ ତୁମରି ନାମ ସ୍ମରଣ କରି ଚାଲିଥିଲେ। ଆଉ ସତକୁ ସତ ତୁମେ ହିଁ ତାଙ୍କୁ ଉପାୟ ଜଣେଇ ଦେଇଥଲ। ଅବିଳମ୍ବେ ସେ ବିରାଟକାୟ ରୂପ ନେଇ ସେହି ପୁରା ପାହାଡଟିକୁ ନିଜ ହାତରେ ଉଠେଇ ଦେଲେ ଆଉ ଆକାଶ ମାର୍ଗରେ ଉଡ଼ି ଚାଲିଲେ ତୁମ ପାଖକୁ।

ବଜରଙ୍ଗବଳିଙ୍କର ଏହି ସ୍ୱରୂପ ଅତ୍ୟନ୍ତ ଶୁଭଦାୟୀ। ଏହି ରୂପରେ ସେ ଭକ୍ତ ମାନଙ୍କର ସବୁ ସଙ୍କଟ ହରଣ କରନ୍ତି। ହନୁମାନ ଉଡ଼ି ଚାଲିଥାନ୍ତି। ନନ୍ଦିଗ୍ରାମ ଉପର ଦେଇ ଉଡ଼ି ଯାଉଥିବା ବେଳେ ବୀର ଭରତଙ୍କ ନଜର ତାଙ୍କ ଉପରେ ପଡ଼ିଲା। ସେ ଦେଖିଲେ ଏକ ବିରାଟକାୟ ବାନର ପାହାଡ ଉଠେଇ ଉଡ଼ି ଚାଲିଛି। ଏହି ଘଟଣା ଜମାରୁ ବିଶ୍ୱାସ ଯୋଗ୍ୟ ନଥିଲା। ସେ ଜାଣିଥିଲେ ଯେ ଅନେକ ମାୟାବୀ ଅସୁର ତାଙ୍କ ବଡ଼ଭାଇ ଶ୍ରୀରାମଙ୍କ ଶତ୍ରୁ ହୋଇ ତାଙ୍କର କ୍ଷତି ପହଞ୍ଚାଇବାକୁ ଚାହୁଁଛନ୍ତି। ଯଦି ଅଯୋଧ୍ୟା ଉପରେ ମଧ ଆକ୍ରମଣ ହୁଏ ତେବେ ସେ ଭାଇଙ୍କୁ କି ମୁହଁ ଦେଖେଇବେ...!!

ଏମିତି ଅନେକ ଦୁଶ୍ଚିନ୍ତା ମଧରେ ଭରତ କାଳ ବିଳମ୍ବ ନକରି ତୁରନ୍ତ ଧନୁରେ ତୀର ଯୋଖି ହନୁମାନଙ୍କ ଉପରକୁ ତୁମରି ନାମ ନେଇ ନିକ୍ଷେପ କଲେ। ତୁମ ନାମ ଧରି ଛଡ଼ା ଯାଇଥିବା ତୀର ସିଧା ଯାଇ ହନୁମାନଙ୍କ ଛାତିରେ ବିଦ୍ଧ ହୋଇଗଲା। ଯେ କୌଣସି ଅସ୍ତ୍ର ଶସ୍ତ୍ର ହେଉନା କାହିଁକି ତାଙ୍କ ଉପରେ ପ୍ରଭାବ ପକେଇ ପାରିନି। କିନ୍ତୁ ଏହି ତୀର ତୁମ ନାମର ଶକ୍ତି ବହନ କରିଥିଲା। ସେଇଥିପାଇଁ ସେହି ଶରର ପ୍ରଭାବରେ ତୁମେ ଆଘାତ ପାଇ ତଳେ ପଡି ଯାଇଥିଲ। ପଡ଼ିବା ସମୟରେ ରାମ ନାମ ନେଇ ତଳେ ପଡିଯିବାରୁ ଭରତ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ପାଖକୁ ଆସିବା ପରେ ତାଙ୍କୁ ଦେଖି ହନୁମାନ ମଧ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତୁମ ସହିତ ତାଙ୍କ ଚେହେରାର ଅଦ୍ଭୁତ ସାମଞ୍ଜସ୍ୟ ଥିଲା। ଦୁଇ ରାମଭକ୍ତ ପରସ୍ପରର ପରିଚୟ ପାଇ ଅତ୍ୟନ୍ତ ଆନନ୍ଦିତ ହେଲେ। ହନୁମାନଙ୍କ କ୍ଷତରେ ତୁମରି ନାମ ନେଇ ଭରତ ହାତ ବୁଲେଇ ଆଣିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଇଥିଲେ। ହନୁମାନଙ୍କ ମୁହଁରୁ ଜଙ୍ଗଲ ଭିତରେ ତୁମ ସହିତ ହୋଇଥିବା ସବୁ ସମାଚାର ଭରତ ପାଇଥିଲେ। କିପରି ସୂର୍ପଣଖାର କୁଟିଳ ଚକ୍ରାନ୍ତ ଫଳରେ ରାବଣ ସହିତ ଶତ୍ରୁତା ଶେଷରେ ସୀତା ହରଣରେ ସମାପ୍ତ ହୋଇଥିଲା, କିପରି ତମ ସେନା ଲଙ୍କାରେ ପହଞ୍ଚିବା ପାଇଁ ସେତୁ ନିର୍ମାଣ କରିଥିଲେ ତଥା କିପରି ଏକ ମହାଯୁଦ୍ଧ କରୁ କରୁ ଲକ୍ଷ୍ମଣ ମୂର୍ଚ୍ଛିତ ହୋଇ ପଡ଼ିଥିଲେ ସେସବୁ ବିଷୟ ସେ ବର୍ଣ୍ଣନା କରିଥିଲେ। ସବୁକଥା ଶୁଣି ଭରତ ବହୁତ ମନ ଦୁଃଖ କଲେ। ଆଉ ତୁରନ୍ତ ସଂଜୀବନୀ ନେଇ ଲକ୍ଷ୍ମଣ ପାଖରେ ପହଞ୍ଚାଇବାକୁ ଆଗ୍ରହ କଲେ। ତା ଛଡା ସେ ଏହା ମଧ କହିଲେ ଯେ ତୁମ ଆଗମନ ପାଇଁ ସେ ଚଉଦ ବର୍ଷ ଅପେକ୍ଷା କରିଛନ୍ତି। ଯେଉଁ ଦିନ ଚଉଦ ବର୍ଷ ସମାପ୍ତ ହେବ ଯଦି ସେଦିନ ସୂର୍ଯ୍ୟାସ୍ତ ପୂର୍ବରୁ ତୁମେ ଫେରିବନି ତା ହେଲେ ସେ ଅଗ୍ନିରେ ଝାସ ଦେବେ। ହନୁମାନ ବହୁତ ଦୁର୍ବଳ ହୋଇ ଯାଇଥିବାରୁ ପୁରାଣ କୁହେ ଯେ ଭରତ ଏକ ତୀର ତୁମରି ନାମ ନେଇ ପ୍ରେରଣ କରିଥିଲେ ଯାହା ହନୁମାନଙ୍କୁ ନେଇ ସିଧା ସାଗର କୂଳରେ ପହଞ୍ଚାଇ ଦେଇଥିଲା।

ସୂର୍ଯ୍ୟୋଦୟ ହୋଇ ଆସୁଥାଏ। କିନ୍ତୁ ତା' ପୂର୍ବରୁ ହନୁମାନ ପର୍ବତ ନେଇ ଆସି ପହଂଚି ଯିବା ପରେ ସୁଷେଣ ଲକ୍ଷ୍ମଣଙ୍କ ଚିକିତ୍ସା କରିଥିଲେ ଆଉ ଲକ୍ଷ୍ମଣ ଚେତା ଫେରି ପାଇଥିଲେ।

ଏହି ଘଟଣା ପରେ ହନୁମାନ ଯେତେବେଳେ ଭରତଙ୍କ ସହିତ ତାଙ୍କର ଭେଟ କଥା କହି ତାଙ୍କର ସନ୍ଦେଶ ତୁମକୁ ଦେଇଥିଲେ; ତୁମେ ତାଙ୍କୁ ସ୍ନେହରେ କୋଳେଇ ନେଇଥିଲ।ଆଉ କହିଥିଲ ଯେ ସେ ମଧ ତୁମ ପାଇଁ ଭରତଭାଇ ପରି ହିଁ ଅତ୍ୟନ୍ତ ପ୍ରିୟ ଅଟନ୍ତି।

ଯୁଦ୍ଧ ବହୁତ୍ ଜୋର ଧରି ଆସୁଥିଲା। ଉଭୟ ପଟୁ ଅନେକ ବୀର ମୃତାହତ ହେଉଥିଲେ। ତୁମର ଶର ଆଗରେ କାହାରି ଶକ୍ତି କାମ କରୁ ନଥିଲା। ସେଇଥିପାଇଁ ଇନ୍ଦ୍ରଜିତ ପୁଣି ଥରେ ନିଜର ମାୟାବୀ ଶକ୍ତି ବଳରେ ନାଗଫାଶ ଦ୍ୱାରା ସମସ୍ତଙ୍କୁ ବାନ୍ଧି ପକେଇଲା।

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# ଚାଷୀର ଦୁଃଖ ହଟିବ କେମିତି ?

ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର



ଚାଷୀ ଯେଉଁ ଚାଷକାର୍ଯ୍ୟ କରି ଫସଲ ଗଣ୍ଡିକୁ ଆମ ହାତରେ ଅର୍ପଣ କରି ଆମକୁ ବଞ୍ଚାଏ ଏଣୁ ତାଙ୍କୁ ସଭିଏ ପ୍ରଣାମ କରିବା କଥା। ଆଗ କାଳରେ ସଭିଏଁ ମାଟି ମା'ଙ୍କୁ ପ୍ରଣାମ କରି ମାଟିକୁ କର୍ଷଣ କରି ଆବଶ୍ୟକତା ଅନୁଯାଇ ପାଣି ମଡ଼ାଇ ବିହନ ବୁଣି ଖତସାର ଦେଇ ଫସଲ ଆଦାୟ କରିବାରେ ଅନୁପ୍ରାଣୀତ ହୋଇଥାଆନ୍ତି। ଏବେ କିନ୍ତୁ ସବୁକିଛି ବଦଳିବାରେ ଲାଗିଛି । ସଭିଙ୍କୁ ନିର୍ଭର କରିବାକୁ ପଡୁଛି ସେହି ଖାଦ୍ୟ ଶସ୍ୟ ଗଣ୍ଡିକର ଉତ୍ପାଦନ ଉପରେ। ଯିଏ ଯାହା ତଥା ଯେଉଁ କର୍ମରେ ନିୟୋଜିତ ରହିଲେ ମଧ ନିଜ ଉଦର ପରିପୋଷଣ ପାଇଁ ଶକ୍ତି ଆସିବ କୁଆଡୁ ଯେ କାମ କରି ରୋଜଗାର କରିବ। ଏଥିପାଇଁ ଚାଷବାସ କୃଷି କର୍ମାଣୀର ଆବଶ୍ୟକତା ବହୁତ, ଆଉ ସମସ୍ତଙ୍କୁ ଏହି ଖାଦ୍ୟଶସ୍ୟ ଗଣ୍ଡିକୁ ସଂଗ୍ରହ କରି ଫଳାଇ ଖାଇପିଇ ଚଳିବାକୁ ହୁଏ । ପୂର୍ବେ ଚାଷ କରିବା ତରିକା ଅଲଗା ଥିଲା। ମଣିଷ, ମଜଦୂର, ଗାଇଗୋରୁ ବଳଦ ସଭିଏଁ ଏହି କାର୍ଯ୍ୟରେ ପରସ୍ପର ଉପରେ ନିର୍ଭରଶୀଳ ଥିଲେ। ଏବେ କିନ୍ତୁ ଚାଷ କରିବାର ପଦ୍ଧତି ବଦଳି ଯାଇଛି । ବଳଦ ଯୋଡି ହଳ କରିବା ଧାରା ଏବେ ଆଉ ନାହିଁ କି ଗାଈବଳଦ ପୋଡ଼ମଇଁଷିର ଗୋବରଖତ କିମ୍ବା ଏଣୁତେଣୁ ଆବର୍ଜନାରୁ ତିଆରି କଂପୋଷ୍ଟ କି ଖତମୁତ ବିଲରେ ପକାଇ ଚାଷ କାର୍ଯ୍ୟ କରିବାର ସେଇ ଆଗକାଳିଆ ବିଚାର ଧାରା ଆଉ ଏବେ ନାହିଁ। ସଭିଏ କୃଷି ଉତ୍ପାଦନର ବୃଦ୍ଧି କରାଇବା ପାଇଁ ରାସାୟନିକ ସାର ତଥା ୟୁରିଆ, ଗ୍ରୋମର, ପଟାସ ଆଦି ଦାମିକିଆ ସାର ଉପରେ ନିର୍ଭର କରିଥାଆନ୍ତି। ଜମି ଚାଷ ପାଇଁ ଟ୍ରାକ୍ଟ ଲଙ୍ଗଳ, ଟ୍ରିଡର, ଫସଲ ଅମଳ ପାଇଁ ବିଭିନ୍ନ କିସମର ଧାନ ଅମଳ ଯନ୍ତ୍ର ସହ ଚାରା ରୋପଣ, ପରିପାଳନ ପାଇଁ ମଧ୍ୟ ମେସିନ ଉପରେ ନିର୍ଭର କରିବାକୁ ହେଉଛି। ଯାହା ବିଦ୍ୟୁତ ଶକ୍ତି, ଡିଜେଲ, ପେଟ୍ରୋଲ ଆଦି ତୈଳର ଚାହିଦାକୁ ବୃଦ୍ଧି କରିବା ସହ ଫସଲ ଉତ୍ପାଦନ ଖର୍ଚ୍ଚକୁ ବହୁମାତ୍ରାରେ ବଢ଼ାଇ ଦେଉଛି । ଜମିବାଡିରେ ଶରିରୀକ ପରିଶ୍ରମ କରିବା ପାଇଁ ଚାଷୀକୁ ମୂଳ ମଜୁରୀ ସିନା ଦେବାକୁ ପଡୁନି ତା' ବଦଳରେ ଯନ୍ତ୍ର ଦାନବମାନଙ୍କୁ ବଞ୍ଚାଇ, ପୋଷି ନିଜ ଜମିରେ ଖଟାଇବା ଖର୍ଚ୍ଚ ଗୁଣକରୁ ଶତଗୁଣା ବୃଦ୍ଧି ପାଇବାରେ ଲାଗିଛି। ଯାହା ଗାଁ ଗହଳିର ଖଟିଖିଆ ଶ୍ରମିକ, ମଜୁରିଆଙ୍କୁ ବେରୋଜଗାର କରି ଶିଳ୍ପପତି, କାରଖାନା, ମିଲ ମାଲିକମାନଙ୍କର ଭାଉ ବଢ଼ାଇବାରେ ଲାଗିଛି। ଏ ସବୁ ପାରିବର୍ତ୍ତି ଚାଷ କାମକୁ ହାତେଇ ଫସଲ ଉତ୍ପାଦନ କରିବା ପାଇଁ ଗାଁ ଗହଳିର ଚାଷୀକୁଳଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ହେଉଛି । ଏ ସବୁର ଅସୁବିଧାକୁ କେତେକାଂଶରେ ଦୂର କରି ଚାଷୀଙ୍କୁ ସହାୟତା କରିବା ପାଇଁ ଆମ ଦେଶର ନିର୍ବାଚିତ ସରକାରମାନେ ଚେଷ୍ଟିତ ଥିଲା ଭଳି ମନେ ହେଉଥିଲେ ମଧ ସେମିତି କିଛି ଚାଷୀଙ୍କ ସୁବିଧା ପାଇଁ କର୍ମ, ସାହାଯ୍ୟ, ସହଯୋଗ କରୁଛନ୍ତି ବୋଲି ବାସ୍ତବରେ ଭାବିହେଉନି । ପ୍ରଥମତଃ ଏ ସବୁ ପରିବର୍ତ୍ତିତ ଧାରାରେ ଫସଲ ଉତ୍ପାଦନର ଖର୍ଚ୍ଚ ବୃଦ୍ଧିକୁ ଆଖି ଆଗରେ ରଖି ଦର ନିର୍ଦ୍ଧାରଣ କରିବା କଥା। ଔପଚାରିକ ଭାବେ ଏଥିପାଇଁ ଦୃଷ୍ଟି ଦିଆଯାଉଥିବା ସରକାରୀ ସ୍ତରରେ କୁହାଯାଉଥିଲେ ମଧ ତାର ସଠିକ ଉପାଦେୟତା ଚାଷୀଙ୍କୁ ମିଳିପାରୁନି । ଜମିବାଡିରେ ଫସଲ ଉତ୍ପାଦନର ଖର୍ଚ୍ଚ କାହିଁ କେଉଁ ଶିଖରରେ ପହଞ୍ଚି ଯାଇଥିଲା ବେଳେ ଫସଲର ମୂଲ୍ୟ ନିର୍ଦ୍ଧାରଣ ତା' ସମକକ୍ଷ କରାଯାଇପାରୁନି। ଏଣୁ ବେଳେବେଳେ ଦେଶ କି ରାଜ୍ୟ ସରକାରମାନେ କିଛି କିଛି ପ୍ରୋତ୍ସାହନ ରାଶି (ବୋନସ୍) ଘୋଷଣା କରୁଥାଆନ୍ତି । ଆଜିକାଲି କୃଷି କର୍ମ କରି ଫସଲ ଦି'ଟା ଭଲରେ ଉପୁଜାଇବା କମ୍ କଷ୍ଟକର କଥା ନୁହଁ । କହିବାକୁ ଗଲେ ଆଜିର କ୍ରମବର୍ଦ୍ଧିଷ୍ଣୁ ଡିଜିଟାଲ କମ୍ପ୍ୟୁଟର ଇଜେସନ ଦୁନିଆରେ ଆଜିର ଯୁବଶକ୍ତି ଆଉ ଅଣ୍ଟା ଭାଙ୍ଗି ଗଳଗର୍ଦ୍ଦମ ହୋଇ ମାଟିହାଣି ଜମିଜମାକୁ ସୁଧାରି ଖରାବର୍ଷା ଶୀତର ଜାଡ଼ରେ ପଡିରହି ଜମି ଚାଷ କରି ଫସଲ ଦି'ଟା ଉପୁଜାଇବାକୁ କେହି ଆଗକୁ ଆସିନଥାନ୍ତି। ବରଂ ଚାହିଁଥାନ୍ତି କେମିତି ବି ହେଉ ଶୀତତାପ ନିୟନ୍ତିତ କଠୋରୀରେ ବସି ଲାପ୍‌ଟପ୍ ଖଣ୍ଡିଏ ଧରି ଛ' ଘଣ୍ଟା ହେଉକି ଅଠର ଘଣ୍ଟା ହେଉ ଦିନରାତି କାର୍ଯ୍ୟ ମନସ୍କ ରହି ଚାକିରୀ କରିବାକୁ ଦେଶ କି ବିଦେଶରେ ବି ହେଉ ଆଗ୍ରହୀ ହୋଇଥାନ୍ତି । କିନ୍ତୁ ଘରେ ରହି ବାପ, ମା', ପିଲାଛୁଆଙ୍କୁ ନେଇ ନିଜଘରେ ନିଜ ଗାଁ କି ସହରରେ କାମ କରିବାକୁ ପାସନ୍ଦ କରିନଥାନ୍ତି । ଏଣେ ପୁଣି ଯେଉଁ କେତେଜଣ ଆଜିକାଲିକା ଶିକ୍ଷାଦୀକ୍ଷା ନ' ପାଇ ନିଜକୁ ପଛୁଆ କରି ପଡି ରହିଲେ ସେମାନଙ୍କ ହାତରେ ରହିଲା କେବଳ ଏହି କୃଷି କର୍ମ । ବହୁ କଷ୍ଟ ସ୍ୱୀକାର କରି ଜମି ଚାଷ କରି କୃଷିକର୍ମକୁ ଜୀବନର ମନ୍ତ୍ର ଭାବି କାର୍ଯ୍ୟ କରିଥାଆନ୍ତି, ସେମାନଙ୍କର ଦୁଃଖ ମଧ୍ୟ କହିଲେ ନ ସରେ । କେତେ କଷ୍ଟକୁ ଆପଣେଇ ଚାଷୀ ଭାଇ ଯେଉଁ ଫସଲ ବିଲରେ ବୁଣେ, ପାଣି ଦେଇ ଫସଲକୁ ଏକମାତ୍ର ଆଶ୍ରା ଭାବି ବଢ଼ାଏ – ତାକୁ ଏ' ଅନିଶ୍ଚିତ ପାଣିପାଗ ତା'ର କଷ୍ଟାର୍ଜିତ ସମସ୍ତ କୃଷିଜ ସମ୍ପତ୍ତିକୁ ନଷ୍ଟ କରି ପକାଏ । ବିଷଶଷାରେ ଆମ ଭାରତ ବର୍ଷର ହାତଗଣତି କେତୋଟି ରାଜ୍ୟରେ ହୁଏତ' ଚାଷୀମାନଙ୍କ ପାଇଁ କିଛିଟା ଜଳସେଚନର ସୁବିଧା ସରକାର ଯୋଗାଇ ଦେଇଛନ୍ତି । ନତୁବା ଭାରତବର୍ଷର ସର୍ବତ୍ର ବର୍ଷାଧାରରେ ଚାଷୀ ଚାଷ କର୍ମ କରିବାକୁ ବାଧ ହୁଏ । ଆଗରୁ ପରାଧୀନ ଥିଲା ଆମ ଦେଶ, ଏବେ ତ' ପ୍ରାୟ ଅଶିବର୍ଷ ଧରି ସ୍ୱାଧୀନତା ପ୍ରାପ୍ତ କଲାଣି । କାହିଁ କେଉଁଠି ଚାଷକର୍ମର ମୁଖ୍ୟ ଜଳସେଚନ ଆଦି କର୍ମାଣୀର ଉନ୍ନତି ଯେମିତିକୁ ସେମିତି । ପୁଣି ଯେଉଁ କେତୋଟି ପଛୁଆ ରାଜ୍ୟ (ଆମ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଓ ବିହାର ଭଳି) ରହିଛି, ସେମାନଙ୍କ ବିନାଶ ଓ ଉନ୍ନତିର କଥା ନ' କହିଲେ ଭଲ । ଇନ୍ଦ୍ର ଦେବତା ଚାହିଁଲେ, ଯଦି ଆବଶ୍ୟକ ଅନୁଯାୟୀ ବର୍ଷା ଠିକ୍ ପରିମାଣରେ ହେଲା ତା' ଫସଲ ଦିଟା 'ପାଚିଲା, ନୋହିଲେ ଚାଷୀ ଆଖିର ଲୁହ ପୋଛୁ ପୋଛୁ ଜୀବନ ଅସ୍ତ ହୋଇଯାଉଥିବାର ସର୍ବକାଳୀନ ଦୃଶ୍ୟ ତ ଏଠି ସେଠି ସବୁଠି ସଦା ଦେଖିବାକୁ ମିଳୁଛି । ଫସଲ ପାଚିଲା ତ' ପାଚିଲା ନାହିଁ ତ ବଢ଼ି, ମରୁଡ଼ିରେ ନଷ୍ଟ ହେଲା । ଏଭଳିଆ ସ୍ଥିତିରେ କିଏ କାହିଁକି କୃଷକଟିଏ ହୋଇ ନିଜ ଜୀବନକୁ ଜଳାଞ୍ଜଳି ଦେବ । ଯଦି ବି ସହିବ କେତେ ଦିନ ସହିବ ? ଋଣଗ୍ରସ୍ତ, ଅଭାବ ଅନଟନରେ ପଡ଼ି – ଏଥିରୁ ସୁଧୁରିବାର କୌଣସି ଉପାୟ ନ' ପାଇ, ଶେଷରେ କ'ଣ ବା କରିବ ? ଏମିତି ସଢ଼ି ସଢ଼ି ବଞ୍ଚିବାର କୌଣସି ବାଟ ନ ପାଇ, ଧାର ଉଧାର ଆଣିଥିବା ଋଣଟଙ୍କାକୁ ଶୁଝି ନ ପାରି, ପୁଣି ନିଜ ପିଲାଛୁଆ ପରିବାରର ଦାୟିତ୍ୱ ନ ତୁଲାଇପାରି ସେ' ଆପଣା ଇଛାରେ ଆତ୍ମହତ୍ୟା ଭଳି ଅସମୀଚିନ ପନ୍ଥାକୁ ଗ୍ରହଣ କରିନିଏ । ଏଇ ହେଲା ଆମ ଦେଶ ଓ ଆମ ରାଜ୍ୟର କୃଷକଙ୍କ ଅର୍ଥନୀତି। ଏ'ଭଳି ସ୍ଥିତିରୁ ଯେଉଁମାନେ ସାମାନ୍ୟ ଉଧୁରିଲେ ସେମାନଙ୍କ ଦୁଃଖ ବି ସରେନି । ଫସଲ କିଆରୀକୁ ଦିନରାତି ଜଗିରଖି କେତେବେଳେ ମାଙ୍କଡ଼ ଓ କେତେବେଳେ ବାରହା, ହାତୀ, ଗୋରୁ ଗଈ, ପୋଡ଼ ମଇଁଷି ଆଉ ପକ୍ଷୀ, କୀଟ ପତଙ୍ଗ, ରୋଗପୋକ ଦ୍ୱାରା ନଷ୍ଟ ହେବାର ବିପଦ ରହିଛି। ସେ'ସବୁରୁ ଫସଲ ବଢିଲେ ଯାଇ ଚାଷୀ ନିଜେ ଖାଇବ ନତୁବା ବଳିଲେ ବିକ୍ରି କରିବ । ତା' ପାଇଁ ସବୁଠି ସମସ୍ୟା। ସବୁଥିରୁ ଫସଲ ବଞ୍ଚିଲେ ତା' ପାଇଁ ହେବ ଏକ ଆଶୀର୍ବାଦ ନାହିଁ ତ ଘାଣ୍ଟି ହେବ ସେହି ଭୋକିଲା ଶ୍ରମକ୍ଳାନ୍ତ ଜୀବନ ନେଇ। ଫସଲ ଫଳାଇବାର କେତେକ ବିପଦ ଆପଦ (ରିସ୍କ)ରୁ ବଞ୍ଚାଇ ଚାଷୀର ଆର୍ଥିକ କ୍ଷତିର ଭରଣା କରିବା ପାଇଁ ବିଭିନ୍ନ ବୀମା କମ୍ପାନୀମାନେ ବ୍ୟବସାୟୀକ ଦୃଷ୍ଟିକୋଣ ନେଇ ଆଗକୁ ଆସିଥାନ୍ତି। ଚାଷ ଜମି ଓ ବିପଦ ଆପଦର ପରିମାପନ ନେଇ ବୀମା କରିବା ପାଇଁ ମୂଲ୍ୟ (ପ୍ରିମିଅମ୍) ଦେବାକୁ ହେଇଥାଏ । ଏ' କ୍ଷେତ୍ରରେ ସରକାର ଛୋଟ ଓ ନାମମାତ୍ର ଚାଷୀଙ୍କ ବୀମା ପ୍ରିମିୟମ୍ ରାଶି ପାଇଁ କେତେକ (ସବ୍‌ସିଡି) ଛାଡ଼ ବ୍ୟବସ୍ଥା କରିଥାନ୍ତି, ସେହି ବି କେତୋଟି ନିର୍ଦ୍ଦିଷ୍ଟ ଆପଦବିପଦ ପାଇଁ । ତା'ବ୍ୟତୀତ ଅନ୍ୟ ଚାଷୀ ଭାଇମାନେ ନିଜ ଅର୍ଥରେ ସମ୍ପୂର୍ଣ୍ଣ ବୀମା କରିଥାନ୍ତି । କିନ୍ତୁ ଏ ଦିଗରେ ଆଉ ଏକ ଦୃଷ୍ଟାନ୍ତ ହେଉଛି ଯେ, ଚାଷୀ ବୀମା କରିବା ପାଇଁ ପ୍ରିମିୟମ ଦେଇ ଦେଇ ବ୍ୟସ୍ତ କିନ୍ତୁ ଦଶବର୍ଷ- କୋଡିଏ ବର୍ଷରେ ଥରୁଟିଏ ବି କ୍ଷତି ଭରଣା ପ୍ରାପ୍ତ କରିବା ଉଦାହରଣ ଦେଖିବାକୁ ମିଳେ ନାହିଁ । ଚାଷୀର ଫସଲ ବୀମା କରିବା ତା' ଉପରେ ଆଉ ଏକ ଅଧିକ ଖର୍ଚ୍ଚର ବାଟ ଖୋଲିଦିଏ, କିନ୍ତୁ କ୍ଷତିପୂରଣ ପାଇବାର ଆଶା କେବେ ବି ଫଳବତୀ ହୁଏ ନାହିଁ । ତା'ମାନେ କ'ଣ ଚାଷୀ କ୍ଷତି ସହେ ନାହିଁ ନା' ଏଭଳି ଏକ ବିନା କୃଷି ଭିତ୍ତିଭୂମି ନଥିବା ରାଜ୍ୟରେ ସଦା ପରିପୂର୍ଣ୍ଣ ଆଦାୟ ପାଇପାରେ ! ଏ କଥା ସମ୍ପୂର୍ଣ୍ଣ ମିଛ। କୃଷି ପାଇଁ ସମ୍ପୂର୍ଣ୍ଣ ଶ୍ରଦ୍ଧାଶୀଳ ଆଚରଣ ନ ହେଲେ ଏମିତି ଚାଷୀଙ୍କର ରକ୍ତ ଭିଣି ଏହି ଦେଶର ଲାଭଖୋର ବଳକା ସମାଜ ଅୟେଶ କରନ୍ତି । ଚାଷ ଜମିର ସୁରକ୍ଷା ଉର୍ବରତା ସାଙ୍ଗକୁ ଚାଷୀର ଖର୍ଚ୍ଚ ପରିମାଣ ଓ ଫସଲରୁ ପ୍ରାପ୍ତ ଉପାର୍ଜନକୁ ଭାବି କ୍ଷତିଭରଣା କରିବାର ଅନୁକମ୍ପା ଦେଖାଇଲେ, ମନେ ହେଉଛି ଚାଷୀଙ୍କର ଓ ଚାଷର ଉନ୍ନତି କାମନା କରାଯାଇପାରିବ । ଜଣେ ବ୍ୟକ୍ତି ଆଜିକାଲି ପରଘରେ ବାସନମାଜି, ଘର ଓଳେଇବା କାମ କଲେ ମାସରେ ଅତି ସହଜ ଓ ସୁବିଧାରେ ଦଶରୁ ପନ୍ଦର ହଜାର ମଜୁରି ପାଇପାରେ କିନ୍ତୁ ଦିନରାତି ଜମିରେ କୃଷିକର୍ମ କରି ଅଜସ୍ର ଖଟଣିରେ ମଧ ମାସକୁ ଦୁଇ ହଜାର ପାଇବା ନିଶ୍ଚିତତା ନାହିଁ ବରଂ ଚାଷ ଜମିର ପରିମାଣ ଅନୁଯାୟୀ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହିବାକୁ ବାଧ ହୋଇଥାଏ। ଅନିଶ୍ଚିତ ପାଣିପାଗ ଓ ବିନା ଜଳସେଚନ ବ୍ୟବସ୍ଥା, ଭିତ୍ତିଭୂମିର ଅଭାବ ମଧ୍ୟରେ ଚାଷୀ ଲାଗିପଡ଼ି ଯେଉଁ କିଛି ଫସଲ ଉତ୍ପାଦନ କରେ ତାକୁ ସେ ଚାହେଁ ବିକ୍ରି କରି ତାର କିଛି ପ୍ରାପ୍ୟ ପ୍ରାପ୍ତି କରିବ । ଫସଲ ପାଚିଲା ପରେ ସୁବିଧା ଓ ସୁଲଭ ତଥା ଶସ୍ତାରେ ଫସଲତକ କିଣି ନେବା ପାଇଁ ବ୍ୟବସାୟୀ ଓ ଦଲାଲମାନଙ୍କର ଧାଡ଼ି ଲାଗିଯାଏ । ତା' ବ୍ୟତୀତ ଚାଷୀର କଷ୍ଟ ଓ ଶ୍ରମକୁ ଦେଖି ସରକାର ମଧ କିଛିଟା ଦର ନିର୍ଦ୍ଧାରଣ କରିଥାନ୍ତି। କାଗଜପତ୍ରରେ କୃଷକଙ୍କୁ ସାହାଯ୍ୟ କଥା ଠିକ୍ ଜଣାଗଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ସେ' ସବୁର ଓଲଟା ଫଳ ଫଳୁଥିବା ଦେଖିବାକୁ ମିଳେ । ୧୦୦ କେଜି ଦରରେ ବିକ୍ରି କରିବା ନିୟମ ଥିଲାବେଳେ ଯେଉଁ ମିଲରମାନଙ୍କ ଜରିଆରେ ଫସଲ କିଣା ଯାଏ ସେମାନେ କିଏ, କେତେ କେହି ନେଇ ପାରିଲା ତା' ଦେଖନ୍ତି । ୭୫ କେଜି ବସ୍ତାରେ ୮୦/୮୫ କେଜି ନେବାରେ ବି କୁଣ୍ଠିତ ନଥାନ୍ତି । ପୁଣି ଚାଷୀକୁ ଧାନ ବା ଅନ୍ୟ ଫସଲ ଦେବା ପାଇଁ ଅଖାବସ୍ତାର ଆବଶ୍ୟକ ହୋଇଥାଏ । ତାକୁ ଡ଼ାମ୍ପଣ ଓ ସୁତିଲିଆଣି ସିଲେଇ କରି ବିକ୍ରି ପାଇଁ ପ୍ରସ୍ତୁତି ନେବାକୁ ପଡ଼େ । ଠିକ୍ ଭାବରେ ମଣ୍ଡି ତାରିଖ, ନତୁବା ସରକାର ଓରଫ ମିଲ୍ ମାଲିକ ମାନେ ସରକାରୀ ନିର୍ଦ୍ଧାରିତ ଓଜନ ଓ ଦରକୁ ସମ୍ମାନ ଦେଇ ଚାଷୀର ଜମି ପାଖରୁ ବା ଆଦାୟସ୍ଥଳରୁ କ୍ରୟ କରି ନେବାର ସୁବିଧା ଦିଅନ୍ତେ ଏଥିରେ ଚାଷୀକୁ ପହୁଥିବା ସ୍ଥାନାନ୍ତର ଖର୍ଚ୍ଚ ସହ ବୋଝେଇ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚରୁ ନିସ୍ତାର ମିଳନ୍ତା। । ସେ' କଥାକୁ କିଏ ବୁଝୁଛି ? ବସ୍ତା ବୋହିବା ଓ ମଟର ଗାଡ଼ିରେ ଜମିରୁ କୃଷକର ଘର ପୁଣି ଘରଠାରୁ ମଣି କ୍ଷେତ୍ରକୁ ବୋହି ନେବା, ପୁଣି ସେହି କାଳରେ ତତ୍‌କାଳ ଫସଲକୁ ମଣ୍ଡି ନ' ଉଠାଇଲେ ପୁଣି ମଝିରେ ଫସଲକୁ ଜଗି ରହିବା କି ଶୀତଳଭଣ୍ଡାରରେ ସାଇତି ରଖିବାର ଅଯଥା ଖର୍ଚ୍ଚକୁ ଦୁଃଖୀ ଦାରିଦ୍ର୍ୟରେ ସଢୁଥିବା ଚାଷୀଟିକୁ ହିଁ ବୋହିବାକୁ ପଡ଼େ । ଏହି ସ୍ଥିତିରେ ଦେଖନ୍ତୁ ଚାଷୀ ଆଉ ଚାଷକାର୍ଯ୍ୟର ମଙ୍ଗଳ ହେବ ତ!

♥ ସଂସ୍କୃତି ସଦନ, ବୟାଳୀ, ମନ୍ତିଡ଼ି
ମୋ:୯୩୩୭୯୬୦୬୮୮

## ପଢ଼ିବା ପରେ...

# ଏ ହଳଦୀବସନ୍ତ ! ଆ' ଡଙ୍ଗାରେ ବସିବୁ

କଥାକାର ସୁଧାକର ମହାନ୍ତିଙ୍କ ନୂତନ ଗଳ୍ପ ସଂକଳନ ' ଏ ହଳଦୀବସନ୍ତ ! ଆ ' ଡଙ୍ଗାରେ ବସିବୁ'ର ପ୍ରତିଟି ଗଳ୍ପର ଉପସଂହାର ଅପ୍ରାପ୍ତି ଆଉ କାରୁଣ୍ୟରେ ଭର୍ତ୍ତି ଯାହା ପାଠକକୁ ଭିଜେଇବ ଆଉ ନିଜଠୁଁ ନିଜକୁ ହଜେଇବ।ପ୍ରଥମ ଗଳ୍ପ 'ଓଦା ଆଖି 'ର ପ୍ରତିଟି ଶବ୍ଦ ଗୋଟିଏ ମାଟି ମଣିଷର ନିଜ ସନ୍ତାନ ପାଇଁ ହୃଦୟରେ ଥିବା ପ୍ରେମ ଆଉ ସ୍ୱପ୍ନ କିପରି ସମୟର ନିର୍ମମ ପ୍ରହାରରେ ପକ୍ଷାଘାତ ଧରିଛି ସେମିତି କିଛି ଅକୁହା ବେଦନାର ଚିତ୍ରରେ ଚିତ୍ରିତ। ଦନେଇ ପରି ବାପାମାନେ ଦିନରାତି ହାଡ଼ଭଙ୍ଗା ପରିଶ୍ରମକରି ପୁଅକୁ ହାକିମ କରିବାର ସ୍ୱପ୍ନ ମଉଳାଫୁଲ ପରି ଝରିଯାଏ ଆଉ ଶେଷକୁ ଭାଗ୍ୟରେ ଥାଏ ହଳେ ଓଦା ଆଖି ଆଉ ପୋଷେ ଲୁହ ମାତ୍ର ।




ପ୍ରେମ ଓ ସ୍ୱପ୍ନ ଭଙ୍ଗର କାହାଣୀ 'ଜଟୀନାନୀର ପ୍ରେମ' ଆଉ 'ଏ ହଳଦୀବସନ୍ତ, ଆ ' ଡଙ୍ଗାରେ ବସିବୁ'। ଜଟୀନାନୀର ପ୍ରେମ ମୁଖ୍ୟତଃ ଲଭ୍ ଜିହାଦ ପୃଷ୍ଠଭୂମିରେ ଲିଖିତ। ନୈଷ୍ଠିକ ବ୍ରାହ୍ମଣ ପରିବାରର କଠୋର ଅନୁଶାସନ ରେ ବଢ଼ି ଆସିଥିବା ଜଟୀନାନୀ ଛକରେ ଚିକେନ କାଟୁଥିବା ରହେମାନ ସହିତ ଫେରାର ହୋଇଯିବା ଗୋଟିଏ ଅବିଶ୍ୱସନୀୟ ଖବର ଥିଲା ସୋମୁଁ ଗୋସେଇଁ ଆଉ ଆଖ ପାଖ ମୌଜା ଲୋକଙ୍କ ପାଇଁ। ଝିଅର ଏମନ୍ତ କୁକାର୍ଯ୍ୟ ପାଇଁ ତାକୁ ଛିଃ କରି ଦେଇଥିବା ଗୋସେଇଁ ତା ଅନୁପସ୍ଥିତିରେ ପାଗଳପ୍ରାୟ ହୋଇଯିବା ଆଉ ଶେଷକୁ ନିଜ ଝିଅକୁ ପାଗଳୀ ଅବସ୍ଥାରେ ଠାବ କରିବା ଗଳ୍ପକୁ ଆହୁରି କରୁଣ କରିଛି। ହଳଦୀବସନ୍ତର କାହାଣୀ ସାମାନ୍ୟ ଭିନ୍ନ। କେଉଟ ପୁଅ ଆଉ ସବର୍ଣ୍ଣ ଝିଅର ପ୍ରେମ କାହାଣୀ। ପ୍ରଥମ ପର୍ଯ୍ୟାୟରେ ପୀତବାସ ଆଉ ପଦ୍ମାର ସଫଳ ଦାମ୍ପତ୍ୟର ବର୍ଣ୍ଣନା ଥିଲେ ବି ଦ୍ୱିତୀୟ ପର୍ଯ୍ୟାୟରେ ପୀତବାସର ସଲିଳ ସମାଧି ପଦ୍ମା ଜୀବନରେ ବିପର୍ଯ୍ୟୟ ଆଣି ଦେଇଚି। ପୁରୁଷ ପ୍ରଧାନ ସମାଜରେ ଅଣ ନିଃଶ୍ୱାସୀ ହୋଇ ନିଜର ନିରପରାଧ ପିଲାର ଭବିଷ୍ୟତକୁ ଅନ୍ଧାରକୁ ଠେଲି ସେ ବି ମହାନଦୀକୁ ଡେଇଁ ପଡ଼ିଛି।

. ଭିନ୍ନସ୍ୱାଦର ଗଳ୍ପ 'ଘର'। ସହରର କୃତ୍ରିମ ଆବରଣରୁ ମୁକ୍ତହୋଇ ଏକ ପ୍ରାକୃତିକ ବେଷ୍ଟନୀ ଅର୍ଥାତ ଗ୍ରାମ୍ୟ ପରିବେଶରେ ବଞ୍ଚିବାର ନିଷ୍ପତ୍ତି ନେଇଥିବା ତ୍ରିପାଠୀ ଦମ୍ପତ୍ତି ଗୋଟିଏ ତାନ୍ତ୍ରିକ ହାବୁଡ଼ରେ ପଡ଼ି କିପରି ଅବିଶ୍ୱସନୀୟ ପରିସ୍ଥିତିର ସାମନା କରିଛନ୍ତି ତା'ର ଚିତ୍ର ରହିଛି।ଆମ ଉପକୂଳିଆଙ୍କ ଜୀବନ ଆଉ ଜୀବିକାର ପ୍ରାଣକେନ୍ଦ୍ର ହିଁ ମହାନଦୀ। ମାତ୍ର କେବେ କେବେ ବର୍ଷାଋତୁରେ ସେ ତା'ର ଭୟଙ୍କର 'ଆଁ ' ଭିତରୁ ଜିଭ କାଢ଼ି ସବୁ ଚାଟିଚୁଟି ସଫା କରିଦିଏ ଯେମିତି 'ଆଁ' ଗପରେ ଚାଟିଦେଇ ଚ...



ନାକଫୋଡି ବୁଢ଼ୀ ଆଉ ତା ପୁଅ ନିଧିଆର ପ୍ରାଣ। ମହାନଦୀ ଅବବାହିକାରେ ସଂଗଠିତ ଗୋଟିଏ ଭୟଙ୍କର ବନ୍ୟା ଏବଂ ତଦଜନିତ କ୍ଷୟକ୍ଷତିର ନିଖୁଣ ଚିତ୍ର ରହିଛି ଏ ଗପରେ। କୈଶୋରର ଚପଳତା ବଡ଼ ଆବେଗପୂର୍ଣ୍ଣ ଏବଂ ରୋମାଞ୍ଚକର। କୌତୁହଳର ବଶବର୍ତ୍ତୀ ହୋଇ କିଶୋରଟିଏ ସ୍କୁଲ ବନ୍ଦ କରି ନଈ ପଠାରେ ଲୁଚିଯାଇଛି ଆଉ ସେଇଠି ଦଳେ ବିହଙ୍ଗଙ୍କର ଭିନ୍ନ ଦୁନିଆଁ ସଂସ୍ପର୍ଶରେ ଆସିଛି। ସେମାନେଙ୍କ ଅଣ୍ଡାଗୁଡ଼ିକ ଭାଙ୍ଗି ଆତ୍ମସନ୍ତୋଷ ପାଇବାର ଅନୁଭବ କରିଛି। ପରବର୍ତ୍ତୀ ସମୟରେ ସେ ଯେତେବେଳେ ଲକ୍ଷ୍ୟ କରିଛି ବିହଙ୍ଗଗୁଡ଼ିକ ସେ ସ୍ଥାନ ପରିତ୍ୟାଗକରି ଶୂନ୍ୟତା ଆଡ଼କୁ ଉଡ଼ି ଯାଉଛନ୍ତି ସେ ଗଭୀର ଆତ୍ମଗ୍ଳାନିରେ ହାହାକାର କରି ଉଠିଛି। 'ଅନ୍ୟ ଏକ ବିହଙ୍ଗ ବିପ୍ଳବ' ବହିର ଅନ୍ୟତମ ସଫଳ ଗଳ୍ପ।

ଶରଚ୍ଚନ୍ଦ୍ର ବେଉରା ଉରଫ୍ ମହାମନ୍ତ୍ରୀ ଶରଚ୍ଚନ୍ଦ୍ର ଜଣେ ସଫଳ ନାଟୁଆ ହେଲେ ହେଁ ଜୀବନ ହାଟରେ ଜଣେ ବିଫଳ ବ୍ୟବସାୟୀ ଆଉ ପ୍ରେମର ପୃଥିବୀରେ ଜଣେ ହାରିଯାଇଥିବା ପ୍ରେମିକ। ଶେଷକୁ ଶରଚ୍ଚନ୍ଦ୍ରଙ୍କ ଆତ୍ମହତ୍ୟା 'କିହୋ ମହାମନ୍ତ୍ରୀ ଶରଚ୍ଚନ୍ଦ୍ର' କାହାଣୀକୁ ଛଳଛଳ କରିଛି। ବିଶ୍ୱାସ ଆଉ ଅନ୍ଧବିଶ୍ୱାସର ଅନ୍ଧଗଳିରେ ଆଜି ବି ଶିକ୍ଷିତଟିଏ ଛନ୍ଦି ହୁଏ। ଗୁଣିଟୁଣୀ, କାଳିସୀ, ଭୂତ ପ୍ରେତ ସତକି ମିଛ ସେ ଧନ୍ଦି ହୁଏ। 'ରାଜଗୁଣିଆ' ସେମିତି ଏକ ଗଳ୍ପ। ରାଜଗୁଣିଆ ଦେହରେ ମା' ଭୂଆସୁଣୀ ସବାର ହେଲେ ଲୋକେ ଅଧିଆ ପଡ଼ନ୍ତି, ହାନୀଲାଭ ବୁଝନ୍ତି। ମାତ୍ର ମଦ୍ୟପାନ କରି ଆଦିମାତାଙ୍କ କାମାନ୍ଧ ପୂଜାରୀ ପବନା ଜଣେ ଶ୍ରଦ୍ଧାଳୁଙ୍କୁ ଅସଦାଚରଣ କରି ପକ୍ଷାଘାତର ଶିକାର ହେବା ଏବଂ ଲୋକଲଜ୍ୟାରେ ଜର୍ଜରିତ ମୁଖ୍ୟ ଗୁଣିଆ ରାଜ ଗାଁ ଛାଡ଼ିବା ପରି ଅନେକ ବିଶ୍ୱାସ ଅବିଶ୍ୱସନୀୟ ଘଟଣାର ବର୍ଣ୍ଣନା ରହିଛି ଗଳ୍ପରେ। ଭୂତପ୍ରେତଙ୍କୁ ନେଇ କୈଶୋରର ଚପଳତା ଆଉ ତାଙ୍କର ଉପସ୍ଥିତିକୁ ନେଇ କୌତୁହଳ ଉପରେ ପର୍ଯ୍ୟବେଶିତ ଗଳ୍ପ 'ଛ' ବନ୍ଧୁ ଓ ଭୂତ' ବେଶ୍ ଉତ୍କଣ୍ଠାପୂର୍ଣ୍ଣ କାହାଣୀ। ସେଇ ଅଭୁଲା କୈଶୋରର ନିର୍ଭେଜାଳ ପ୍ରେମକୁ ନେଇ 'ଶ୍ୱେତଚମ୍ପା ଫୁଲର ବାସ୍ନା ' ଫେରେଇ ନେବ ଦୂର ଅତୀତକୁ ଯେଉଁଠି ପ୍ରେମ କହିଲେ କେବଳ ରଫ୍ ଖାତାର ଅଧା ଚିରା କାଗଜରେ କିଛି ଶିହରଣ ମିଶା ଶବ୍ଦ, ବୀଜ ଗଣିତ ଖାତାରେ ପ୍ରେରିତ ଚୋରା ଚିଠି ନହେଲେ କୋଉ ବାସ୍ନା ଭରା ଫୁଲ।

ପ୍ରକୃତି ସହ ମଣିଷର ଅନ୍ତରଙ୍ଗତା ବେଶ୍ ଆଦିମ। ତାକୁ ଛାଡ଼ି ସେ ଶାନ୍ତିରେ ବଞ୍ଚି ପାରିବନି। ଯେମିତି ସହରରେ ଅବସ୍ଥାନ କରୁଥିବା ରତିକାନ୍ତ ଦିନେ ଗାଁକୁ ଫେରିଆସି ପାଣ୍ଡୁ ଜେନା ଆମ୍ବତୋଟାରେ ନିଜକୁ ହଜେଇ ଖୋଜିଛି ନିଜର ଶୈଶବ ଆଉ କୈଶୋର, ଫୋପାଡ଼ ମାରି ଝଡ଼େଇଛି ଆମ୍ବ, ନଦୀ ବନ୍ଧରେ ଫାଁ ହୋଇ ଶୋଇଛି। 'ମାଟିର ଡାକ'ରେ ରହିଛି ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର। ବିଦ୍ୟାର୍ଥୀ ଜୀବନ ସ୍ମୃତିର ଗନ୍ତାଘର। ତା ଭିତରେ ଲୁଚି ରହିଥାଏ ଅନେକ ଅଭୁଲା କାହାଣୀ। ଯେମିତି ଗଳ୍ପ ନାୟକ ଜୀବନରେ ରହିଛନ୍ତି ନବ ସାର୍ ଆଉ ମୃତୁରି ଆମ୍ବଗଛ। ଏ ଦୁହିଁଙ୍କ ବିଲୟରେ ତାଙ୍କ ହୃଦୟ ବିଳପି ଉଠିଛି। ବାସ୍ତବିକ 'ସ୍ମୃତିର ଦୁଇଟି ମହାତତ୍ତ୍ୱ' ବିଦ୍ୟାର୍ଥୀ ଜୀବନର ଏକ ଅମଳିନ ଦସ୍ତାବିଜ୍। ମଣିଷ ଆଉ ପଶୁ ଭିତରର ଯୁଦ୍ଧ କେଉଁ ଆଦିମ କାଳରୁ। କେବେ ହାରେ ମଣିଷ ତ କେବେ ହାରେ ପଶୁ। ବଡ଼ପାଟରେ ନିୟମିତ ନିର୍ଭୟରେ ମାଛ ଧରୁଥିବା ପାଣ୍ଡୁ ଆଉ ପାଟରେ ଲୁଚି ରହୁଥିବା ନରଭକ୍ଷୀ କୁମ୍ଭୀର ମଧ୍ୟରେ ହୋଇଥିବା ଯୁଦ୍ଧର ବିବରଣୀ 'ପାଟର ପେଟ'। ଗଳ୍ପର ଅନ୍ତିମ ଚରଣରେ କୁମ୍ଭୀର ହରେଇଛି ଲାଞ୍ଜ ଆଉ ପାଣ୍ଡୁ ହରେଇଛି ଗୋଟିଏ ହାତ।

ମୋଟାମୋଟି ଭାବରେ କହିବାକୁ ଗଲେ ସୁଧାକରଙ୍କ ଗଳ୍ପଗୁଡ଼ିକ ତାଙ୍କ କବିତା ପରି ଛଳଛଳ ଆଉ ମଞ୍ଜୁଳ। ଗଳ୍ପଗୁଡ଼ିକର ପୃଷ୍ଠଭୂମି ମୁଖ୍ୟତଃ ଗାଁ। ପ୍ରତିଟି ଗଳ୍ପରେ ଗ୍ରାମ୍ୟ ଜୀବନର ମଧୁର ସ୍ମୃତିର ଚିତ୍ର ପାଠକକୁ ଅବାକ କରିଦେବ। ଗାଳ୍ପିକ ଯେମିତି ତାଙ୍କର ଘଟଣାବହୁଳ ଜୀବନର ଅନେକ ଅନୁଭୂତିକୁ ସାମାନ୍ୟ ରନ୍ଧାମାରି ପାଠକଙ୍କୁ ସମର୍ପି ଦେଇଛନ୍ତି। ଭୁବନେଶ୍ୱର ବର୍ଷା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏ ସଂକଳନର ପ୍ରତିଟି ଗଳ୍ପ ଭିନ୍ନ ସ୍ୱାଦର ଏବଂ ସୁଖପାଠ୍ୟ।



ସମୀକ୍ଷା : ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬୫

## ଶତାୟୁ ପୁରୁଷ ମହେଶ୍ୱର ମହାପାତ୍ରଙ୍କ ସ୍ମୃତି ସଭା

ବାଲିଆପାଳ , ୭/୨ (ନି.ପ୍ର): ମୃତ୍ୟୁ ଚିରନ୍ତନ ସତ୍ୟ କିନ୍ତୁ ମଣିଷ ର ଅମଳିନ ଦିବ୍ୟ ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିଥାଏ ବୋଲି ବାଲିଆପାଳ ବ୍ଲକ ଭିକାଗଡିଆ ଗ୍ରାମ ର ବରିଷ୍ଠ ବିକ୍ତିତ୍ୱ ଶତାୟୁ ପୁରୁଷ ମହେଶ୍ୱର ମହାପାତ୍ରଙ୍କ ଏକାଦଶାହ ଉପଲକ୍ଷେ ଅନୁଷ୍ଠିତ ସ୍ମୃତି ସଭା ଓ ଶ୍ରଦ୍ଧାଞ୍ଜଳି ଉତ୍ସବରେ ଅତିଥି ଗଣ ମତ ପ୍ରକାଶ କରିଥିଲେ। ସେ ଜଣେ ସରଳ ନିଷ୍କପଟ ପରୋପକାରୀ ମଣିଷ ଥିଲେ।ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ପ୍ରିୟବ୍ରତ ପଣ୍ଡା ଙ୍କ ପୋରହିତ୍ୟ ଏବଂ ପୁତୁରା ଶାନ୍ତନୁ କୁମାର ମହାପାତ୍ର ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଏହି ସ୍ମୃତି ସଭା ରେ ମାନ୍ୟବର ବିଧାୟକ ସୁବାସିନୀ ଜେନା, ପୂର୍ବତନ ବ୍ଲକ ଅଧକ୍ଷ ବିଜନ ନାୟକ,ପଣ୍ଡିତ ଶାନ୍ତିପଦ ପଣ୍ଡା, ନାରାୟଣ ପାଣିଗ୍ରାହୀ, ଯତୀନ୍ଦ୍ର ପଣ୍ଡା,ରବୀନ୍ଦ୍ର ପାଣିଗ୍ରାହୀ, ଗଣେଶ କର, ଶଶୀଭୁଷଣ ପାଣିଗ୍ରାହୀ, ଭକ୍ତିପଦ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ବିନୋଦ ପାଣିଗ୍ରାହୀ, ତପନ ମହାପାତ୍ର, ସୁଧାଂଶୁ ପାଣିଗ୍ରାହୀ, ହରିହର ପଣ୍ଡା, ରବୀନ୍ଦ୍ର ପାଣି, ମନୋରଞ୍ଜନ ସନ୍ଧିବିଗ୍ରହ, ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପୁତ୍ର କାଳିପଦ ମହାପାତ୍ର, ଗୋରୀପଦ ମହାପାତ୍ର, ପୁର୍ଣଚନ୍ଦ୍ର ମହାପାତ୍ର, ନବକୃଷ୍ଣ ମହାପାତ୍ରଙ୍କ ସମେତ ପରିବାର ବର୍ଗ ଆତ୍ମୀୟ ସୁଜନ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶିଶୁ ପାଇଁ ଦିନଟିଏ ଅବସରରେ ବ୍ଲକସ୍ତରୀୟ ଟାସ୍କ ଫୋର୍ସ ବୈଠକ

ଭଦ୍ରକ, ୭/୨ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ମିଶନ ଶକ୍ତି ସଭାଗୃହରେ ତ୍ରୈମାସିକ ବ୍ଲକସ୍ତରୀୟ ଟାସ୍କ ଫୋର୍ସ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧାମନଗର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦମୟନ୍ତୀ ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡା, ଅତିରିକ୍ତ ବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଶିଶୁ ସୁରକ୍ଷା ଆଇନ୍ ଅଧିକାରୀ ସୁବ୍ରତ ଦାସ, ସ୍ୱାସ୍ଥ୍ୟ ବିଭାଗର ଅନନ୍ତ ମୁଣ୍ଡା ଓ ପ୍ରଗତି ଜେନା, ଥାନା ଏସଆଇ ରଶ୍ମିତା ମଲ୍ଲିକ ଓ ଶିକ୍ଷା ବିଭାଗର ବି.ଆର.ପି. ପ୍ରଦିପ୍ତ ରାଉତ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ପାଇଁ ସରକାର ବିଭିନ୍ନ ଆଇନ ଓ ନିୟମ ଜାରି କରିଛନ୍ତି। ୧୮ ବର୍ଷ ତଳେ ସମସ୍ତେ ଶିଶୁ ଭାବେ ଗଣ୍ୟ। ଶିଶୁଙ୍କ ସହିତ ହେଉଥିବା ଯେକୌଣସି ପ୍ରକାର ଅନ୍ୟାୟ, ଅବହେଳା, ଶୋଷଣ ଓ ହିଂସା ଆଇନତଃ ଅପରାଧ। ବାଲ୍ୟବିବାହ, ଶିଶୁ ଶ୍ରମ, ନାବାଳିକାଙ୍କ ଉପରେ ଅପରାଧକୁ ରୋକିବା ପାଇଁ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଶ୍ରମ ଆଇନ ଓ ପୋସ୍କ ଆଇନ ଲାଗୁ ହେଉଛି।

# ନାବରା ମହିଳା ମହାବିଦ୍ୟାଳୟ ଅଧକ୍ଷ ଅଜୟ ପ୍ରଧାନଙ୍କ ବିଦାୟକାଳୀନ ସଭା

ବାଲେଶ୍ୱର, ୭/୨ (ନି.ପ୍ର): ନାବରା ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଦିବା ୧୧ ଘଟିକା ସମୟରେ ବର୍ତ୍ତମାନର କାର୍ଯ୍ୟରତ ଅଧକ୍ଷା ଶ୍ରୀମତୀ ସାଧନା ଦାସଅଧିକାରୀଙ୍କ ସଭାପତିତ୍ୱରେ ସଂପ୍ରତି କଲେଜରୁ ନିଜ ଚାକିରି (ଅଧାପନା) ଜୀବନର ଶେଷ ପର୍ଯ୍ୟାୟରେ ଉପନୀତ ହୋଇ ଅବସର ଗ୍ରହଣ କରିଥିବା ବିଦାୟୀ ଅଧକ୍ଷ ଶ୍ରୀ ଅଜୟ ପ୍ରଧାନଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଅଧାପନା କ୍ଷେତ୍ରରେ ତାଙ୍କର ଅମ୍ଳାନ ପ୍ରଜ୍ଞାଦୀପ୍ତ, ହୃଦୟସ୍ପର୍ଶୀ, ଜ୍ଞାନଗର୍ଭକ ଶିକ୍ଷାଦାନ ପ୍ରଣାଳୀର ଅବତାରଣା କରି ବହୁ ବିଶିଷ୍ଟ ବକ୍ତାମାନେ ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱ, ଦକ୍ଷତା ତଥା ଛାତ୍ରବତ୍ସଳ ପ୍ରାଣପ୍ରାଚୁର୍ଯ୍ୟ ଆତ୍ମୀୟତାର ଭୂୟସୀ ପ୍ରଶଂସା କରିଥିଲେ। କଲେଜ ପରିସରରେ ଅତ୍ୟନ୍ତ ଭାବଗମ୍ଭୀର ପୁଲକିତ କାରୁଣ୍ୟ ପରିବେଶରେ ଅନୁଷ୍ଠିତ ଏହି 'ଫେୟାରୱେଲ୍ ସଭା'ରେ - ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର କର, ବାଞ୍ଛାନିଧି ସାହୁ, ସତ୍ୟରଞ୍ଜନ ସିଂ, ଭାଗବତ ସାହୁ, ପ୍ରାବନ୍ଧିକ ସତ୍ୟରଞ୍ଜନ ଦାସ, ସମାଜସେବୀ ବିଜୟ ସାମଲ, ବିଶ୍ୱନାଥ ଜେନା, କଲେଜର ଅଧାପିକା ପ୍ରତିଭା ବେହେରା, ସସ୍ମିତା ଗିରି, ଅଧାପକ ମନୋରଞ୍ଜନ ବେହେରା, ଲକ୍ଷ୍ମୀକୃଷ୍ଣ ନାୟକ, ଭବଶଙ୍କର ପ୍ରଧାନ, ମାନଗୋବିନ୍ଦ ରାଉତ, ଅଧାପିକା ଅଲିଭା ମଞ୍ଜରୀ ପାତ୍ର, କ୍ରିଷ୍ଣା ସୁର୍, ଦେବେନ୍ଦ୍ରନାଥ ଦାସ, ବିଶ୍ୱନାଥ ସାମଲ ଓ ସପନ ଦାସ ପ୍ରମୁଖ ସମସ୍ତ ଅଧାପକ ଏବଂ କର୍ମଚାରୀ ତଥା ଛାତ୍ରୀମାନେ ଉପସ୍ଥିତ ରହି ମହାବିଦ୍ୟାଳୟର ପୂର୍ଣ୍ଣାଙ୍ଗ ବିକାଶରେ ଶ୍ରୀ ପ୍ରଧାନଙ୍କ କଠିନ ଶ୍ରମ, ସାଧନା ଓ ଅମୂଲ୍ୟ ଅବଦାନ ତଥା ଉଲ୍ଲେଖଯୋଗ୍ୟ ଭୂମିକାର ସ୍ମୃତିଚାରଣ କରି ତାଙ୍କୁ 'ରାଜନୀତି ବିଜ୍ଞାନ'ର ଅଧାପକ ଭାବେ ଜଣେ ଧୂରୀଣ ଓ ପ୍ରବୀଣ ଶିକ୍ଷାଦାତା ଏବଂ ଦକ୍ଷ ଅଧକ୍ଷ ଭାବେ ସେ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ତାହା ଅଞ୍ଚଳବାସୀଙ୍କ ଠାରେ ଚିରସ୍ମରଣୀୟ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅଧକ୍ଷା ଶ୍ରୀମତୀ ଦାସ ଅଧିକାରୀ- କଲେଜରେ ବିଜ୍ଞାନବିଭାଗ ଖୋଲାଯିବାରେ ତାଙ୍କର ଅଗାଢ଼ ପ୍ରଚେଷ୍ଟା, ଅଭୁଲା ଶିକ୍ଷାଦାନ ପ୍ରଣାଳୀ, ପ୍ରତ୍ୟୁତ୍ପନ୍ନମତି ପ୍ରତିଭା ଓ ପ୍ରଜ୍ଞାର ପାରଦର୍ଶିତାକୁ ଉପସ୍ଥାପିତ କରିଥିଲେ। ଶ୍ରୀ ପ୍ରଧାନ ନିଜର ଜ୍ଞାନ ଓ ଗାରିମା ବଳରେ ଆଜକୁ ୩୬ବର୍ଷ ଧରି ନିରନ୍ତର ଭାବେ କଲେଜରେ ଅଧାପକ, ଅଧାପନା ଏବଂ ଅଧକ୍ଷ ଭାବେ କରିଯାଇଥିବା ଅବିସ୍ମରଣୀୟ କାର୍ଯ୍ୟଧାରା, ଦକ୍ଷତା ଓ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରି ବର୍ତ୍ତମାନର ଅଧକ୍ଷା ଛଳଛଳ ଆଖିରେ, ବାଷ୍ପରୁଦ୍ଧ କଣ୍ଠରେ ବକ୍ତବ୍ୟ ଦେଇ ବିଦାୟକାଳୀନ ଅଧକ୍ଷ ତାଙ୍କର ଜଣେ ଉତ୍ତମ ବନ୍ଧୁ, ଦାର୍ଶନିକ ଏବଂ ପଥପ୍ରଦର୍ଶକ ତଥା ପ୍ରେରଣାର ଅବିସ୍ମରଣୀୟ ବ୍ୟକ୍ତିତ୍ୱ ହୋଇ ରହିବେ ବୋଲି କହିଥିଲେ। ଅଧାପକ ଓ ଛାତ୍ରୀମାନେ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ବିଦାୟୀ କାଳୀନ କବିତା, ସମ୍ବର୍ଦ୍ଧନା, ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଗଭୀର ଶ୍ରଦ୍ଧା ଓ ସମ୍ମାନଜ୍ଞାପନ କରିଥିଲେ। ବିଦାୟୀ ଅଧକ୍ଷ ଶ୍ରୀ ପ୍ରଧାନ ତାଙ୍କ ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ କି - "ଭାରତବର୍ଷର ଭାଗ୍ୟ ଯଦି ତା'ର ଶ୍ରେଣୀଗୃହରେ ନିର୍ମିତ ହୋଇଥାଏ ବୋଲି ଯେଉଁ ଆପ୍ତବାକ୍ୟ ଦାର୍ଶନିକ କଥା ରହିଛି - ସେଇ କ୍ଷେତ୍ରରେ ମୁଁ ଗୁଣ୍ଡୁଚି ମୂଷା ଭାବେ ଦକ୍ଷତା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିଛି ବୋଲି ଭାବୁଥାନ୍ତି, ତେବେ ଆପଣମାନଙ୍କ ଠାରେ ମୁଁ ଚିର ଋଣୀ। ଏ କ୍ଷେତ୍ରରେ ଯଦି କାହାକୁ ଦୁଃଖ ଦେଇଥାଏ ମୋତେ ନିଜଗୁଣରେ କ୍ଷମା କରିଦେବେ। ଆପଣା ସ୍ମୃତିର ମାନସପଟରୁ ଦୂରେଇ ଦେବେନାହିଁ। ଏହାହିଁ ମୋର କାମନା।" ପରିଶେଷରେ କାର୍ଯ୍ୟରତ ଅଧକ୍ଷା ଓ ଅଧାପିକା ଓ ସମସ୍ତ କର୍ମଚାରୀମାନେ ଶ୍ରୀ ପ୍ରଧାନଙ୍କୁ ଆଣି ତାଙ୍କ ବାଲେଶ୍ୱରସ୍ଥିତ କାଳିଦାପୁର ବାସଭବନରେ ପହଞ୍ଚାଇ ଦେଇଥିଲେ।

# ୯ରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର: ତିନି ବିଭାଗରେ ଡାକ୍ତରୀ ପରୀକ୍ଷା ହେବ



ବାଲିଆପାଳ , ୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଆସନ୍ତା ୯ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏନେଇ ବାଲିଆପାଳ ସଭାଗୃହ ମଧ୍ୟରେ ବ୍ଲକ ଅଧକ୍ଷା ରଞ୍ଜିତା ନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଅତିରିକ୍ତ ତହସିଲଦାର ରାମହରି ଦାଶ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ, ଉପାଧକ୍ଷ ରାଜେଶ ଚୌଧୁରୀ ଉପସ୍ଥିତ ରହି ଶିବିରକୁ ଆସିବାକୁ ଥିବା ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ସୁଚାରୁ ରୂପେ ଡାକ୍ତରୀ ପରୀକ୍ଷା କରାଯିବା ବିଷୟରେ ଆଲୋଚନା କରିଥିଲେ। ଅତ୍ୟଧିକ ଭିଡ଼କୁ ଆଖି ଆଗରେ ରଖି ବ୍ୟାରିକେଡ଼ ବ୍ୟବସ୍ଥା ମଧ୍ୟରେ ସକାଳେ ଛଅଟାରୁ ଦିନ ଗୋଟିଏ ପର ?ୟ୍ୟନ୍ତ ନାମ ପଞ୍ଜିକରଣ କରିବା ସହିତ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ, ଜଳଖିଆ, ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଶିବିରରେ ଦୃଷ୍ଟି ବାଧିତ, ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର ଭଳି ତିନି ବିଭାଗର ଡ଼ାକ୍ତର ପରୀକ୍ଷା କରାଯିବ ବୋଲି ବିଭାଗ ପକ୍ଷରୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ସୁଚନା ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗରୁ ଅଧିକାରୀ ଙ୍କ ସହିତ ବାଲିଆପାଳ ରେ ୨୮ ପଞ୍ଚାୟତ ରୁ ସରପଞ୍ଚ ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ଦଳାଇ ସଭାପତିତ୍ୱ କରିଥିଲେ। ବାସୁଦେବପୁର ବ୍ଲକ ଏ ବି ଇ ଓ ଉର୍ମିଳା କର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ପୂର୍ବତନ ଏ ବି ଇ ଓ ଜୟନ୍ତ କୁମାର ଦାସ। ଓଷ୍ଟାର ସମ୍ପାଦକ କମଳାକାନ୍ତ ନାୟକ, ସ୍ଥାନୀୟ ସରପଞ୍ଚ ରୀନା ସ୍ୱାଇଁ, ପୂର୍ବତନ ସରପଞ୍ଚ ରଘୁନାଥ ମଲ୍ଲିକ, ଜମି ଦାତା କୈଳାସ ଚନ୍ଦ୍ର ମଲ୍ଲିକ,ଶଶିକାନ୍ତ ପତି, ନଟକୃଷ୍ଣ ପଣ୍ଡା, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଖୁବ୍ ସୁନ୍ଦର ଓ ମନଛୁଆଁ ବକ୍ତବ୍ୟ ରଖିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ ଜମି ଦାତା କୈଳାସ ଚନ୍ଦ୍ର ମଲ୍ଲିକଙ୍କୁ ମାନପତ୍ର ଓ ଉପଢ୍ୱୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ବଳରାମ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ଏହି ଅବସରରେ ଏହି ଦିବସରେ ମଧ୍ୟ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସ୍ରଷ୍ଟାର ରାଜ୍ୟସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ

## ସପ୍ତମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ବାଇ ଚଢେଇର ଡେଣା'



ବାଲେଶ୍ୱର, ୭/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ ସ୍ରଷ୍ଟାର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ସପ୍ତମ ସନ୍ଧ୍ୟାର କାର୍ଯ୍ୟ ଆୟୋଜିତ ହୋଇ ଯାଇଛି।ଏଇ ସନ୍ଧ୍ୟା ବିଶିଷ୍ଟ ସଂସ୍କୃତି ପ୍ରେମୀ, ସାହିତ୍ୟିକ, ବିଶିଷ୍ଟ କବି, ଲେଖକ , ସଂଗଠକ ସ୍ୱର୍ଗତ ଡ.ବ୍ରଜ ନାଥ ରଥଙ୍କୁ ଉତ୍ସର୍ଗ କରାଯାଇଥିଲା।ପ୍ରଯୋଜନା କରିଥିଲେ ତାଙ୍କର ଜାମାତା ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର। ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି , ଡି.ଆର୍ . ଡି .ଓ.ର ଆସୋଷିଏଟ ଡାଇରେକ୍ଟର ଡ.ହିମାଂଶୁ ଶେଖର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଭେଷଜ ବିଶେଷଜ୍ଞ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ଓ ସ୍ରଷ୍ଟା ର ଉପ ସଭାପତି ଶ୍ରୀ ପ୍ରସନ୍ନ କୁମାର ଦାସ ବର୍ତ୍ତମାନ ସମୟରେ ନାଟକ ମାଧ୍ୟମରେ କିପରି ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି କିପରି ଶୁଭ ବାର୍ତ୍ତା ପ୍ରଦାନ ପୂର୍ବକ ସମାଜକୁ ଦିଗ ଦର୍ଶନ ଦିଆ ଯାଇ ପାରିବ ବୋଲି ମତ୍ ବ୍ୟକ୍ତ କରିଥିଲେ।ସ୍ରଷ୍ଟା ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ପୌରୋହିତ୍ୟ କରିଥିଲେ ଅନୁଷ୍ଠାନର ସଭାପତି ଶ୍ରୀ ଆଲୋକ କୁମାର ସାହୁ ସ୍ରଷ୍ଟାର ସଦସ୍ୟ ବ୍ରହ୍ମ ନାଥ ରଥ ମଞ୍ଚ ପରିଚାଳନା କରି ତାଙ୍କ ପିତା ସ୍ୱର୍ଗତ କବି ବ୍ରଜନାଥ ରଥ ଙ୍କ ସ୍ମୃତି ଚାରଣ କରିଥିଲେ।ସାହିତ୍ୟିକ,ନାଟ୍ୟକାର ପୀତାମ୍ବର ଦାସ ଶେଷ କଥନ ସହ ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱର ର 'ନବୀନ ବର୍ଣ୍ଣାଳି' ନାଟ୍ୟା ନୁଷ୍ଟନର କଳାକାର ଙ୍କ ଦ୍ୱାରା ନାଟକ ' ବାଇ ଚଢେଇର ଡେଣା' ଶ୍ରୀ ନବୀନ କୁମାର ପରିଡ଼ା ଙ୍କ ଲିଖିତ ଓ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। 'ଆକାଶଟା ବହୁତ୍ ବଡ଼।ହେଲେ ବାଇ ଚଢେଇ ଆକାଶକୁ ଛୁଇଁ ପାରେନା ସତ୍ ମାତ୍ର ସେଇ ପ୍ରୟାସରେ ସେ ଖଣ୍ଡି ଉଡ଼ା ଦେଇ ତାଳଗଛ ବରଡାରେ ବସା ବାନ୍ଧେ।ସେମିତି ଏ ସଂସାରରେ କିଛି ନିଆରା ମଣିଷ ଅଛନ୍ତି,ଯେଉଁମାନେ କି ନିଜର ସ୍ୱପ୍ନକୁ ସାକାର କରିବାକୁ ଯାଇ ତାଙ୍କ ଅପହଞ୍ଚର ସୀମା ଟପି ସମାଜ ସହିତ ସଂଘର୍ଷ କରି ନିଜ ସ୍ୱପ୍ନକୁ ସାକାର କରିପାରନ୍ତି।ଏମିତି ଏକ କାହାଣୀ କୁ ନାଟକ' ବାଇ ଚଢେଇର ଡେଣା' । ନବୀନ ପରିଡ଼ା,ହିମାଂଶୁ ବେହେରା, ରାଜେନ୍ଦ୍ର, ପ୍ରମିଥ, ଅଭିଜିତ, ଅଙ୍କିତା, ଲକ୍ଷ୍ମୀପ୍ରିୟା, ଦେବାଂଶ ମହାନ୍ତି, ଆକୃତି, ଦିବ୍ୟାଂଶି ଦାସ, ଦିବାଂଶି ଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସ୍ରଷ୍ଟା ର ଶ୍ରୀ ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ,ସମ ରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ,ରତିକାନ୍ତ ମଲିକ, ମଦନ ମୋହନ ସାହୁ,ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର,ପ୍ରଦୀପ ସତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ଶ୍ମିତା ଦାସ ସୁମନା ପରିଡ଼ା, ସ୍ୱାତୀ ପଣ୍ଡା,ଋତୁରାଜ ବାରିକ,ସୌର ଜିତ୍ ସାହୁ,ଅନୁଭା ଶତପଥୀ ,ସନ୍ତୋଷ କମିଲା ପ୍ରମୁଖ ସଦସ୍ୟ କାର୍ଯକ୍ରମକୁ ସୁପରିଚାଳନା କରିଥିଲେ।

## ସୁସ୍ଥ ଜୀବନର....
### (ପୃଷ୍ଠା ୫ର ଅବଶିଷ୍ଟାଂଶ)

ଅବଶ୍ୟ, ପେସାଦାର ପୋଖତ ବଡ଼ି ବିଲଡରମାନେ ଷ୍ଟେରୋଏଡ଼ ଓ ସପ୍ଲିମେଣ୍ଟ ନିଅନ୍ତି କିନ୍ତୁ ପ୍ରାୟତଃ ଗବେଷଣାଲବ୍ଧ ଜ୍ଞାନ, ଶୃଙ୍ଖଳା ଓ ଚିକିତ୍ସାବିଜ୍ଞାନୀ ମାନଙ୍କ ଉପଦେଶର ଅନୁସରଣ କରନ୍ତି, ତଥାପି ମାତ୍ରାଧିକତା ହେତୁ ଅନେକ କିମ୍ବଦନ୍ତୀୟ ବଡ଼ି ବିଲଡ଼ର ଯୌବନରେ ଅକର୍ମଣ୍ୟ ହୋଇଯାଇଛନ୍ତି, ଯେମିତି ରନି କଲମାନ ବା ଅକାଳରେ ମୃତ୍ୟୁ ଲଭିଛନ୍ତି ଯେମିତି ଡାଲାସ ମାକାର୍ଭର। ହୃତପିଣ୍ଡର ଆକାର ବୃଦ୍ଧ ପାଇବା ଭଳି ସ୍ଥିତିକୁ ଡାକ୍ତରୀ ଭାଷାରେ କୁହାଯାଏ ଲେଫଟ ଭେଂଟ୍ରିକୁଲାର ହୋଇପୋଟ୍ରୋଫି, ଯାହା ସମସ୍ତ ଖେଳାଳି, ସନ୍ତରଣକାରୀ ଓ ନିୟମିତ ବ୍ୟାୟାମକାରୀଙ୍କ ଠାରେ ଦେଖାଯାଇଥାଏ। ଏହାର କାରର ଦୌଡ଼ାଦୌଡ଼ି ଓ ବ୍ୟାୟାମ ଆଦି ହେତୁ ଅଧିକ ସଂଚାଳିତ ହେଉଥିବା ହୃତପିଣ୍ଡ ସ୍ୱୟଂ ଏକ ମାଂସପେଶୀ ହୋଇଥିବାରୁ ସ୍ୱାଭାବିକ ଭାବେ ସ୍ଫୀତ ହୋଇଯାଏ, ଯାହା କିନ୍ତୁ ଚିନ୍ତାର କାରଣ ହୋଇ ନଥାଏ। କିନ୍ତୁ ଯଦି ରୋଗ କିମ୍ବା ଔଷଧ ଇତ୍ୟାଦି ଭଳି କାରଣରୁ ଏଭଳି ସ୍ଥିତି ଉପୁଜେ, ତେବେ ତାହା ଉଦବେଗର କାରଣ ହୁଏ। ଡାଲାସ ମାକାର୍ଭରଙ୍କ ଭଳି ଅନେକ ସୁଖ୍ୟାତ ପେସାଦାର ବଡ଼ି ବିଲଡ଼ର ପ୍ରତିଦ୍ୱନ୍ଦ୍ୱିତାରେ ଜିତିବାର ଆଗ୍ରହାତିଶଯ୍ୟରେ ଆନାବୋଲିକ ଷ୍ଟେରୋଏଡ଼ର ମାତ୍ରାଧିକ ବ୍ୟବହାର କରି ମାଂସପେଶୀ ସ୍ଫୀତ କଲାବେଳକୁ ହୃତପିଣ୍ଡର ଆକାର ବୃଦ୍ଧି ପାଇବା ସହିତ ନମନୀୟତାରେ ହ୍ରାସ ଘଟି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥାଏ। କିନ୍ତୁ ଏହି କାରଣରୁ ଜିମ ବା ନିୟମିତ ବ୍ୟାୟାମ ସନ୍ଦେହର ପାତ୍ର ହେବା ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଯାହା ଦୋଷଦୁଷ୍ଟ ହେବାକୁ ଯୋଗ୍ୟ ତାହା ହେଲା ଅଜ୍ଞତା, ସାଧାରଣ ବୋଧର ଅଭାବ ଏବଂ ମାତ୍ରାତିରିକ୍ତତା। ଆମେ ସମସ୍ତେ ସୁସ୍ଥ ଓ ନିରୋଗ ଜୀବନ କାମ୍ୟ କରୁଥିବାବେଳେ ଶରୀର ନିମିତ୍ତ ମାତ୍ରାତିରିକ୍ତ ଆଗ୍ରହ ଓ ପଦକ୍ଷେପ ଅନ୍ତରାୟ ସୃଷ୍ଟି କରିଥାଏ। ଦୀର୍ଘାୟୁ ହେବାପାଇଁ ସର୍ବପ୍ରଥମ ଆବଶ୍ୟକତା ହେଲା ଖାଦ୍ୟପେୟ ଶୃଙ୍ଖଳା, ବ୍ୟାୟାମ, ଆନନ୍ଦମୟ ଜୀବନ ଓ ଗୁରୁଙ୍କ ପ୍ରତି ସମର୍ପଣ। ଗୁରୁ ବା ପଥପ୍ରଦର୍ଶକଙ୍କ ଦିବ୍ୟ ବାଣୀ, ସତସଙ୍ଗ ଏବଂ ନିଜ ଜୀବନର ବାସ୍ତବବାଦୀ ଲକ୍ଷ୍ୟ ସ୍ଥିର କରି ତାହା ପୂରଣ କରିବା ନିମିତ୍ତ ପ୍ରୟାସ କରିବା ଉଚିତ। ସୁସ୍ଥ ଜୀବନର ଆଲୋକ ଆମ ସମସ୍ତଙ୍କ ପାଇଁ ଆଜି ଦିନର ସ୍ୱାସ୍ଥ୍ୟ ଅନୁଚିନ୍ତନ ହେଉ।

♥ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପିଓକେକୁ ଭାରତର...

ଏପରି କରି ସେ ନିଜ ଦେଶ ପାକିସ୍ତାନରେ ବିରୋଧର ସମ୍ମୁଖୀନ ହେଉଛନ୍ତି। ଭାରତ ବାରମ୍ବାର କହିଆସିଛି ଯେ ଜମ୍ମୁ-କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ସବୁବେଳେ ରହିବ। ଭାରତ କହୁଛି ଯେ, କାଶ୍ମୀର ଉପରେ ପାକିସ୍ତାନ ସହିତ ଯେକୌଣସି ଆଲୋଚନା କେବଳ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଫେରାଇବା ବିଷୟରେ ହେବ। ୨୨ ଫେବ୍ରୁଆରି ୧୯୯୪ରେ ଭାରତୀୟ ସଂସଦରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ କୁହାଯାଇଥିଲା ଯେ, ପାକ୍ ଅଧିକୃତ ଜାମ୍ମୁ-କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ସବୁବେଳେ ରହିବ। ଏଥିରେ କୁହାଯାଇଛି ଯେ ଜମ୍ମୁ-କାଶ୍ମୀରକୁ ଦେଶର ଅନ୍ୟ ଅଂଶରୁ ଅଲଗା କରିବାର ଯେକୌଣସି ପ୍ରୟାସକୁ ସମସ୍ତ ଆବଶ୍ୟକୀୟ ସମ୍ବଳ ମାଧ୍ୟମରେ ପ୍ରତିରୋଧ କରାଯିବ ।ଏହି କାରଣରୁ, ପ୍ରତିବର୍ଷ ୨୨ ଫେବ୍ରୁଆରିକୁ ଜମ୍ମୁ-କାଶ୍ମୀର ସମାଧାନ ଦିବସ ଭାବରେ ସ୍ମରଣ କରାଯାଉଛି।

### ବଜେଟରେ ବଡ଼ ନିଷ୍ପତ୍ତି ...

ସାଧାରଣ ପ୍ରଶାସନ, ପଞ୍ଚାୟତରାଜ, ପାନୀୟ ଜଳ, ଜଙ୍ଗଲ ପରିବେଶ ବିଭାଗ, ଗ୍ରାମ ଉନ୍ନୟନ ବିଭାଗର ଖର୍ଚ୍ଚ କମ୍ ରହିଛି । ଏନେଇ ଖର୍ଚ୍ଚ ବଢ଼ାଇବା ପାଇଁ ବାରମ୍ବାର ତାଗିଦ କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ । ଏଥର ବଜେଟ୍ ଆକାର ବଢ଼ି ୩ ଲକ୍ଷ କୋଟି ଟପିପାରେ ।

### ଶୁଣାଣିରେ ସୀମିତ ...

କହିଛନ୍ତି, ବିନା ଅସ୍ତ୍ରରେ ମହାନଦୀ ଯୁଦ୍ଧ ଲଢ଼ି ଓଡ଼ିଶାକୁ ଅପଦସ୍ତ କରିଥିଲା ବିଜେଡି । ଏବେ ଶେଷ ପର୍ଯ୍ୟନ୍ତ ବିଜେପି ସରକାର । କେନ୍ଦ୍ର ଓ ଛତିଶଗଡ଼ ସହ ଆଲୋଚନା କରି ବିବାଦର ସମାଧାନ କରିବୁ । ମହାନଦୀ ବିବାଦର ସମାଧନର ସୂତ୍ର ସରକାର ଖୋଜୁଥିବା ବେଳେ ବାଣ ମାରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଟ୍ରିବ୍ୟୁନାଲ ଶୁଣାଣିରେ ପକ୍ଷ ରଖିବାକୁ କାହିଁକି ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଆସିଲେନି ? ମହାନଦୀର ସୁରକ୍ଷା ଠାରୁ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାମ କ'ଣ ଥିଲା ? ମହାନଦୀ ପାଇଁ ସରକାର କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି କହିଛନ୍ତି ନବୀନ । ଅନ୍ୟପଟେ ଏହାର ଜବାବ ରଖିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ୭ ବର୍ଷ ଧରି ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଶ୍ରାଦ୍ଧ କରି ମଧ ମହାନଦୀକୁ ନ୍ୟାୟ ଦେଇପାରିଲେନି । ଆପୋସ ଆଲୋଚନାରେ ସମାଧାନର ଦ୍ୱାରଦେଶରେ ପହଞ୍ଚିଥିବା ବେଳେ ନବୀନଙ୍କ ବୟାନକୁ ନୈରାଶ୍ୟଜନକ କହିଛନ୍ତି ପୀତାମ୍ବର । ଉଭୟ ଶାସକ-ବିରୋଧୀଙ୍କ ବୟାନବାଜି ଟ୍ରିବ୍ୟୁନାଲର ଭୂମିକାକୁ ସନ୍ଦେହ ଭିତରକୁ ଠେଲିଛି । ଏଭଳିସ୍ଥଳେ କ୍ଷେତ୍ର ପରିଦର୍ଶନ ପରେ ଟ୍ରିବ୍ୟୁନାଲ ଟିମ୍ ମହାନଦୀକୁ ନ୍ୟାୟ ଦେଇପାରିବ ତ ? ତାହା ସବୁଠୁ ବଡ ପ୍ରଶ୍ନ ।

### ୨୧ ମାଓବାଦୀଙ୍କ ...

ସୁକ୍କି ଏବଂ ସର୍ମିଳା କାବାସୀ। ଏହି ନକ୍ସଲମାନେ ଆତ୍ମସମର୍ପଣ ବେଳେ ପୁଲିସ ନିକଟରେ ୩ଟି ଏକେ-୪୭, ମେଗାଜିନ-୮ଟି, ୧୨୦ ରାଉଣ୍ଡ ଜୀବନ୍ତ ଗୁଳି, ୨ଟି ଏସଏଲଆର ବନ୍ଧୁକ, ମେଗାଜିନ ୪ଟି ଏବଂ ୪୦୧ଟି ଜୀବନ୍ତ ଗୁଳି, ଗୋଟିଏ ଇନସାସ ବନ୍ଧୁକ ସହ ମେଗାଜିନ ଦୁଇଟି ଏବଂ ୫୦ ରାଉଣ୍ଡ ଜୀବନ୍ତ ଗୁଳି, ସିଙ୍ଗଲ ସଟ ବନ୍ଧୁକ ୫ଟି, ବିଜିଏଲ ଲଞ୍ଚର ତିନୋଟି, କୋଡେକ୍ସ ତାର ଗୋଟିଏ ବଣ୍ଡଲ, ଜିଲୋଟିନ ୧୦ଟି ଇତ୍ୟାଦି ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଡିଭିଜନାଲ କମିଟି ମେମ୍ବର ୩ ଜଣ, ଏରିଆ କମିଟି ମେମ୍ବର ୫ ଜଣ ଏବଂ ୧୩ ଜଣ ପାର୍ଟି ସଦସ୍ୟ ଅଟନ୍ତି। ଏମାନେ ଓଡିଶାର କେକେବିଏନ, ଦରଭା ଡିଭିଜନ, ବସ୍ତର ଡିଭିଜନର ସକ୍ରିୟ ନକ୍ସଲ ବୋଲି ପୁଲିସ କହିଛି। ଡିଭିସିଏମ ରାଜୁ କୋଡିଙ୍ଗା ଏରିଆ କମିଟିର ସଦସ୍ୟ ହୋଇଥିବା ବେଳେ ମମତା କେକେବିଏନର ସଦସ୍ୟା ବୋଲି ଜଣାପଡିଛି। ଅନ୍ୟମାନେ ଦରଭା ଡିଭିଜନର ସଦସ୍ୟ ଓ ସଦସ୍ୟା। ପ୍ରଶାସନ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଂକା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ। ହାତ ଗଣତି ଆଉ ମାତ୍ର କିଛି ଦିନ ସରକାରଙ୍କ ଟାର୍ଗେଟ ପୂରଣ ହେବାକୁ ରହିଥିବା ବେଳେ ନକ୍ସଲ ଜଂଗଲ ଛାଡି ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ଏବେ ବି ବଳକା ରହିଯାଇଥିବା ନକ୍ସଲ ତୁରନ୍ତ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛି ପୁଲିସ।

### ୨୫ ବର୍ଷ ପରେ ଶିବସେନା ...

ଏବେ ତାଙ୍କୁ ମେୟର ପଦ ପାଇଁ ଚୟନ କରାଯାଇଛି। ବିଜେପିର ରିତୁ ମେୟର ହେବାକୁ ଯାଉଥିବା ବେଳେ ତାଙ୍କ ଡେପୁଟ ଭାବେ କାମ କରିବେ ଶିବସେନାର ସଞ୍ଜୟ ଶଙ୍କର ଘାଡି। ଜାନୁଆରୀ ୧୫ରେ ଅନୁଷ୍ଠିତ ବିଏମସି ନିର୍ବାଚନରେ ସଞ୍ଜୟ ଶଙ୍କର ୱାର୍ଡ ନମ୍ବର ୧୫ରୁ ବିଜୟୀ ହୋଇଥିଲେ। ପୂର୍ବରୁ ମଧ ବିଏମସିର ଡେପୁଟି ମେୟର ଭାବେ ସଞ୍ଜୟ ୧୫ ମାସ କାମ କରିଥିଲେ। ଏଥର ସଞ୍ଜୟଙ୍କ କାର୍ଯ୍ୟକାଳ ୧.୨୫ ବର୍ଷ ରହିବ। କାରଣ ଏକନାଥ ସିନ୍ଦେଙ୍କ ଶିବସେନା ପୂରା ୫ ବର୍ଷରେ ୪ ଜଣ କର୍ପୋରେଟରଙ୍କୁ ଡେପୁଟି ମେୟର କରିବ ବୋଲି ନିଷ୍ପତ୍ତି ନେଇଛି। ଏହିକ୍ରମରେ ସଞ୍ଜୟ ପ୍ରଥମେ ଡେପୁଟି ମେୟର ହେବେ। ୨୨୭ ଆସନ ବିଶିଷ୍ଟ ବିଏମସିରେ ବିଜେପି ସର୍ବାଧିକ ୮୯ଟି ଆସନ ଜିତିଛି। ସହଯୋଗୀ ଶିବସେନା ୨୯ଟି ବାଜିମାତ କରିଥିଲା। ଦୁଇ ଦଳ ମିଳିତ ଭାବେ ୧୧୮ ଆସନ ଜିତିଛନ୍ତି। ମେୟର ପଦ ହାତେଇବା ପାଇଁ ୧୧୪ ଜଣ କର୍ପୋରେଟରଙ୍କ ସମର୍ଥନ ଆବଶ୍ୟକ। ବିଜେପି ସର୍ବାଧିକ ଆସନ ଜିତିଥିବାରୁ ମେୟର ପଦ ନିଜ ପାଖରେ ରଖିଛି। ହେଲେ ୧୯୯୭ରୁ ଶିବସେନା ନିଜ ପାଖରେ ରଖୁଥିବା ମେୟର ପଦକୁ ଏଥର ହରାଇଛି।

### ପରୀକ୍ଷା ପରିଚାଳନାରେ ...

ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ତଥ୍ୟ ରଖିଥିଲେ। ସୂଚନାଯୋଗ୍ୟ ଯେ, ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୬ରେ ଏ ବର୍ଷ ୨ ଲକ୍ଷ ୫୬ ହଜାର ୭୦୭ ଜଣ କଳା, ବାଣିଜ୍ୟରେ ୨୪ ହଜାର ୬୨୧ ଏବଂ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ଏହିପରି ମୋଟ ୪ ଲକ୍ଷ ୧୬ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥି ପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍, ୧୩୫୭ଟି ପରୀକ୍ଷା କେନ୍ଦ୍ର ସହ ୭ଟି ଉପକେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ୧୮ ଫେବ୍ରୁଆରି ୨୦୨୬ରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୩ ଦିନ ଧରି ଚାଲିବ। ସେହିପରି ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍‌ର ପରୀକ୍ଷା ଫେବ୍ରୁଆରି ୧୯ରୁ ଆରମ୍ଭ ହୋଇ ୨ ମାର୍ଚ୍ଚ ୨୦୨୬ରେ ସରିବ। ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷାରେ ୫ ଲକ୍ଷ ୪୬ ହଜାର ୮୭୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା, ମଧ୍ୟମାକୁ ମିଶାଇ ମୋଟ ୫ ଲକ୍ଷ ୬୧ ହଜାର, ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥି ପାଇଁ ସମସ୍ତ ଜିଲ୍ଲାରେ ମୋଟ ୩୨୨ଟି ନୋଡାଲ ସେଣ୍ଟର, ୩୦୮୨ଟି ପରୀକ୍ଷା କେନ୍ଦ୍ର ଓ ୫୦ଟି 'ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର' ରହିଛି।

# ଜୁଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଡ଼ ସୁଆଁ ଜୁଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ,ରମାକାନ୍ତ ସାହୁ, ଏସ ଏମ୍ ଡି ସି ମେମ୍ବର ଗୋପାଳ ଚନ୍ଦ୍ର ମହାନ୍ତି, ସି ଆର ସି ସି ସନ୍ତୋଷ କୁମାର ନାୟକ, ରାଧା କିଶୋର ଦାସ, ଅନିତା ପଣ୍ଡା ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଶିକ୍ଷା, ସାହିତ୍ୟ, କଳା ସଂସ୍କୃତି ଓ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ରତିକାନ୍ତ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାହୁଲ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବକୁ ପରିଚାଳନା କରିବାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ରାଜଶ୍ରୀ ବିଶ୍ୱାଳ,ସୂର୍ଯ୍ୟକାନ୍ତ ଦାସ, ପ୍ରିୟ ବ୍ରତ ସାହୁ, ଶୁଭେନ୍ଦୁ ଭୋଇ, ରଜତ ରଞ୍ଜନ ସେଠୀ,ସୂର୍ଯ୍ୟକାନ୍ତ କାମିଳା, ଗୌରୀ ବାଳା ସେଠୀ, ସତ୍ୟଜିତ ବାରିକ୍, ପ୍ରଫୁଲ୍ଲ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ପାଲୁଅର ସୁବାସରେ ମହକି ଉଠୁଛି ଖଡ଼ିଆ ସାହି: ବଂଚିଛି ପରମ୍ପରା, ମିଳୁନି ଲାଭ, ଫାଇଦାରେ ବେପାରି

ଉଦଳା, ୭/୨ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଡ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ବଣିଆବସା ଗ୍ରାମରେ ଥିବା ଖଡ଼ିଆ ସାହିର ଦୃଶ୍ୟ ଶିମିଳିପାଳ ପାଦଦେଶରେ ବସବାସ କରୁଥିବା ଉକ୍ତ ସାହିର ଖଡ଼ିଆ ଜନଜାତିର ଲୋକେ ପୁରୁଷାନୁକ୍ରମେ ପାଲୁଅ ଚାଷ ଓ ଉତ୍ପାଦନ କରିଆସୁଛନ୍ତି । ଏହାକୁ ତାଙ୍କର ବୃତି ଭାବରେ ଗ୍ରହଣ କରି ରୋଜଗାର କରୁଛନ୍ତି । ଏହି ଗ୍ରାମକୁ ଥରଟିଏ ବୁଲି ଆସିଲେ ଜାଣିହେବ ଏଠାକାର ବାତାବରଣ । ପାଲୁଅର ମହମହ ବାସ୍ନାରେ ମହକି ଉଠୁଛି ପୁରା ଅଂଚଳ । କିନ୍ତୁ ପାଲୁଅର ବଜାର ଦର ଅନୁସାରେ ଏଠାରେ ଚାଷୀ ଲାଭ ପାଇପାରୁ ନାହାଁନ୍ତି । ତେବେ ଏହାର ସୁଯୋଗ ନେଇ ବେପାରି ମାନେ ବେଶ ଭଲ ଫାଇଦା ଉଠାଇବାରେ ଲାଗିଛନ୍ତି । ଜିଲ୍ଲାରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗୃତି ମଂଚର ସଦସ୍ୟ ମାନେ ଏହି ଗ୍ରାମକୁ ପରିଦର୍ଶନରେ ଆସି ଏ ବାବଦରେ ଜାଣିବାକୁ ପାଇଥିବାର କଥା ଗଣମାଧ୍ୟମକୁ ଜଣାଇଛନ୍ତି । ଏହା ସରକାରଙ୍କ ନଜରକୁ ଆଣିବା ସହ ଏଠାକାର ପାଲୁଅ ଚାଷୀ ମାନେ କିପରି ଦୁଇପଇସା ରୋଜଗାର କରିପାରିବେ ଓ ଲାଭ ପାଇବେ ସେଥିପାଇଁ ମଂଚ ତରଫରୁ ସବୁ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ଟିମ ଲିଡ଼ର ଗଦାଧର ଦାଶ କହିଛନ୍ତି । ଏହିଭଳି ଚାଷୀ ମାନଙ୍କୁ ପ୍ରୋତ୍ସାହନ ନମିଳିବା ଓ ଶୋଷଣର ଶିକାର ହେବା ଯୋଗୁଁ ବହୁ ପାରମ୍ପାରିକ କୃଷି ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି ।

# ଉଦଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ଉଦଳା, ୭/୨ (ନି.ପ୍ର): ଉଦଳା ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ଚଳିତ ଫେବୃଆରି ୬ ତାରିଖ ଶୁକ୍ରବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ପଟେଲ ଅଧ୍ୟକ୍ଷତା କରି ଚାକିରୀ ଜିବନରେ ପଶ୍ଚିମ ଓଡ଼ିଶାରୁ ଉତର ଓଡ଼ିଶାକୁ ବଦଳି ହୋଇ ଆସିବା ଓ ଏଠାରେ ବିତାଇଥିବା ଦିନ ଗୁଡ଼ିକର ଅନୁଭବ ଶୁଣାଇଥିଲେ । ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବାସହ ଉଦଳା ମହାବିଦ୍ୟାଳୟକୁ ପ୍ରତିଷ୍ଠା କରିବାରେ ଅଗ୍ରଣି ଭୂମିକା ନେଇଥିବା ବ୍ୟକ୍ତି ମାନଙ୍କର ଅବଦାନକୁ ମନେପକାଇଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଉଦଳା ମହାବିଦ୍ୟାଳୟର ସାମଗ୍ରୀକ ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ଏବଂ ଖୁବ ନିକଟରେ ଏହା ସ୍ୱୟଂଶାଶିତ ଘୋଷିତ ହେବାକୁ ଯାଉଛି ବୋଲି ସୂଚନା ପ୍ରଦାନ କରିଥିଲେ । ଏହାପରେ ଅଧ୍ୟାପକ ଡ଼. ଦିବ୍ୟଲୋଚନ ଭୂୟାଁ ବିବରଣି ପାଠ କରିଥିଲେ । ସ୍ଥାନୀୟ ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ସୁନ୍ଦର ଶୈକ୍ଷିକ ବାତାବରଣ ଏବଂ ଶୃଙ୍ଖଳିତ ପରିଚାଳନା ପାଇଁ ଅତିତରେ ଉଦଳା ମହାବିଦ୍ୟାଳୟ ସମଗ୍ର ଉତର ଓଡ଼ିଶାରେ ସୁନାମ ଅର୍ଜନ କରିଥିଲା ବୋଲି ବ୍ୟକ୍ତ କରିବା ସହ ବର୍ତମାନ ସେଭଳି ଶୃଙ୍ଖଳା ଦେଖିବାକୁ ମିଳୁନାହିଁ ବୋଲି କହି ଦୁଃଖ ପ୍ରକାଶ କରିଥିଲେ । ପରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉଦଳା ମହାବିଦ୍ୟାଳୟର ଇତିହାସରେ ଥିବା ସ୍ୱତନ୍ତ୍ର ମହକ ବେଶ ସ୍ପଷ୍ଟ ବାରି ହୋଇ ପଡ଼େ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ମହାବିଦ୍ୟାଳୟରୁ ପ୍ରକାଶ ପାଉଥିବା ପତ୍ରିକା 'କାନନିକା'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ପରେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ସୁବ୍ରତ କୁମାର ରଣା ମୁଖ୍ୟ ବକ୍ତା ଭାବରେ, ଚଳିତ ବର୍ଷଟି ଉଦଳା ମହାବିଦ୍ୟାଳୟ ପାଇଁ ହିରକ ଜୟନ୍ତି ବର୍ଷ ଅଟେ । ପୁରାତନ ଛାତ୍ର ସଂଘର ନେତୃତ୍ୱରେ ଏହାକୁ ବେଶ ଜାକ ଜମକରେ ପାଳନ କରିବାର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଅଧ୍ୟାପିକା ଡ଼. ମିନାକ୍ଷୀ ପରିଡ଼ା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସନ୍ତୋଷ କୁମାର ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଜାତୀୟ ଅସ୍ମିତା ରଗବୀରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ



ବାରିପଦା , ୭/୨ (ନି.ପ୍ର): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସ୍ତରୀୟ 'ଅସ୍ମିତା ରଗ୍ବୀ ଲିଗ' ରେ ଓଡିଶାର ୧୫ ବର୍ଷରୁ କମ, ୧୮ ବର୍ଷରୁ କମ ଓ ସିନିୟର ମହିଳା ବର୍ଗ ଦଳ ଚମ୍ପିୟାନ ହୋଇ ଇତିହାସ ରଚିଛନ୍ତି ଓ ଓଡିଶା ସିନିୟର ଦଳରେ ମୟୁରଭଞ୍ଜ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ର ସୁନୀତା ହାଁସଦା ଓ ପାର୍ବତୀ ହାଁସଦା, ୧୮ ବର୍ଷରୁ କମ ଦଳରେ ହିସି ଟୁଡୁ ଏବଂ ୧୫ ବର୍ଷରୁ କମ ଦଳରେ ସୁଲେନା ହେମ୍ବ୍ରମ ଚମତ୍କାର ଖେଳ ପ୍ରଦର୍ଶନ କରି ନିଜ ନିଜର ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓ ଏହି ପ୍ରଦର୍ଶନ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହ ପ୍ରତିଷ୍ଠାତା ରୂପାଲୀ ସୋରେନ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସଙ୍କ ସମେତ, କୋଚ୍ ଚନ୍ଦନ ସିଂ, ଅଶୋକ ହାଁସଦା ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଡାହାଣୀ ଚିରିଗୁଣି ସନ୍ଦେହରେ ନିର୍ଯାତନା ଦେବାକୁ ପ୍ରଥା ବିଲୋପ ପାଇଁ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ

ଖୋର୍ଦ୍ଧା , ୭/୨ (ନି.ପ୍ର): ଡାହାଣୀ ଚିରିଗୁଣି ଲାଗିବା, ଗୁଣିଗାରିଡି ଚେଙ୍କ ମାଧ୍ୟମରେ ଏହାକୁ ଭଲ କରିବା ପାଇଁ ଝାଡ଼ିବା ଆଦି ଅନ୍ଧ ବିଶ୍ୱାସ ଓ ସାମାଜିକ କୁ ସଂସ୍କାର ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ସଭ୍ୟ ସମାଜ ପାଇଁ ଅନିର୍ବାର୍ଯ୍ୟ ଅଟେ । ଏହା କେବଳ ବିଦ୍ୟାଳୟରେ ପଢୁଥିବା ଛାତ୍ର ଛାତ୍ରୀ, ମହିଳା ସଂଗଠନ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଶେଷ ଭାବରେ ଅନୁସୂଚିତ ଜନଜାତି ଅଞ୍ଚଳରେ କାଯ୍ୟ କରୁଥିବା ସ୍ୱେଚ୍ଛାସେବୀ ମାନେ ବ୍ୟାପକ ଭାବେ ଜନଜାଗରଣ ଓ ଜନସଚେତନା ସୃଷ୍ଟି କରିପାରିଲେ ଏଭଳି ସାମାଜିକ କୁ ପ୍ରଥାର ବିଲୋପ ସମ୍ଭବ ହୋଇ ପାରିବ ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡାହାଣୀ ସନ୍ଦେହରେ ନିର୍ଯାତନା ବନ୍ଦ କରିବା ଏକ ଦିବସୀୟ ସଚେତନତା କର୍ମ ଶାଳାରେ ରାଜ୍ୟ ସ୍ତରୀୟ ମୁଖ୍ୟ ପ୍ରଶିକ୍ଷିକା ଭାବେ ଶ୍ରୀମତୀ ମାନସୀ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ବୈଠକରେ ଅଧ୍ୟକ୍ଷତା କରି କହିଲେ ପ୍ରାଚୀନ କାଳରେଏଭଳି କୁପ୍ରଥା ବହୁଳ ମାତ୍ର ରେ ଚାଲି ଥିଲା । ଧୀରେ ଧୀରେ ଶିକ୍ଷା ର ସାର୍ବଜନୀକରଣ ହେତୁ ଏଭଳି କୁ ପ୍ରଥା ସମାଜରୁ ହଟି ବାରେ ଲାଗିଛି କ୍ଷ ଏହାକୁ ସମ୍ପୂର୍ଣ ଭାବେ ବିଲୋପ କରିବାକୁ ହେଲେ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ସଂପୃକ୍ତ ସରକାରୀ କର୍ମ ଚାରୀ ,ଜନପ୍ରତିନିଧି ,ସ୍କୁଲ କଲେଜ ଛାତ୍ର ଛାତ୍ରୀ , ଗ୍ରାମାଞ୍ଚଳରେ ଏବଂ ତୃଣ ମୂଳ ସ୍ତରରେ ବ୍ୟାପକ ସଚେତନ ତା ସୃଷ୍ଟି କରି ଏପରି କୁ ପ୍ରଥାର ହାନି ଓ ଭୟାଭୟତା ସମ୍ପର୍କ ରେ ଅବଗତ କରାଇ ପାରିଲେ ଏଭଳି ସାମାଜିକ ବିକାଶ ରେ ଅବରୋଧ କରୁଥିବା କଳଙ୍କିତ ପ୍ରଥାର ବିଲୋପ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ କ୍ଷ କର୍ମ ଶାଳରେ ପୁଲିସ କର୍ମ ଚାରୀ, ସରପଞ୍ଚ, ୱାର୍ଡ ସଭ୍ୟ, ଆଶା , ଅଙ୍ଗନୱାଡି କର୍ମୀ, ଏ ଏନ୍ ଏମ ,କିଶୋରୀ ବାଳିକା କଲେଜ ଛାତ୍ର ଛାତ୍ରୀ , ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ,ଅନୁସୂଚିତ ଜନ ଜାତି , ଜାତି ମହିଳା ଏବଂ ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ । ମଞ୍ଚ ସଂଯୋଜନା ରେ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସୌଦାମିନୀ ଦାସ ସମ୍ପାଦିତ କରିଥିବା ବେଳେ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅତିଥି ଶିକ୍ଷକଙ୍କ ଦ୍ୱାରା ଚାଲିଛି ନାୟକ ରାମଚନ୍ଦ୍ର ଏକାଡେମୀ

## ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବି ଚପରାଶି ପଢ଼ାଉଛନ୍ତି ପାଠ ଅନ୍ଧାରରେ ପିଲାଙ୍କ ଭବିଷ୍ୟତ




ବାଲିଆପାଳ , ୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନିମପଦା ନାୟକ ରାମଚନ୍ଦ୍ର ଏକାଡେମୀ, ୧୯୮୫ ମସିହା ନିର୍ମିତ ସ୍କୁଲ ଆଠ ଜଣ ଶିକ୍ଷକ, ଚାରିଜଣ ଅଣଶିକ୍ଷକ ଙ୍କୁ ନେଇ ଦୁଇଟି ଶ୍ରେଣୀ ( ନବମ, ଦଶମ) ଗଠିତ ହୋଇଥିଲା । ପ୍ରତିବର୍ଷ ସ୍କୁଲ ରେ ୧୦୦ ରୁ ଉର୍ଦ୍ଧ୍ୱ ପିଲା ଆଡ୍‌ମିସନ ହୋଇଥାନ୍ତି । ବ୍ଲକ ର ସଦର ମହକୁମା ଠାରୁ ପାଖା ପାଖି ୨୫ କିଲୋମିଟର ଦୂରରେ ସ୍କୁଲ ଟି ହୋଇଥିବା ରୁ ପ୍ରଶାସନ ର ଅଣଦେଖା ମଧ୍ୟରେ ରହିଛି । ତେବେ ଧୀରେ ଧୀରେ ସ୍କୁଲ ଓ ଶିକ୍ଷକ, ଅଣଶିକ୍ଷକ ମାନଙ୍କ ର ବୟସ ବଢ଼ି ବଢ଼ି ଚାଲିଥିବା ବେଳେ, ଅନ୍ଧାର କୁ ଠେଲି ହେଉଛି ପିଲାଙ୍କ ଭବିଷ୍ୟତ । ଆଠ ଜଣ ଶିକ୍ଷକ ମଧ୍ୟରୁ ଗତ ୩୧/୧/୨୬ ସୁଦ୍ଧା ଆଠ ଜଣ ଶିକ୍ଷକ ଅବସର ନେଇ ସରିଥବା ବେଳେ ଚାରି ଜଣ ଅଣ ଶିକ୍ଷକ ଙ୍କ ମଧ୍ୟରୁ ଦୁଇ ଜଣ ଅବସର ନେଇ ସାରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ମଧ ରୁ ଆସନ୍ତା ମେ ମାସ ୩୦ ତାରିଖ ରେ କ୍ଲାର୍କ ଅବସର ଗ୍ରହଣ କରିବେ । ତେବେ ଜଣେ ପିଅନ ଙ୍କ ଦ୍ୱାରା ଚାଲିଛି ସ୍କୁଲ ର ୧୪୦ ଜଣ ପିଲା ଙ୍କ ଭବିଷ୍ୟତ । ତେବେ ଶିକ୍ଷକ ମାନଙ୍କ ର ଅବସର କୁ ନେଇ ପରିଚାଳନା କମିଟି, ଗ୍ରାମବାସୀ, ସ୍ଥାନୀୟ ନେତୃତ୍ୱ ଙ୍କ ପକ୍ଷରୁ ବାରମ୍ବାର ଶିକ୍ଷା ବିଭାଗ ନିକଟରେ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ନିବେଦନ ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଦୁଇ ଦୁଇ ଥର ଦୁଇ ଜଣ ଶିକ୍ଷକ ଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ପାଇଁ ସରକାରୀ ସ୍ତରରେ ଚିଠି କରିଥିଲେ ମଧ ବର୍ତମାନ ସୁଦ୍ଧା କେହି ଯୋଗଦାନ କରୁନାହାନ୍ତି । କିମ୍ବା ସରକାରୀ ନିର୍ଦ୍ଦେଶ କୁ ଅବମାନନା କରୁଥିବା ଶିକ୍ଷକ ଙ୍କ ବିରୋଧ ରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ପ୍ରଶାସନ । ଆଗକୁ ଦଶମ ଶ୍ରେଣୀ ପରୀକ୍ଷା ଥିବା ବେଳେ ଚଳିତ ବର୍ଷ ୭୩ ଜଣ ପିଲା ଦଶମ ଶ୍ରେଣୀ ରେ ପରୀକ୍ଷା ଦେବାକୁ ଫର୍ମ ଫିଲପ କରିଛନ୍ତି । ଏହାକୁ ଲକ୍ଷ କରି ଶିକ୍ଷା ବିଭାଗ ପାଞ୍ଚ ଜଣ ଅତିଥି ଶିକ୍ଷକ ଙ୍କୁ ଦେଇ ଛନ୍ତି । ଗତ ସେପ୍ଟେମ୍ବର ମାସ ରୁ ଫେବୃୟାରୀ ମାସ ପର ?ୟ୍ୟନ୍ତ ଛଅ ମାସ ପାଇଁ ନିଯୁକ୍ତି ଦେଇଥିବା ବେଳେ ପାଠ ପଢା ରେ ବହୁ ସମଷ୍ୟା ସୃଷ୍ଟି ହେଉଥିବା କହିଛନ୍ତି ଛାତ୍ର ଛାତ୍ରୀ । ତେବେ ପାଠ ପଢା ର ସମଷ୍ୟା କୁ ଦେଖି ଅଣ ଶିକ୍ଷକ ମାନେ ମଧ ପାଠ ପଢାଇବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି । ହେଲେ ପରୀକ୍ଷା କୁ ଆଉ ମାତ୍ର କେତୋଟି ଦିନ ରହିଛି । ସ୍କୁଲ ରେ ଶିକ୍ଷକ ନ ଥିବାରୁ ଆଡମିଟକାର୍ଡ ରେ ଦସ୍ତଖତ ହୋଇପାରୁନାହିଁ । ଶିକ୍ଷା ବିଭାଗ କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ପରିଚାଳନା କମିଟି ସହ ନେତୃତ୍ୱ ମଣ୍ଡଳୀ, ଗ୍ରାମବାସୀ । ପଂଚାୟତର ଏକମାତ୍ର ହାଇସ୍କୁଲ ହୋଇଥିବାରୁ ସ୍କୁଲ ର ସ୍ଥିତା ବସ୍ଥା ଫେରାଇ ଆଣିବା ସହିତ ତୁରନ୍ତ ଶିକ୍ଷକ, ଅଣଶିକ୍ଷକ ନିଯୁକ୍ତି କରିବାକୁ ନିବେଦନ କରିଛନ୍ତି ପୂର୍ବତନ ଶିକ୍ଷକ ଓ ବର୍ତମାନ ର ଅଣଶିକ୍ଷକ ମାନେ । ଘଟଣା କୁ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ଜିଲ୍ଲା ଶିକ୍ଷାଧିକାରୀ ଙ୍କ ସହ ଆଲୋଚନା କରିବା ର ପ୍ରତିଶୃତି ଦେଇଥିବା ବେଳେ ବିଜେପି ଜିଲ୍ଲା ସଭାପତି ସାଂସଦ ଏବଂ ଜିଲ୍ଲା ଶିକ୍ଷଧିକାରୀ ଙ୍କ ସହ ଆଲୋଚନା କରି ଯେତେ ଶୀଘ୍ର ଉକ୍ତ ଅନୁଷ୍ଠାନ କୁ ଶିକ୍ଷକ ଦିଆଯାଇପାରିବ ସେ ବିଷୟରେ ଚେଷ୍ଟା କରିବାର ପ୍ରତିଶୃତି ଦେଇଛନ୍ତି ।

# ବନାଗ୍ନି ନିବାରଣ ସଚେତନତା ଶିବିର ଅନୁଷ୍ଠିତ

ନୀଳଗିରି , ୭/୨ (ନି.ପ୍ର): ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଚରଣାପାଳ ଗ୍ରାମରେ ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମଦିନେ ଜଙ୍ଗଲକୁ କିପରି ରକ୍ଷା କରାଯାଇପାରିବ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲରେ ନିଆଁ ନଲଗାଇବା ଓ ଜଙ୍ଗଲକୁ ସୁରକ୍ଷା ପ୍ରଦାନ ଆଦି ବିଭିନ୍ନ ବାର୍ତାନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ବିଶେଷକରି ଜଙ୍ଗଲ ପାଦଦେଶ ଅଞ୍ଚଳର ଲୋକମାନେ ମହୁଲ ଫୁଲ ଓ ଶାଳମଞ୍ଜି ସଂଗ୍ରହକରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି । ତେଣୁ ସଚେତନତା ସୃଷ୍ଟି କରାଯାଇ ବନାଗ୍ନିକୁ ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ସଂଗ୍ରାମ ସ୍ୱାଇଁ, ଅଜୟ ସିଂ, ରାଜେନ୍ଦ୍ର ସିଂ, ଦିଲ୍ଲିପ ସିଂ, ପାର୍ବତୀ ସିଂ, ମିଲି ସିଂ, ମାମା ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ଅନ୍ନଦାପ୍ରସାଦ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ନୀଳଗିରି, ୭/୨ (ନି.ପ୍ର): ନୀଳଗିରି ନିର୍ବାଚନମଣ୍ଡଳୀ ଅଧିନ ମୂଳକୁଡାଇ ଗ୍ରାମର ଅନ୍ନଦାପ୍ରସାଦ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିଲେ । ଦିବାକର ମଳିକ ସଭାପତିତ୍ୱ କରିଥିବା ବେଳେ ମୀନତି ବାରିକ ଅତିଥିପରିଚୟ ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତସଂଗୀତ ପରିବେଷଣ କରାଯାଇଥିଲା । କୁନିମଣୀ ସେଠୀ ବାର୍ଷିକବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟ ବକ୍ତା ଭାବେ ସିଆରସିସି ପ୍ରଭଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉମାକାନ୍ତ ଶିଅଳ, ଗଣେଶ ପ୍ରସାଦ ପତି, ଅପୂର୍ବ ପଟ୍ଟନାୟକ ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜୟରାମ ଧାଉଁରିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସୁଜିତ କୁମାର ଦାସ, ସୁରେଶ କୁମାର ରାଉଳ ପ୍ରମୁଖ ବିଦ୍ୟାଳୟର ଶିକ୍ଷକ ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ, ନାଟ୍ୟକାର ଜୟରାମ ଧୂଆଁରିଆ ଙ୍କ ଲିଖିତ ଏକ ସଂସ୍କାର ଭିତ୍ତିକ ନୂଆ ନାଟକ 'କାହାଣୀ ଲେଖୁଛି ନୂଆ ସକାଳ ' ପରିବେଷଣ କରାଯାଇଥିଲା ।

# ରେମୁଣା ବିଧାନସଭା ମଣ୍ଡଳୀ ପାଇଁ ୨୦୨୬ର ପ୍ରଥମ ଏଡିସି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୭/୨ (ନି.ପ୍ର): ରେମୁଣା ବିଧାନସଭା ମଣ୍ଡଳୀ ସମ୍ବନ୍ଧୀୟ ୨୦୨୬ ର ପ୍ରଥମ ବିଧାନସଭା ସ୍ତରୀୟ ବିକାଶ ସମନ୍ୱୟ କମିଟି (ଇଡିସି) ବୈଠକ ଆଜି ବାଲେଶ୍ୱର କଲେକ୍ଟରେଟ୍ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା । ବୈଠକଟି ମାନ୍ୟବର ସରକାରୀ ଉପମୁଖ୍ୟ ସଚେତକ ଏବଂ ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକଟି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବାଲେଶ୍ୱର ଶ୍ରୀ ହେମନ୍ତ କୁମାର ସିଂହଙ୍କ ଆହ୍ୱାନରେ ହୋଇଥିବାବେଳେ ଜିଲ୍ଲା ପରିଷଦ ବାଲେଶ୍ୱରର ମୁଖ୍ୟ ଉନ୍ନୟନ ଅଧିକାରୀ-ସହ-ନିର୍ବାହୀ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ରାଉତ ଉପସ୍ଥିତ ଥିଲେ । ସମସ୍ତ ସମ୍ବନ୍ଧିତ ବିଭାଗୀୟ ଅଧିକାରୀ ଏବଂ ରାଜନୈତିକ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ମାନ୍ୟବର ବିଧାୟକ ଶ୍ରୀ ଦାସ ବିଭାଗ ଅନୁଯାୟୀ ଏଜେଣ୍ଡା ଆଧାରରେ ସମୀକ୍ଷା କରି ରେମୁଣା ବିଧାନସଭା ମଣ୍ଡଳୀରେ ଚାଲୁଥିବା ବିକାଶ କାର୍ଯ୍ୟର ପ୍ରଗତି ଉପରେ ଆଲୋଚନା କରିଥିଲେ । ସଦର ବ୍ଲକ୍‌ର ୧୩ଟି ଗ୍ରାମ ପଞ୍ଚାୟତ୍ ରେମୁଣା ବିଧାନସଭା ମଣ୍ଡଳୀ ଅନ୍ତର୍ଗତ । ରେମୁଣା ଏବଂ ବାଲେଶ୍ୱର ତହସିଲଦାରମାନଙ୍କ ଠାରୁ ଜାତି ପ୍ରମାଣପତ୍ର, ବିଭିନ୍ନ ପ୍ରକାର ପ୍ରମାଣପତ୍ର, ବସୁନ୍ଧରା ଯୋଜନା ଓ ଅନ୍ୟାନ୍ୟ ଭୂମି ସମ୍ବନ୍ଧୀୟ ବିଷୟରେ ସମୀକ୍ଷା କରାଯାଇଥିଲା । ପି ଏଚ୍ ଡି ଓ ଆର୍ ଡବ୍ଲୁ ଏସ ଏସ ବିଭାଗ ଦ୍ୱାରା ଅପୂର୍ଣ୍ଣ ପାଇପଲାଇନ୍ ପ୍ରକଳ୍ପ ଏବଂ ସେ ସମ୍ବନ୍ଧୀୟ ଉନ୍ନୟନ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା । ଏନ୍ ଏଚ ଏମ ର ସହକାରୀ ଇଞ୍ଜିନିୟରଙ୍କୁ ଅପୂର୍ଣ୍ଣ ସବ୍-ସେଣ୍ଟର, ପି ଏଚ ସି ଓ ସି ଏଚ ସି ସମ୍ବନ୍ଧୀୟ ଅବସ୍ଥା ଉପସ୍ଥାପନ କରିବାକୁ କୁହାଯାଇଥିଲା । ଆର୍ ଡି ( ଗ୍ରାମ୍ୟ ଉନ୍ନୟନ) ବିଭାଗ ଏବଂ ଆରଏଣ୍ଡବି (ପୂର୍ତ୍ତ) ବିଭାଗ ଦ୍ୱାରା ଚାଲୁଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ସେହିପରି ସରକାରୀ ଓଞ୍ଚଓ କଲେଜ୍ ଓ ଫାର୍ମାସ୍ୟୁଟିକାଲ୍ କଲେଜ୍ ସମେତ ଅନ୍ୟାନ୍ୟ ବିଭାଗମାନଙ୍କ ଠାରୁ ଜମିର ସ୍ଥିତି ଓ ଛାତ୍ରଛାତ୍ରୀମାନେ ଯଥାଯଥ ଭାବେ ନିଯୁକ୍ତି ପାଉଛନ୍ତି କି ନାହିଁ ତାହା ସମୀକ୍ଷା କରାଯାଇଥିଲା । ପର୍ଯ୍ୟଟନ ବିକାଶ ଅଧିକାରୀ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରକଳ୍ପ ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ପ୍ରକଳ୍ପର ପ୍ରଗତି ଉପରେ ଅବଗତ କରାଇଥିଲେ । ତାଳପଡ଼ା ପରି ଅନ୍ୟାନ୍ୟ ସୁନ୍ଦର ପର୍ଯ୍ୟଟନ ସ୍ଥଳକୁ ନେଇ ପ୍ରସ୍ତାବ ରଖିବାକୁ ସୁପାରିଶ କରାଯାଇଥିଲା । ଶିକ୍ଷା, କୃଷି, ମତ୍ସ୍ୟ ଓ ଅନ୍ୟାନ୍ୟ ସମସ୍ତ ବିଭାଗର ସମଗ୍ର ସମୀକ୍ଷା କରାଯାଇଥିଲା । ମାନ୍ୟବର ବିଧାୟକ ଶ୍ରୀ ଦାସ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତି, ବିଭାଗୀୟ ସମନ୍ୱୟ ଓ ସାଧାରଣ ଲୋକଙ୍କୁ ସେବା ପ୍ରଦାନକୁ ଆରୋ ଦୃଢ଼ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏବଂ ପରବର୍ତ୍ତୀ ବୈଠକ ୩ ମାସରେ ବସିବ ବୋଲି ଶ୍ରୀ ଦାସ କହିଥିଲେ ।

# ଖଇରବଣୀ ଆଶ୍ରମ ବିଦ୍ୟାଳୟର ଉନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବୈଶିଙ୍ଗା , ୭/୨ (ନି.ପ୍ର): ଶୁକ୍ରବାର ବେତନଟୀ ବ୍ଲକ ଅଧିନସ୍ଥ ଖଇରବଣି ଆଶ୍ରମ ବିଦ୍ୟାଳୟ ରେ ପାଳିତ ହୋଇଛି ଉନ୍ନବିଂଶ ବାର୍ଷିକ ଉତ୍ସବ । ମୁଖ୍ୟ ଅତିଥି ଭାବରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ର ବିଧାୟକ ଉତ୍ସବକୁ ସମ୍ବୋଧିତ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଗୁରଚରଣ ମଲ୍ଲିକ ପିଲାମାନଙ୍କୁ ଭଲ ମଣିଷ ହେବାର ଉପଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଅଜୟ କୁମାର ଜେନା, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସେଠୀ, ସୁଶ୍ରୀ ସ୍ମୃତିଲିପି ସାହୁ, ବ୍ଲକ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିପ୍ଳବ କର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ମଦନ ସିଂ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶ୍ରୀ ଗୁର୍ଭା ମାଝୀ ମଂଚାସୀନ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ଅନେକ ଉପାଦେୟ ଉପଦେଶ ଦେଇଥିଲେ । ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପଣ୍ଡା ମହୋଦୟ ଙ୍କୁ ଏହି ବର୍ଣ୍ଣାଢ଼୍ୟ ଉତ୍ସବ ରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ର ପୁରାତନ ଛାତ୍ର ଲଳିତ କୁମାର ମହାନ୍ତ ଓ ଶିକ୍ଷୟିତ୍ରୀ ସବିତା ଦାସ ଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କର ଚିତ୍ତାକାର୍ଷକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କର ମନ ମୋହିଥିଲା । ପ୍ରଧାନଶିକ୍ଷୟିତ୍ରୀ ବିନୀତା ଦାଶ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଶିକ୍ଷୟିତ୍ରୀ ସବିତା ଦାସ ମଞ୍ଚ ପରି ଚାଳନା କରିଥିଲେ ଓ ଶିକ୍ଷକ ଦିଲ୍ଲୀପ କୁମାର ସେଟ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟି ର ସଭ୍ୟ ସଭ୍ୟା ଏହି ଉତ୍ସବ କୁ ସାଫଲ୍ୟମଣ୍ଡିତ କରିବାରେ ସହଯୋଗ କରିଥିଲେ । ବିଭିନ୍ନ ଖବରକାଗଜର ସାମ୍ବାଦିକ ସର୍ବଶ୍ରୀ ସୀତାନାଥ ବେହେରା , ସଞ୍ଜୟ କୁମାର ମିଶ୍ର, ବିମଳେନ୍ଦୁ ମହାପାତ୍ର,ସ୍ୱରୂପ ପଟ୍ଟନାୟକ, ମଧୁସୁଦନ ମହାନ୍ତି, ଜୟନ୍ତ ମହାପାତ୍ର ପ୍ରମୂଖ ଯୋଗ ଦେଇଥିଲେ ।

# ବିଧାୟିକାଙ୍କ ଦ୍ୱାରା କମ୍ବଳ ବଣ୍ଟନ

ବାଲିଆପାଳ , ୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତରେ ଥିବା ଗରୀବ, ଅସହାୟ, ଭିନ୍ନକ୍ଷମ ଲୋକଙ୍କୁ ଶୀତ ଦାଉରୁ ଆଶ୍ୱସ୍ତି ଦେବା ପାଇଁ ଶନିବାର ବସ୍ତା ବିଧାୟିକା ସୁବାସିନି ଜେନାଙ୍କ ଦ୍ୱାରା ଡାଳୁଆ ଗ୍ରାମରେ ତପନ ଜେନାଙ୍କ ବାସଭବନରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି । ପଞ୍ଚାୟତର ସରପଞ୍ଚ ତୃପ୍ତି ଲେଖା ଜେନାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତରେ ଥିବା ୧୬ ଟି ୱାଡରୁ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ କମ୍ବଳ ବଣ୍ଟା ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିଶାକର ସେଠି,ପୂର୍ବତନ ସରପଞ୍ଚ ଶରତ ପ୍ରଧାନ, ଶାନ୍ତନୁ ଭଦ୍ର,ପୂର୍ବତନ ସଦସ୍ୟା ବନିଶିକା ଭଦ୍ର,ସମାଜସେବୀ ହରେକୃଷ୍ଣ ଜେନା, ଅଜୟ ସାମଲ, ପ୍ରଫୁଲ୍ଲ ପାତ୍ର, ମାନସ ରଞ୍ଜନ ଦାଶ, କିଶୋର ପାତ୍ର,ପ୍ରସାନ୍ତ ପାତ୍ର, ଧନଞ୍ଜୟ ଦାସ, ରାଜୀବ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida